R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୨
ତିଥି : ପ୍ରତିପଦ
୦୩ ଅକ୍ଟୋବର ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ଇସ୍ରାଏଲ ଉପରେ ଇରାନର ଆକ୍ରମଣକୁ ନେଇ ମଧ୍ୟପ୍ରାଚ୍ୟରେ ଅସ୍ଥିରତା

# ଆଉଏକ ମହାଯୁଦ୍ଧ!

ନୂଆଦିଲ୍ଲୀ, ୨।୧୦ : ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ଏବେ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି । ଇରାନର ୨୦୦ କ୍ଷେପଣାସ୍ତ୍ର ମାଡରେ ଏବେ ସମଗ୍ର ବିଶ୍ୱରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ଦେଖାଦେଇଛି । ଏହାକୁ ନେଇ ଏବେ ସୋସିଆଲମିଡିଆରେ ଚର୍ଚ୍ଚା ଓ ଟ୍ରେଣ୍ଡ ଜୋର ଧରିଛି । ଇରାନର ମିଶାଇଲ ଆକ୍ରମଣ ପରେ ଦେଶର ନାଗରିକମାନେ ସୁରକ୍ଷିତ ଆଶ୍ରୟସ୍ଥଳ ଖୋଜୁଛନ୍ତି । ଇରାନ କହିଛି ଯେ ଏହି ଆକ୍ରମଣ ପାଇଁ ଇସ୍ରାଏଲ ଦାୟୀ । କମାଣ୍ଡର ଓ ଅନ୍ୟ ନେତାମାନଙ୍କୁ ମାରିବା ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି ।



ଇସ୍ରାଏଲ ସେନା ପକ୍ଷରୁ ମଧ ଅଲ୍‌କ୍ଲିୟର ନାରା ଦିଆଯାଉଛି । ତେବେ ଇସ୍ରାଏଲମାନଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାପାଇଁ ସେମାନେ ମୁକ୍ତ ବୋଲି କୁହାଯାଇଛି । ଇରାନ ଉପରେ ଆମେ ଖୁବ୍‌ଶୀଘ୍ର ପ୍ରତିଶୋଧ ନେବୁ । ସ୍ଥାନ ଓ ସମୟ ଆମେ ଠିକ୍ କରିବୁ । ତେବେ ଇତି ମଧ୍ୟରେ ଇସ୍ରାଏଲର ବୈଦେଶିକ ମନ୍ତ୍ରୀ ଜାତିସଂଘର ମହାସଚିବ ଆଣ୍ଟିନୋ ଗଟର୍ସଙ୍କୁ ତାଙ୍କ ଦେଶକୁ ଯିବାପାଇଁ

**ଜାତିସଂଘ ମହାସଚିବଙ୍କୁ ଇସ୍ରାଏଲ ବାରଣ**

**ଭାରତରେ ଥିବା ଇସ୍ରାଏଲ ଦୂତାବାସରେ ସୁରକ୍ଷା କଡ଼ା**

**ପରିସ୍ଥିତି ପାଇଁ ଇସ୍ରାଏଲକୁ ଦାୟୀ କରୁଛି ଇରାନ**

ନିଷିଦ୍ଧ କରିଛନ୍ତି । ଜାତିସଂଘର ଏହି ବିଫଳତା ଲାଗି ସେମାନେ ନିନ୍ଦା କରିଛନ୍ତି ।

ତେବେ ଇରାନର ଇସ୍‌ଲାମିକ୍ ରିଭୋଲୁସ୍‌ନାରୀ ଗାର୍ଡ୍ସ କ୍ରପ୍ସ କମାଣ୍ଡର (୯ ପୃଷ୍ଠାରେ)

## ଦିଲ୍ଲୀ ଗଲେ ମୁଖ୍ୟମନ୍ତ୍ରୀ

# ୫ ବର୍ଷରେ ୫ ଲକ୍ଷ କୋଟି ପୁଞ୍ଜି ଲକ୍ଷ୍ୟ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ରାଜ୍ୟ ଲାଗି ପୁଞ୍ଜି ନିବେଶକୁ ଆକର୍ଷିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଆସନ୍ତା ଜାନୁଆରୀ ୨୮ ଓ ୨୯ରେ ଆରମ୍ଭ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଲାଗି ନିବେଶକାରୀଙ୍କ ଦୃଷ୍ଟି ଓଡ଼ିଶା ଉପରେ ନିବଦ୍ଧ କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ସେ ସୂଚନା ଦେଇଛନ୍ତି ।

ଦିଲ୍ଲୀ ଯିବା ପୂର୍ବରୁ ଆଜି ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ । ସେ କହିଥିଲେ ଯେ ନିବେଶକଙ୍କ ସହ ସେ ସିଧାସଳଖ ଜଣଜଣ କରି କଥା ହେବେ । ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋ କେମିକାଲ, କେମିକାଲ, ଆଇଟି



କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ ପାଇଁ ପ୍ରାଥମିକତାର ସହ ବିଭିନ୍ନ ପୁଞ୍ଜିନିବେଶକାରୀଙ୍କ ସହିତ ଆଲୋଚନା କରାଯିବ । ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକରାତ୍ମକ ଇକୋ ସିଷ୍ଟମ୍ ସମ୍ବନ୍ଧରେ ଅବଗତ କରାଇବି ।

୫ ବର୍ଷରେ ୫ ଲକ୍ଷ କୋଟି ପୁଞ୍ଜି ଆକର୍ଷିତ କରିବା (୯ ପୃଷ୍ଠାରେ)

# ୪ ସୁଦ୍ଧା ଲଘୁଚାପ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ଦକ୍ଷିଣ-ପୂର୍ବ ବାଂଲାଦେଶ ଓ ନିକଟସ୍ଥ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୪ ତାରିଖ ସୁଦ୍ଧା ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ରୂପ ନେଇପାରେ । ଏହା ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ବାତ୍ୟା ନେଇ କୌଣସି ଆକଳନ କରାଯାଇ ନାହିଁ ବୋଲି ଆଇଏମଡି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।

ଚଳିତବର୍ଷ ଶୀତକୁ ନେଇ ଶ୍ରୀ ମହାପାତ୍ର କହିଛନ୍ତି, ବର୍ତ୍ତମାନ ଏଲନିନୋ ସକ୍ରିୟ ନାହିଁ । ଏବେ ତାପମାତ୍ରା ୦.୫ ଡିଗ୍ରୀ ସେଲସିୟସ୍ ମାଇନସ୍ ରହିଛି । ପ୍ରଶାନ୍ତ ମହାସାଗରରେ ନ୍ୟୁଟ୍ରାଲ୍ ଏଲନିନୋ କଣ୍ଡିସନ୍ ଚାଲିଛି । ତେଣୁ ଆମର ଅନୁମାନ ଅକ୍ଟୋବର ଓ ନଭେମ୍ବର ମାସରେ ଲାନିନା କଣ୍ଡିସନ୍ (୯ ପୃଷ୍ଠାରେ)

# ଝିଅ ସାମ୍ନାରେ ମା'ଙ୍କୁ ଗଣବଳାତ୍କାର : ୩ ଗିରଫ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ଝିଅ ସାମ୍ନାରେ ମା'ଙ୍କୁ ଗଣବଳାତ୍କାର କରିଥିବା ୩ ଲୁଟେରାଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ଗଣବଳାତ୍କାର ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ଭାବେ କହିଥିଲେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ । ସେ ସାମ୍ବାଦିକଙ୍କୁ ଯାହା କହିଥିଲେ, ତାହା ମଧ ବଳାତ୍କାର ଲୁଟେରା ବର୍ଣ୍ଣନା କରିଛନ୍ତି । ଗିରଫ ତିନିଜଣଙ୍କ ନିକଟରୁ ପୋଲିସ ଛୁରି, କାନଫୁଲ, ମୋବାଇଲ ପ୍ରଭୃତି ଜବତ କରିଛି ।



ଗିରଫ ତିନି ଲୁଟେରା ମୈତ୍ରୀବିହାର ଥାନା ଅନ୍ତର୍ଗତ ମହିଳା ରହୁଥିବା ଆପାର୍ଟମେଣ୍ଟରେ ରହୁଥିଲେ । ଏବେ ସେମାନଙ୍କ ମଧ୍ୟରୁ ଟୁକୁନା ନାୟକ ସେହି ଆପାର୍ଟମେଣ୍ଟରେ ରହୁଛି । ଟୁକୁନା ସହାୟତାରେ ତିନିଜଣ ମିଶି ୨୮ ତାରିଖ ଦିନ ମହିଳାଙ୍କ ଘରୁ ଏକ ମୋବାଇଲ ଲୁଟ୍ କରିବା ସହ ରେକି ମଧ କରିଥିଲେ । ସେମାନେ ସେଠାରେ ରହୁଥିବାରୁ ମହିଳା ଏକୁଟିଆ ରହୁଥିବା ଜାଣି ଲୁଟ୍ ଓ ବଳାତ୍କାର ଯୋଜନା କରିଥିଲେ । ୨୮ ତାରିଖ ଦିନ ମୋବାଇଲ ଲୁଟ୍ ହୋଇଥିବା ବେଳେ ମହିଳା ଭାବିଥିଲେ ବୋଧେ ମୋବାଇଲଟି କେଉଁଠି ସେ ହଜାଇ ଦେଇଛନ୍ତି ବୋଲି । ୩ ଲୁଟେରା ୨୮ ତାରିଖ ଘଟଣା ପରେ ସାହାସର ସହ ୨୯ ତାରିଖ ରାତି ୨ଟାରେ ତାଙ୍କ ଘରେ ପଶିଥିଲେ । ମହିଳା ଜଣକ ତାଙ୍କ କବାଟ ବନ୍ଦ କରୁ କରୁ ପାର୍ଶ୍ୱରେ ଲୁଚି ରହିଥିବା ଲୁଟେରା ହଠାତ୍ କବାଟକୁ ପେଲି ଘର ଭିତରକୁ ପଶିବା ସହ ପଛପଟୁ ବନ୍ଦ କରିଦେଇଥିଲା । ଗିରଫ ବିକାଶ ନାୟକ (୨୬) ଓ ଜଗା ସିଂ (୨୫) ଘର ଭିତରକୁ ପଶିଥିବା ବେଳେ ତାଙ୍କୁ ବାହାରେ ସୁରକ୍ଷା ଦେଇଥିଲା ଟୁକୁନା ନାୟକ (୨୭) । ସେମାନେ ଲୁଟ୍ କରିବାକୁ ଭୁଲିଯାଇ ମହିଳାଙ୍କୁ ବଳାତ୍କାର କରିବା ପାଇଁ ଯୋଜନା ପ୍ରସ୍ତୁତ କରି ତାଙ୍କୁ ଉଲଗ୍ନ କରି ଘର ଚଟାଣରେ ପକାଇ ଦେଇଥିଲେ । ଛୋଟ ଝିଅ କାନ୍ଦିବାରୁ ତାକୁ ବୁଝାଇବାକୁ ମହିଳାଙ୍କୁ ଛୁରି ଦେଖାଇ ବାଧ କରିଥିଲେ । ସେ ଝିଅକୁ ମୋବାଇଲ ଦେବା ପରେ ସେ ଚୁପ୍ ହୋଇଯାଇଥିଲା । ବିକାଶ ଓ ଜଗା ଜଣକ ପରେ ଜଣେ ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବଳାତ୍କାର କରିଥିବା ବେଳେ ତାଙ୍କୁ ବାହାରେ (୯ ପୃଷ୍ଠାରେ)

# ଦୁଇ ହଜାର କୋଟିର କୋକେନ୍ ଜବତ

ନୂଆଦିଲ୍ଲୀ, ୨।୧୦ : ଦିଲ୍ଲୀ ପୋଲିସ ୫୬୬ କେଜିର ପ୍ରାୟ ୨୦୦୦ କୋଟି ମୂଲ୍ୟର କୋକେନ୍ ଜବତ କରିଛି । ରାଜଧାନୀରେ ଏହା ଏକ ବଡ ଧରଣର ନିଶାଦ୍ରବ୍ୟ ଜବତ । ଦକ୍ଷିଣ ଦିଲ୍ଲୀର ମେହେରାଉଳ ଅଞ୍ଚଳରେ ଏହି ନିଶାଦ୍ରବ୍ୟକୁ ଠାବ କରାଯାଇଥିଲା । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି । ଆଫଗାନସ୍ଥାନର ଜଣେ ନାଗରିକ ଏହି ଡ୍ରଗ୍ସ ସିଣ୍ଡିକେଟ୍ ଚଳାଉଥିଲେ



ବୋଲି ପୋଲିସ ସୂଚନା ଦେଇଛି । ଏହି କୋକେନ୍‌କୁ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ବିକ୍ରି କରାଯିବ ବୋଲି ଯୋଜନା କରାଯାଇଥିଲା ।

ଏକ ସ୍ୱତନ୍ତ୍ର ସେଲ୍ ଟିମ୍ ପ୍ରାୟ ୨ ମାସ ଧରି ଏହା ଉପରେ କାର୍ଯ୍ୟ କରୁଥିଲେ । ପାର୍ବଣ ଋତୁ ପୂର୍ବରୁ ଏତେ ପରିମାଣର ନିଶାଦ୍ରବ୍ୟ ଜବତ ବେଶ୍ ଆଲୋଡନ ସୃଷ୍ଟି କରିଛି । ଆଫଗାନର ଦୁଇ ନାଗରିକଙ୍କ ଦ୍ୱାରା ଏହି ଡ୍ରଗ୍ସ ଦିନକୁ ପୂର୍ବରୁ ଆସିଥିଲା । ଏମାନଙ୍କୁ ତିଲକନଗରରୁ ଚଢ଼ାଉ କରି ଧରାଯାଇଛି । ପୋଲିସ ୪୦୦ ଗ୍ରାମ୍ ହେରୋଇନ୍, ୧୬୦ ଗ୍ରାମ୍ କୋକେନ୍ ଦୁଇ ଅଭିଯୁକ୍ତ ହାସିମ୍ ମହମ୍ମଦ ୱାରିସ୍ ଓ ଅବ୍‌ଦୁଲ୍ ନାଏବଙ୍କୁ ଠାରୁ ଜବତ କରାଯାଇଛି । (୯ ପୃଷ୍ଠାରେ)




## ଟ୍ରକ-ବସ୍ ମୁହାଁମୁହିଁ, ୨୦ ଗୁରୁତର

କୋରାପୁଟ, ୨।୧୦ (ସବ୍ୟୁ) : କୋରାପୁଟ ଜିଲ୍ଲା ଜାତୀୟ ରାଜପଥ ୩୨୬ ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଡୁମୁରିପଦର ରାସ୍ତାରେ ବୁଧବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କାଠ ବୋଝେଇ ଟ୍ରକ୍ ସହ ବସ୍ ମୁହାମୁହିଁ ଧକ୍କା ହେବାରୁ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତଯାତ୍ରୀମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସକାଳେ 'ଏକ ଘରୋଇ ବସ୍ ଜୟପୁରରୁ ଯାତ୍ରୀମାନଙ୍କୁ ନେଇ ରାୟଗଡ଼ା ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ (୯ ପୃଷ୍ଠାରେ)








# ସଫଳତାର ମନ୍ତ୍ର

ପ୍ରତି ମଣିଷ ନିକଟରେ ଏଭଳି କୌଣସି ନା କୌଣସି ଗୁଣ ଥାଏ ଯେଉଁକାରଣରୁ ଅନେକ ସମୟରେ ସେମାନଙ୍କର ପ୍ରଗତିରେ ବାଧା ଉପୁଜିଥାଏ । ଯଦି ସମୟ ଥାଉ ଥାଉ ଏହାକୁ ସୁଧରା ନଯାଏ ତେବେ ଏହା ଖୁବ ସମସ୍ୟାରେ ପକାଇଥାଏ । ତେଣୁ ପ୍ରଥମରୁ ନିଜର ଖରାପ ଅଭ୍ୟାସ ଉପରେ ଧ୍ୟାନ ଦେବାର ଅଛି । ଯଦି ଜୀବନରେ ସଫଳତା ପାଇବାକୁ ଚାହୁଁଛନ୍ତି ତେବେ ନିଜର ଖରାପ ଗୁଣକୁ ସୁଧାରନ୍ତୁ । ନିଜ ଭିତରେ କଣ ଅଭାବ ରହୁଛି ଖୋଜନ୍ତୁ ଏବଂ ସୁଧାରନ୍ତୁ । ଯାହାଫଳରେ ଆପଣଙ୍କ ସଫଳତାର ମାର୍ଗ ସରଳ ଓ ସହଜ ହୋଇଯିବ ।



* ଅନେକ ସମୟରେ ଅଯଥାରେ ଆପଣଙ୍କ ସହିତ କେହି ନା କେହି ଝଗଡା ଲଗାଇଥାଆନ୍ତି, ସେହି ସବୁ ପରିସ୍ଥିତିରୁ ବଞ୍ଚନ୍ତୁ । ସବୁବେଳେ କୌଣସି ପରିସ୍ଥିତିରେ ପ୍ରତିକ୍ରିୟା ଦେବା ଆଗରୁ ଭାବନ୍ତୁ । ଯଦି କେହି ଅଯଥା ପରିସ୍ଥିତି ସୃଷ୍ଟି କରୁଛନ୍ତି, ସେହିଭଳି ଲୋକଙ୍କ ନିକଟରୁ ଦୂରେଇ ରୁହନ୍ତୁ । ସେମାନଙ୍କ ସହିତ ମିଳାମିଶା କମ କରନ୍ତୁ ।
* ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପରିସ୍ଥିତି ଯେପରି ବି ହୋଇଥାଉ ଆବେଗରେ ଆସି ଭୁଲ ନିଷ୍ପତ୍ତି ନିଅନ୍ତୁ ନାହିଁ । ନିଜର ପଛ ଅସଫଳତାରୁ ଶିଖି ଏହି ପରିସ୍ଥିତିକୁ ଚତୁରତାର ସହିତ ହ୍ୟାଣ୍ଡେଲ୍ କରନ୍ତୁ ।
* ସବୁବେଳେ ଅନ୍ୟ ଉପରେ ଦୋଷ ଲଦିବା ଅପେକ୍ଷା କିଛି ଭୁଲର ଦାୟିତ୍ୱ ନିଜେ ନିଅନ୍ତୁ । ଯଦି ଭୁଲ ଅଛି ତେବେ ମାନିନେବା ସହିତ କ୍ଷମା ମାଗନ୍ତୁ । ସେହି ଭୁଲକୁ ପରେ ସୁଧାରି ନିଅନ୍ତୁ ।



# ମ୍ୟୁକୋସାଇଟିସ୍

ଏହାଏକ ପ୍ରକାର ସମସ୍ୟା ଯାହା ଆମ ପାଟିରେ ହୋଇଥାଏ । ଏହି ସମସ୍ୟା ହେଲେ ରୋଗୀର ପାଟି ଓ ପାକସ୍ଥଳୀରେ ଥିବା ମ୍ୟୁକସ୍ ମେମ୍ବ୍ରେନ୍ ଫୁଲିବାକୁ ଲାଗିଥାଏ । ଏହା ସାଧାରଣତଃ କ୍ୟାନ୍ସର ପାଇଁ ଚିକିତ୍ସା ହେଉଥିବା ରୋଗୀଙ୍କର ଦେଖିବାକୁ ମିଳିଥାଏ । ଏହା କେମୋଥେରାପିର ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ । ଏହା ହେବାଦ୍ୱାରା ରୋଗୀଙ୍କୁ ଖାଦ୍ୟ ଖାଇବାରେ ଖୁବ ଅସୁବିଧା ହୋଇଥାଏ । ତେବେ ଏହା ଏକ ଅସ୍ଥାୟୀ ରୋଗ ହୋଇଥାଏ ଯାହା କିଛି ଦିନରେ ଭଲ ହୋଇଯାଇଥାଏ । ଏହା ହେବା ଦ୍ୱାରା ଆମ ପାଟିରେ ଅନେକ ପରିବର୍ତ୍ତନ ଘଟିଥାଏ । ପାଟି ଶୁଖିବା, ଲାଲ ପଡିବା, ଫୁଲିବା, ପାଟିରେ ଅଲସର୍ ହେବା, ପାଟିରେ ଧଳା ଧଳା ପ୍ୟାଚ୍ ହେବା, ରକ୍ତ ବାହାରିବା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ । ଏହି କାରଣରୁ କେତେକ ରୋଗୀଙ୍କ କ୍ଷେତ୍ରରେ ବାନ୍ତି, ପେଟରେ ଯନ୍ତ୍ରଣା, ଝାଡାରେ ରକ୍ତ ପଡିବା ଆଦି ସମସ୍ୟା ଦେଖିବାକୁ ମିଳିଥାଏ ।

# ମୃତ୍ୟୁ ପରର ପରିବର୍ତ୍ତନ

ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ପ୍ରତିମିନିଟ୍‌ରେ ସେମାଙ୍କ ଅଙ୍ଗ ପ୍ରତ୍ୟେଙ୍ଗରେ ପରିବର୍ତ୍ତନ ଘଟିଥାଏ । ଆମର ମୃତ୍ୟୁପରେ ସବୁଠାରୁ ଆଗ ମରିଥାଏ ଆମ ବ୍ରେନ୍ । କାରଣ ବ୍ରେନ୍‌କୁ ଜୀବିତ ରହିବାକୁ ଅମ୍ଳଜାନର ଆବଶ୍ୟକତା ପଡିଥାଏ ଯାହା ରକ୍ତରୁ ମିଳିଥାଏ । ତେଣୁ ଆମ ହାର୍ଟ ବନ୍ଦ ହେବାର କିଛି ସମୟ ଭିତରେ ଆମର ବ୍ରେନ୍ ମଧ୍ୟ ମରି ଯାଇଥାଏ । ସେହିଭଳି ମୃତ୍ୟୁର ଏକ ଘଣ୍ଟା ମଧ୍ୟରେ ଆମ ତ୍ୱଚାରେ ପରିବର୍ତ୍ତନ ଘଟିଥାଏ । ଏହା ଫିକା ପଡିବା ଆରମ୍ଭ କରିଥାଏ । ସେହିଭଳି ମାଂଶପେଶୀଙ୍କର ନମନୀୟତା ନଷ୍ଟ ହୋଇଯାଇଥାଏ । ଅମ୍ଳଜାନ ଅଭାବରୁ ଲିଭର କାମ କରିବା ବନ୍ଦ ହୋଇଯାଏ କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇ ନଥାଏ । ତେଣୁ ଏହାକୁ ସେହି ଏକ ଘଣ୍ଟା ମଧ୍ୟରେ ବାହାର କରି ଟ୍ରାନ୍ସପ୍ଲାଣ୍ଟ ପାଇଁ ସଂରକ୍ଷିତ କରାଯାଇଥାଏ । ଏହାପରେ ମୃତ୍ୟୁର ୨ ରୁ ୬ ଘଣ୍ଟା ମଧ୍ୟରେ ଆମ ଶରୀରରେ ରସାୟନିକ ପରିବର୍ତ୍ତନ ହେବା ଆରମ୍ଭ ହୋଇଥାଏ । ଯାହାଫଳରେ ମାଂସପେଶୀ ଗୁଡିକ ଷ୍ଟିଫ୍ ହେବା ଆରମ୍ଭ କରନ୍ତି । ମୃତ୍ୟୁର ୬ ଘଣ୍ଟା ପରେ ଆମ ଶରୀରରେ ଏକ ଏଞ୍ଜାଇମ୍ ନିର୍ଗତ ହେବା ଆରମ୍ଭ ହୁଏ ଯାହା ଆମ ଶରୀରକୁ ଡିକମ୍ପୋଜ୍ କରିବା ଆରମ୍ଭ କରିଥାଏ । ଏହି ପ୍ରକ୍ରିୟାରେ ଶରୀରର ଟିସ୍ୟୁ ଗୁଡିକ ନଷ୍ଟ ହେବା ଆରମ୍ଭ ହୋଇଥାଏ ।



ଚୀନ୍‌ରେ ଦେଖିବାକୁ ମିଳିଛି ୩୬୦୦ ବର୍ଷର ଚିଜ୍ (ଛେନାର ଏକ ପ୍ରକାର) । ଏହି ଚିଜ୍‌ଟି ଗୋଟିଏ କଫିନ୍ ଭିତରେ ମିଳିଛି, ଯାହା ତିନି ହଜାର ବର୍ଷ ତଳେ ମାଟିତଳେ ପୋତା ଯାଇଥିଲା । ସମ୍ପୃକ୍ତ କଫିନ୍‌ଟି ଜଣେ ଯୁବତୀଙ୍କର ହୋଇଥିବା ଜଣା ପଡିଛି । ୨୦୦୩ରେ ମିଳିଥିବା ଏହି କଫିନ୍‌ର ଚିଜ୍ ଦୁନିଆର ସର୍ବପୁରାତନ ଚିଜ୍ ବୋଲି ବୈଜ୍ଞାନିକ ବର୍ତ୍ତମାନ ଘୋଷଣା କରିଛନ୍ତି । ଚିଜ୍‌ଟି ଖୁବ ଶୃଙ୍ଖଳା ସହିତ କଠିନ ହୋଇଯାଇଥିବା ଦେଖିବାକୁ ମିଳିଛି । ଚିଜ୍‌ଟି କଫିନ୍‌ରେ ଥିବା ମମିର ନେକଲେସ୍‌ରେ ରହିଥିବା ଜଣା ପଡିଛି । ଏହି କଫିନ୍‌ରେ କେବଳ ଚିଜ୍ ନୁହେଁ ସେହି ମହିଳାଙ୍କର ଜୋତା, ଟୋପି ଭଳି ଅନେକ ସାମଗ୍ରୀ ପୋତା ଯାଇଥିଲା ଯାହା ମିଳିଛି । ସମସ୍ତ ସାମଗ୍ରୀକୁ ଖୁବ ସର୍ତକତାର ସହିତ ମାଟିତଳେ ଅର୍ଥାତ ଏକ ମରୁଭୂମିରେ ପୋତା ଯାଇଛି । ଏହି ଚିଜ୍‌କୁ କେଫିର୍ ଶସ୍ୟ ଓ ଗାଈ ଓ ଛେଳିର କ୍ଷୀରକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଛି ।

# ୩ ହଜାର ବର୍ଷର ଚିଜ୍



## ସୋସିଆଲ କୋଟ୍ସ



ଅଭିନୟରେ କ୍ୟାରିୟର ଆଗକୁ ନେବାକୁ ଇଚ୍ଛା ଅଛି, ଫିଲ୍ମ କରିବାକୁ ଚାହୁଁଛି । ହେଲେ ମୋର କିଛି ସର୍ତ୍ତ ରହିଛି, ଫିଲ୍ମରେ ଇଣ୍ଟିମେଟ୍ ସିନ୍ କରିବି ନାହିଁ । କେବଳ ଅଭିନୟ କରିବାକୁ ଇଚ୍ଛା ଅଛି ।
**ମଦାଲସା ଶର୍ମା, ଅଭିନେତ୍ରୀ**




ମୁଁ ସେଟ୍‌ରେ ଅନେକ କିଛି ସହିଛି । ମୋତେ ସେଟ୍‌ରେ ଟର୍ଚର ମଧ୍ୟ କରାଯାଇଛି । ଅନେକ ସମୟରେ ସେଟ୍‌ରେ ମୋ ସହିତ ଖରାପ ବ୍ୟବହାର ମଧ୍ୟ ହୋଇଛି ।
**ଜିୟା ଶଙ୍କର, ଅଭିନେତ୍ରୀ**



ଯେତେବେଳେ ଆଜି କାଲିର ୟଙ୍ଗ ଆକ୍ଟ୍ରେସ୍‌ଙ୍କୁ ଇଣ୍ଟରନ୍ୟାସନାଲ ଇଭେଣ୍ଟରେ ଭାଗନେଉଥିବାର ଦେଖୁଛି, ସେତେବେଳେ ଇର୍ଷା ହେଉଛି । ଆମକୁ ସେତେବେଳେ ଏତେ ଏକ୍ସପୋଜର୍ ମିଳୁନଥିଲା ।
**ନୀନା ଗୁପ୍ତା, ଅଭିନେତ୍ରୀ**

## ଇତିହାସ

୧୮୯୦– ଓଡିଶାର ଜଣେ ବିଖ୍ୟାତ୍ ସମାଜସେବୀ ତଥା ଲେଖକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଜନ୍ମ ।
୧୯୨୩– ଭାରତର ପ୍ରଥମ ମହିଳା ସ୍ନାତକ ତଥା ପ୍ରଥମ ମହିଳା ଚିକିତ୍ସକ କାଦମ୍ବିନୀ ଗାଙ୍ଗୁଲିଙ୍କ ପରଲୋକ ।
୧୯୫୩– ପ୍ରସିଦ୍ଧ ନ୍ୟାୟବିତ୍, ଅଧିବକ୍ତା ତଥା ଶିକ୍ଷାଶାସ୍ତ୍ରୀ ଆଲ୍ଲାଦି କ୍ରୀଷ୍ଣାସ୍ୱାମୀ ଆୟରଙ୍କ ଦେହାନ୍ତ ।
୧୯୫୩– ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ରାଙ୍କ ଜନ୍ମ ।
୧୯୭୭– ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭ୍ରଷ୍ଟାଚାର ଅଭିଯୋଗରେ ଗିରଫ କରାଗଲା ।
୧୯୭୮– କୋଲକାତାରେ ପ୍ରଥମ ଓ ଦ୍ୱିତୀୟ ଟେଷ୍ଟଟ୍ୟୁବ୍ ଶିଶୁର ଜନ୍ମ ।
୧୯୮୪– ଭାରତର ସର୍ବାଧିକ ଦୂରତାବିଶିଷ୍ଟ ଟ୍ରେନ୍ ହିମସାଗର ଏକ୍ସପ୍ରେସ୍ କନ୍ୟାକୁମାରୀରୁ ଜମ୍ମୁ ତାୱି ପାଇଁ ବାହାରିଲା ।
୧୯୯୨– ବିଶ୍ୱ ପ୍ରଫେସନାଲ୍ ବିଲିୟାର୍ଡ୍ସ ଚାମ୍ପିଅନ୍‌ସିପ୍‌ରେ ଗୀତ ସେଠୀ ବିଜୟୀ ।



ନିକଟରେ ଭାରତକୁ ମିଳିଛି ମିନି ମୁନ୍ । ଏହି ମୁନ୍‌ର ନାମ ରହିଛି ୨୦୨୪ ପିଟି ୫, ଯାହାର ବ୍ୟାସ ୧୦ ମିଟର ରହିଛି। ଏହି ଉପଗ୍ରହଟି ପାଖାପାଖି ୫୩ ଦିନ ପର୍ଯ୍ୟନ୍ତ ପୃଥିବୀର କକ୍ଷପଥରେ ରହିବ । ପୃଥିବୀର ଉପଗ୍ରହ ଚନ୍ଦ୍ରଠାରୁ ଏହା୩,୫୦,୦୦୦ ଗୁଣ ଛୋଟ । ତେଣୁ ଏହାକୁ ଦେଖିବାକୁ ଟେଲିସ୍କୋପର ସାହାଯ୍ୟ ନେବାକୁ ହେବ । ଏହି ଉପଗ୍ରହଟି ଏକ ଆଷ୍ଟ୍ରୋଏଡ ଅଟେ ଯାହାକୁ ୭ ଅଗଷ୍ଟରେ ଖୋଜାଯାଇଥିଲା । ଏହା ପୃଥିବୀର କକ୍ଷରେ ନଭେମ୍ବର ୨୫ ପର୍ଯ୍ୟନ୍ତ ରହିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ସୂଚନାଅନୁସାରେ ଏହାର ବେଗ ଖୁବ କମ ରହିଛି, ଯେଉଁ କାରଣରୁ ଏହ । ପୃଥିବୀର ଗୋଟିଏ ଚକ୍କର ମଧ୍ୟ ପୂରା କରିପାରିବ ନାହିଁ । ଏହା ଆମ ସୋଲାର ସିଷ୍ଟମରେ ଥିବା ଆଷ୍ଟ୍ରୋଏଡ୍‌ସ ସମୂହ ଅର୍ଜୁନ ଆଷ୍ଟ୍ରୋଏଡ୍ ବେଲ୍ଟର ଏକ ଅଂଶ । ୨୫ ନଭେମ୍ବର ପରେ ଏହି ଆଷ୍ଟ୍ରୋଏଡ୍‌ଟି ପୃଥିବୀର ଗ୍ରାଭିଟିରୁ ମୁକ୍ତ ହୋଇ ସୂର୍ଯ୍ୟଙ୍କର କକ୍ଷକୁ ଫେରିଯିବ । ଏହାପୂର୍ବରୁ ୧୯୮୧ରେ ପୃଥିବୀକୁ ୨୦୨୨ଏନ୍‌ଏକ୍ସ୧ ନାମକ ଏକ ମିନି ମୁନ ମିଳିଥିଲା ।

# ଭାରତର ମିନି ମୁନ୍



ଟିଭିର ପପୁଲାର ଅଭିନେତ୍ରୀ ଦଲଜିତ୍ କୌର ବିଗତ କିଛି ଦିନ ଧରି ନିଜ ପର୍ସନାଲ ଲାଇଫ୍‌କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ଗତ ବର୍ଷ ବିବାହ କରିଥିବା ଦଲଜିତ୍ ବର୍ତ୍ତମାନ ଏକା ହୋଇଯାଇଛନ୍ତି । ବିବାହର ମାତ୍ର କିଛି ମାସ ପରେ ହିଁ ଦଲଜିତ୍ ସ୍ୱାମୀ ନିଖିଲଙ୍କୁ ଛାଡି ଭାରତ ଫେରି ଆସିଥିଲେ । ତେବେ ଭାରତ ଆସିବା ପରେ ତାଙ୍କର ସମସ୍ୟା ବଢିଯାଇଛି । ବର୍ତ୍ତମାନ ସେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଭାରତରେ ତାଙ୍କର କୌଣସି ସଠିକ୍ ଠିକଣା ନାହିଁ । ସେ ଏକ ସୁଟ୍‌କେସରେ ଜୀବନ ବିତାଉଥିବା ପ୍ରକାଶ କରିଛନ୍ତି । ଅର୍ଥାତ କୌଣସି ସ୍ଥାୟୀ ଠିକଣା ନଥିବାରୁ ଦଲଜିତ୍ ନିଜ ସୁଟକେଶ ଉଠାଉଛନ୍ତି କେଉଁ ବି ସ୍ଥାନରେ ରହୁଛନ୍ତି । ତେବେ ଏତେ ସମସ୍ୟା ଭିତରେ ବି ସେ ନିଜ ନୂଆ ଜୀବନ ଆରମ୍ଭ କରିବାକୁ ଆଶାବାଦୀ ଅଛନ୍ତି । ନିଜ ପୁଅ ପାଇଁ ସେ ସବୁକିଛି କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି । ଏ ସମସ୍ତ ବିଷୟରେ ସେ ନିଜର ନୂଆ ଟ୍ରାଭେଲ୍ ବ୍ଲଗ୍‌ରେ ଫ୍ୟାନଙ୍କ ସହିତ ସେୟାର କରୁଛନ୍ତି । କିଭଳି ପ୍ରେମରେ ପଡିବା ପରେ ଲୋକମାନେ ନିଜର ଆର୍ଥିକ ସ୍ଥିତିକୁ ନଜର ଅନ୍ଦାଜ କରନ୍ତି ଏବଂ ପରେ ହଇରାଣ ହୋଇଥାଆନ୍ତି ସେ ବିଷୟରେ ପ୍ରକାଶ କରିଛନ୍ତି । ଆଗକୁ ସେ ଏଭଳି ଭୁଲ ଜୀବନରେ କେବେ ବି କରିବେ ନାହିଁ ବୋଲି ମଧ୍ୟ କହିଛନ୍ତି ।

# ଦଲଜିତ୍‌ଙ୍କ ସମସ୍ୟା

# ରୁଟି ନୁଡୁଲ୍ସ

**ସମାଗ୍ରୀ–** ଅଟା, ପିଆଜ, ରସୁଣ କଟା, ଗାଜର, କ୍ୟାପସିକମ୍, ପତ୍ର କୋବି କଟା, ଗୋଲମରିଚ ଗୁଣ୍ଡ, ସୋୟା ସସ୍, ଚିଲି ସସ୍, ଭିନେଗାର, ଟମାଟୋ ସସ୍ ।

**ପ୍ରଣାଳୀ–** ପ୍ରଥମେ ଅଟାକୁ ଚକଟି ଛୋଟ ଛୋଟ ରୁଟି ବେଲି ନିଅନ୍ତୁ । ପରେ ଏହାକୁ କଞ୍ଚା ଅବସ୍ଥାରେ ଫୁଟା ପାଣିରେ କିଛି ସମୟ ପକାଇ ଏହା ଅଳ୍ପ ଫୁଲିବା ପରେ ଏହାକୁ କାଢି ନିଅନ୍ତୁ । ଏହାପରେ ଏହାକୁ ଲମ୍ବା ଲମ୍ବା କରି ନୁଡୁଲ୍ସ ଭଳି କାଟି ନିଅନ୍ତୁ । ବର୍ତ୍ତମାନ ପ୍ୟାନରେ ତେଲ ପକାଇ ଏଥିରେ ପୂର୍ବରୁ କାଟି ରଖିଥିବା ପିଆଜ ଓ ରସୁଣ ପକାନ୍ତୁ । ଏହା ଅଳ୍ପ ଭାଜି ହୋଇବାପରେ ଏଥିରେ ସମସ୍ତ କଟା ପରିବାକୁ ପକାନ୍ତୁ । ପରିବାକୁ ଅଳ୍ପ ଭାଜିବା ପରେ ଏଥିରେ ଗୋଲମରିଚ ଗୁଣ୍ଡ, ଲୁଣ, ଧନିଆ ଗୁଣ୍ଡ, ସମସ୍ତ ସସ୍ ଓ ଭିନେଗାର ପକାଇ କିଛି ସମୟ ଭାଜନ୍ତୁ । ଅଳ୍ପ ସମୟରେ ପରେ ଏଥିରେ ଅଟାରୁ ପ୍ରସ୍ତୁତ ନୁଡୁଲ୍ସ ପକାଇ ଗୋଳାଇ ଦିଅନ୍ତୁ । ଧ୍ୟାନ ରଖିବେ ଏଥିରେ ପାଣି ଯମାରୁ ଦେବେ ନାହିଁ । ଅଳ୍ପ ଗୋଳାଇବା ପରେ ପ୍ରସ୍ତୁତ ହୋଇଯିବ ରୁଟି ନୁଡୁଲ୍ସ ।



## ଗାନ୍ଧୀ ସ୍ମୃତିପୀଠ ତେଲେଙ୍ଗାପେଣ୍ଠରେ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ

# ଗାନ୍ଧିଜୀଙ୍କ ପାଇଁ ଓଡିଶା ଥିଲା 'ପ୍ରେମର ଭୂମି' : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ଫୁଲନଖରା,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତେଲେଙ୍ଗାପେଣ୍ଠରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନରେ ଯୋଗଦେଇ କହିଛନ୍ତି ଯେ ଗାନ୍ଧୀଜୀଙ୍କ ପାଖରେ ମନୁଷ୍ୟତ୍ୱ ଓ ଦିବ୍ୟତ୍ୱ ଏକାକାର ହୋଇଯାଇଥିଲା । ଗାନ୍ଧିଜୀ ହେଉଛନ୍ତି ସମଗ୍ର ମାନବ ଜାତିର ସଂପଦ । ସମଗ୍ର ବିଶ୍ୱର ଆଦର୍ଶ । ତାଙ୍କ ଜୀବନ ଥିଲା ସତ୍ୟ ସହ ନିରନ୍ତର ପରୀକ୍ଷା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାନ୍ଧିଜୀ ତେଲେଙ୍ଗାପେଣ୍ଠକୁ ଆସି ଏଠାରେ ସମସ୍ତଙ୍କୁ ସ୍ୱାଧିନତା ସଂଗ୍ରାମ ପାଇଁ ଅନୁପ୍ରାଣିତ କରିଥିଲେ । ଗାନ୍ଧିଜୀଙ୍କ ପାଦ ପଡିଥିବା ଏହି ତେଲେଙ୍ଗାପେଣ୍ଠର ମାଟି ଅତି ପବିତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାମ କରିବାକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ତେଲେଙ୍ଗାପେଣ୍ଠର ପବିତ୍ର ମାଟିରେ ବାପୁଙ୍କୁ ପୁଣି ଥରେ ସମ୍ମାନ ଜଣାଇ ତାଙ୍କ ଆଦର୍ଶରେ ଚାଲିବା ଏବଂ ଦେଶ ପାଇଁ ତାଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ପୂରଣ କରିବା ଦିଗରେ କାମ କରିଚାଲିବା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ଥିଲା ଗାନ୍ଧୀଜୀଙ୍କ ଆଦର୍ଶଛ ସେ କହୁଥିଲେ ଯେ ଯେଉଁଠାରେ ସ୍ୱଚ୍ଛତା ଥାଏ, ସେଠାରେ ଭଗବାନ ବାସ କରନ୍ତି । ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଗାନ୍ଧୀଜୀଙ୍କର ଆଉ ଏକ ସ୍ୱପ୍ନ ଥିଲା ସମାଜର ଶେଷ ଧାଡିର ଥିବା ଲୋକର ବିକାଶ ଓ କଲ୍ୟାଣ ।



ଆଜି ଦେଶର ୮୦ କୋଟି ଲୋକଙ୍କୁ ମାଗଣା ରାସନ ମିଳୁଛି । ଗାଁ ଗାଁ ରେ ପକ୍କା ସଡକ, ପିଇବା ପାଣି, ବିଜୁଳି – ଏପରିକି ଇଣ୍ଟରନେଟ୍ ସୁବିଧା ମଧ୍ୟ ମିଳିପାରୁଛି । ଦଳିତ, ଗରିବ ଓ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୋଦୀଜୀ ଉତ୍ସର୍ଗୀକୃତ ଭାବେ କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଲେ ଯେ ଓଡିଶାରେ ଆମ ସରକାର ମାତ୍ର ୪ ମାସ ମଧ୍ୟରେ ରାଜ୍ୟର ଏକ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଦେବା ଆରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ କଟକ ସାଂସଦ ଭର୍ତ୍ତୃହରି ମହତାବ ଗାନ୍ଧିଜୀଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡମ୍ବା– ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସିଏମସି କମିଶନର ଅନାମ ଚରଣ ପାତ୍ର ଏବଂ କଟକ ମୁନିସପାଲ କର୍ପୋରେସନର କର୍ପୋରେଟର ମାନେ ଯୋଗଦେଇଥିଲେ ।

ମୁଖ୍ୟମନ୍ତ୍ରୀ ତେଲେଙ୍ଗାପେଣ୍ଠରେ ପହଞ୍ଚିବା ପରେ ଏକ 'ରୋଡ ସୋ'ରେ ହଜାର ହଜାର ଲୋକଙ୍କ ସହିତ ଗାନ୍ଧୀ ସ୍ମୃତି ପୀଠକୁ ଯାଇଥିଲେ । ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ସେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ରେ ସେଠାରେ ଏକ ନାଗେଶ୍ୱର ଗଛର ଚାରା ରୋପଣ କରିଥିଲେ । ଏହା ପରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସେଠାରେ ଶ୍ରମ ଦାନ ମଧ୍ୟ କରିଥିଲେ । ଆନ୍ତର୍ଜାତିକ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ସେଠାରେ ଗାନ୍ଧିଜୀଙ୍କ ଏକ ପ୍ରତିମୂର୍ତ୍ତୀ ନିର୍ମାଣ କରିଥିଲେ । ଶ୍ରୀ ରଥ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଏକ ପୋଟ୍ରେଟ୍ ମଧ୍ୟ ଉପହାର ଦେଇଥିଲେ । ମୁଖ୍ୟମନ୍ତ୍ରୀ ସେଠାରେ ବିଭିନ୍ନ ପ୍ରତିଯୋଗୀତା ମୂଳକ କାର୍ଯ୍ୟକ୍ରମରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ଏବଂ ବିଶିଷ୍ଟ ସମାଜସେବୀ ଓ ସାମାଜିକ ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ୧୦ଜଣ ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ପ୍ରଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକ ସଂମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଗାନ୍ଧି ସ୍ମୃତି ସମ୍ବଳିତ ଏକ ଫଟୋ ଚିତ୍ର ପ୍ରଦର୍ଶନୀ ଉଦ୍ଘାଟନ କରିବା ସହିତ ବୁଲି ଦେଖିଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର ପକ୍ଷରୁ ଭାରତ ମସଲା ଏମଡିଙ୍କୁ ପ୍ରଶଂସାପତ୍ର



କଟକ (ସବ୍ୟୁ) : ସର୍ବଦା ସେବାମୂଳକ କାର୍ଯ୍ୟ କରି ପ୍ରଶଂସିତ ହେଉଛି ଭାରତ ମସଲା କମ୍ପାନୀ । ଉକ୍ତ ସଂସ୍ଥା ବ୍ୟବସାୟୀ ବ୍ୟତୀତ ଜନହିତକର କାର୍ଯ୍ୟ ନିରନ୍ତର ଭାବେ ଜାରି ରଖିଛି । କେତେବେଳେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ତ ଆଉ କେତେବେଳେ କମ୍ପାନୀ ପକ୍ଷରୁ ରାମଦାସପୁରରେ ବିଶାଳ ରକ୍ତଦାନ ଶିବିର ସଫଳତା ପୂର୍ବକ ଆୟୋଜନ କରାଯାଉଛି । ଏଥି ନିମନ୍ତେ କଟକସ୍ଥିତ କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର ପକ୍ଷରୁ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ପ୍ରଶଂସା ପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି । ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ପରିପ୍ରେକ୍ଷୀରେ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ରୋଟାରୀ କ୍ଲବ ଜାରକା ପକ୍ଷରୁ ସାକ୍ଷରତା ଅଭିଯାନ

ଧର୍ମଶାଳା (ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକା ରୋଟାରୀ କ୍ଲବ ପକ୍ଷରୁ କୁମାରୀ ପଂଚାୟତ ଜାଲସୁଖା ଶବରସାହିସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସଂପାଦକ ଜୟ ପ୍ରକାଶ ତ୍ରୀପାଠୀ,ପି ପି ଜୟନ୍ତ କୁମାର ସାହୁ,ସଦସ୍ୟ ନିରଞ୍ଜନ ପାଣିଗ୍ରାହୀ,ପ୍ରମୋଦ ସାମଲ ଓ ସୁକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଖାତା,କଲମ, ପେନସିଲ୍,ରବର କଲର ପେନସିଲ, ସ୍କେଲ, ବିସ୍କୁଟ, ଚକୋଲେଟ୍ ଆଦି ବଂଟନ କରିଥିଲେ । ଏଥିସହ ସେଠାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିଥିଲେ। ଜାଲସୁଖା ଗ୍ରାମର ଛାତ୍ରଛାତ୍ରୀମାନଙ୍କର ଶିକ୍ଷାରେ କିପରି ବିକାଶ ହୋଇପାରିବ ସେ ସମ୍ପର୍କରେ ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିଲେ ।

## ଦଶହରା ଛୁଟି ପରେ ହେବ ନବମ ଓ ଦଶମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା : ଓଷ୍ଟା

କଟକ (ସବ୍ୟୁ) : ଚଳିତ ବର୍ଷ ଅକ୍ଟୋବର ମାସ ୪ ତାରିଖରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ନିମନ୍ତେ ଅର୍ଦ୍ଧବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା, କିନ୍ତୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଯଥା– ବ୍ଲକ୍ସ୍ତରୀୟ ସୁରଭି, ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ତଥା ରାଜ୍ୟର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସ୍କିମାଟିକ୍ ଶିକ୍ଷକ ନିଯୁକ୍ତିମେଳା ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବାରୁ ଏହି ପରୀକ୍ଷାକୁ ଦଶହରା ଛୁଟି ପରକୁ ଘୁଞ୍ଚାଇ ଦିଆଯାଇଛି । ରାଜ୍ୟର ପ୍ରାୟ ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରୀକ୍ଷା ପାଇଁ ଓଷ୍ଟା ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଥିବା ପ୍ରଶ୍ନପତ୍ର ବିତରଣ କେନ୍ଦ୍ରଗୁଡ଼ିକୁ ପଠାଇବାର ବନ୍ଦୋବସ୍ତ କରିଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି । ଚଳିତ ବର୍ଷ ଓଷ୍ଟା ତରଫରୁ ନବମ ଓ ଦଶମ ଶ୍ରେଣୀ ପାଇଁ ଅର୍ଦ୍ଧବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ଼ ନିର୍ଦ୍ଧାରିତ ମୂଲ୍ୟାୟନ ପଦ୍ଧତିରେ ପ୍ରସ୍ତୁତ କରାଯାଇ ଓଡ଼ିଶାର ସମସ୍ତ ସ୍କୁଲକୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଯେଉଁ ବିଦ୍ୟାଳୟମାନେ ସେମାନଙ୍କର ପ୍ରଶ୍ନପତ୍ର ନେବା ପାଇଁ ଇଣ୍ଡେଣ୍ଟ ବିଭିନ୍ନ ମାଧ୍ୟମରେ ଓଷ୍ଟା କାର୍ଯ୍ୟାଳୟକୁ ପଠାଇ ସାରିଛନ୍ତି ସେମାନେ ପୁନର୍ବାର ପଠାଇବାର ଆବଶ୍ୟକତା ନାହିଁ । ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଅର୍ଦ୍ଧବାର୍ଷିକ ପରୀକ୍ଷା କେଉଁ ତାରିଖରେ ହେବ ଅକ୍ଟୋବର ମାସ ୫ ଓ ୬ ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକାରୀ କିମିଟି ବୈଠକର ନିଷ୍ପତ୍ତି ପରେ ବିଦ୍ୟାଳୟମାନଙ୍କୁ ଜଣାଇ ଦିଆଯିବ ।

ସମୟ କାର୍ଯ୍ୟାଳୟରେ ସମୟର ଅଷ୍ଟବିଂଶ ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ କେକ୍ କଟାଯାଇ ଉତ୍ସବକୁ ପାଳନ କରାଯାଇଥିଲା । ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ଏହି ଉତ୍ସବରେ ସମୟ ନିର୍ଦ୍ଦେଶିକା ଅନିତା ମହାନ୍ତିଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।





### ଏସ୍‌ବିଆଇ କାର୍ଡ ପକ୍ଷରୁ

# କ୍ରିସଫ୍ଲାୟର ଏସ୍‌ବିଆଇ କାର୍ଡ ପ୍ରଚଳନ

ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ପିୟୋର-ପ୍ଲେ କ୍ରେଡିଟ କାର୍ଡ ଯୋଗାଣକାରୀ ଏସ୍‌ବିଆଇ କାର୍ଡ, ସିଙ୍ଗାପୁରର ରାଷ୍ଟ୍ରୀୟ ବିମାନ ଚଳାଚଳ ସଂସ୍ଥା ସିଙ୍ଗାପୁର ଏୟାରଲାଇନ୍ସ ଲିମିଟେଡ (ଏସଆଇଏ) ସହଯୋଗୀତାରେ କ୍ରିସଫ୍ଲାୟର ଏସ୍‌ବିଆଇ କାର୍ଡ ପ୍ରଚଳନ କରିଛି। ଏହା ଏହି ଧରଣର ପ୍ରଥମ ଭ୍ରମଣ କୈନ୍ଦ୍ରିକ ମିଳିତ ବ୍ରାଣ୍ଡିଂ ହୋଇଥିବା କ୍ରେଡିଟ କାର୍ଡ ଏବଂ ଏହାକୁ ସୁପର-ପ୍ରିମିୟମ କାର୍ଡଧାରୀଙ୍କର ଆବଶ୍ୟକତା ପୂରଣ ନିମନ୍ତେ ଡିଜାଇନ କରାଯାଇଛି, ଯାହା ସିଙ୍ଗାପୁର ଏୟାରଲାଇନ୍ସ, ସ୍କୁଟ ଏୟାରଲାଇନ, କ୍ରିସ୍‌ଶପ୍ ଡଟ୍ କମ୍, କ୍ରିସ୍‌ଲାଇଫଷ୍ଟାଇଲ ଆପ୍ ଏବଂ ପେଲାଗୋକୁ ନେଇ ଗଠିତ ଏସଆଇଏ ଗ୍ରୁପ୍ ସହିତ ଆକାଶ ମାର୍ଗ ଏବଂ ଭୂଭାଗରେ ଅନନ୍ୟ ସୁବିଧା ସୁଯୋଗ ଯୋଗାଇ ଦେଉଛି। ନୂଆକରି ପ୍ରଚଳନ କରାଯାଇଥିବା କ୍ରେଡିଟ କାର୍ଡ ଦୁଇଟି ପ୍ରକାରରେ ଉପଲବ୍ଧ ହେଉଛି ତାହା ହେଉଛି କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଏବଂ




କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଆପେକ୍ସ ।

ଏହି ସହଭାଗୀତା ସହିତ କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଗ୍ରାହକମାନେ ସେମାନଙ୍କର ଭ୍ରମଣକାଳୀନ ଖର୍ଚ୍ଚ ଉପରେ ତ୍ୱରାନ୍ୱିତ ରିୱାର୍ଡ ଏବଂ ଉଲ୍ଲେଖନୀୟ ଫାଇଦା ଉପଭୋଗ କରିବା ସୁଯୋଗ ପାଇବେ। କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡରେ ୩,୦୦୦ କ୍ରିସ୍‌ଫ୍ଲାୟର ମାଇଲସ୍ ଏବଂ କ୍ରିସ୍‌ଫ୍ଲାୟର ଏସ୍‌ବିଆଇ କାର୍ଡ ଆପେକ୍ସରେ ୧୦,୦୦୦ କ୍ରିସ୍‌ଫ୍ଲାୟର ମାଇଲସ୍ ଭଳି ଅନନ୍ୟ ସ୍ୱାଗତକାଳୀନ ଅଫରରେ ଭରପୂର ଏହି କାର୍ଡଗୁଡିକ ସେମାନଙ୍କର ଗ୍ରାହକଙ୍କୁ ଅତୁଳନୀୟ ଆରାମ ଏବଂ ବିଳାସପୂର୍ଣ୍ଣ ବ୍ୟବସ୍ଥା ଯୋଗାଇଦେବ । କାର୍ଡଧାରୀମାନେ ବର୍ଷକୁ ୮୦,୦୦୦ ଅଥବା ତାହାଠାରୁ ଅଧିକ କ୍ରିସ୍‌ଫ୍ଲାୟର ମାଇଲସ୍ ଉପାର୍ଜନ କରିପାରିବେ । ଗ୍ରାହକମାନେ ଏସ୍‌ବିଆଇ କାର୍ଡ ୱେବସାଇଟ ଏସ୍‌ବିଆଇକାର୍ଡ.କମ୍ କୁ ଯାଇ ଏସ୍‌ବିଆଇ କାର୍ଡ ସ୍ପ୍ରି ଜରିଆରେ ଡିଜିଟାଲ ପଦ୍ଧତିରେ କାର୍ଡ ନିମନ୍ତେ ନିଜ ନାମ ପଞ୍ଜିକୃତ କରିପାରିବେ ଏବଂ ଅଫ୍‌ଲାଇନରେ ଏସ୍‌ବିଆଇ କାର୍ଡ ରିଟେଲ କିଓସ୍କଗୁଡ଼ିକୁ ଯାଇ ନାମ ପଞ୍ଜିକୃତ କରିପାରିବେ ।

### ଭୁବନେଶ୍ୱରରେ ଅଫିସ ଖୋଲିବ

## ମୋତିଲାଲ ଓସ୍ୱାଲ ଫାଇନାନସିଆଲ ସର୍ଭିସେସ

ଭୁବନେଶ୍ୱର,(ସବ୍ୟୁ): ମୋତିଲାଲ ଓସ୍ୱାଲ ଫାଇନାନସିଆଲ ସର୍ଭିସେସ ଓଡ଼ିଶାରେ ଆର୍ଥିକ ବର୍ଷ ୨୫ ସୁଦ୍ଧା ନୂଆ ସହଭାଗୀ ନିଯୁକ୍ତ ଦ୍ୱାରା ବ୍ୟବସାୟ ସମ୍ପ୍ରସାରଣ କରିବା ଯୋଜନା ସମ୍ପର୍କରେ ଘୋଷଣା କରିଛି । ଏହି ନବନିଯୁକ୍ତ ସହଭାଗୀମାନେ ଏମଓଏଫଏସଏଲର ନବୋନ୍ମେଷୀ ସାଧନ, ସହଯୋଗ ଏବଂ ବିଶେଷ ଅଭିଜ୍ଞତାର ସୁଯୋଗ ପାଇପାରିବେ ଏବଂ ତାହାସହିତ ଏହାର ବିବିଧ ଗବେଷଣା ସାମର୍ଥର ସୁଯୋଗ ନେଇପାରିବେ । ସେମାନେ ମଧ ଇକ୍ୱିଟି ଏବଂ କମୋଡିଟି ଆଦି ଟ୍ରେଡିଂ କରିବା ନିମନ୍ତେ ଏମଓଏଫଏସଏଲର ଟ୍ରେଡିଂ ପ୍ଲାଟଫର୍ମକୁ ବବହାର କରିବାକୁ ସମର୍ଥ ହେବେ । ଏମଓଏଫଏସଏଲ ମଧ ଆର୍ଥିକ ବର୍ଷ ୨୫ରେ ଭୁବନେଶ୍ୱରରେ ୩୩୦୦ ବର୍ଗଫୁଟର ଏକ ଅଫିସ ଖୋଲୁଛି, ତାହାସହିତ ୨୦୨୫ ସୁଦ୍ଧା ୭୮ ନୂଆ ବବସାୟିକ ସହଯୋଗୀ ଯୋଗ କରିବ । ଓଡ଼ିଶା ଏମଓଏଫଏସଏଲ ନିମନ୍ତେ ଏକ ପ୍ରମୁଖ ବଜାର ହୋଇ ରହିଆସିଛି, ଏବଂ ଏହାର ରାଜଧାନୀ ଭୁବନେଶ୍ୱର କମ୍ପାନୀର ଶୀର୍ଷ ୩୦ଟି ଦୃଷ୍ଟିନିବଦ୍ଧ ସହରଗୁଡିକ ତାଲିକାରେ ରହିଛି ।

## ହାଇଟେକ୍ ଉଚ୍ଚ ମାଧମିକ ବିଦ୍ୟାଳୟରେ ଗାନ୍ଧୀଜୟନ୍ତୀ ପାଳିତ




ଭୁବନେଶ୍ୱର,(ସବ୍ୟୁ): ହାଇଟେକ୍ ଉଚ୍ଚ ମାଧମିକବିଦ୍ୟାଳୟ ପାଣ୍ଡରାରେ ଶତାଧିକ ବିଦ୍ୟାର୍ଥୀମାନଙ୍କ ଗହଣରେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଗାନ୍ଧୀଙ୍କ ଆଦର୍ଶ ଓ ଶାସ୍ତ୍ରୀଙ୍କ ଚିନ୍ତାଧାରା ସବୁ ବିଦ୍ୟାର୍ଥୀମାନେ ଅନୁକରଣ କଲେ ଆଗାମୀ ଦିନରେ ଏକ ସୁସ୍ଥ ବାତାବରଣ ଏବଂ ବଳିଷ୍ଠ ନାଗରିକ ହୋଇ ତିଆରି ହେବେ ବୋଲି ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଚିତ୍ତରନ ସାହୁ କହିଥିଲେ । ନିର୍ଦ୍ଦେଶିକା ଅଙ୍କିତା ପାଣିଗ୍ରାହୀ ଏବଂ ଉପାଧକ୍ଷ ବିଭୂତି ଭୂଷଣ ବେହେରା ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୀବନରେ ଅନୁପ୍ରାଣିତ ହୋଇ ଜୀବନକୁ ସରଳସୁଗମ ପଥରେ ନେବା ପାଇଁ ଆହ୍ୱାନ ଦେଇଥିଲେ । ପଦାର୍ଥ ବିଜ୍ଞାନର ଅଧାପକ ପ୍ରଫେସର ବେଦବ୍ରହ୍ମା ଦାସ ଗାନ୍ଧୀଙ୍କ ଚିନ୍ତାଧାରା ସମସ୍ତ ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ଆହ୍ୱାନ କହିଥିବାବେଳେ ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ତୁଷାର ସାହୁ ଗାନ୍ଧୀ ଏବଂ ଶାସ୍ତ୍ରୀ ଆମମାନଙ୍କ ପାଇଁ ଏକ ଆଦର୍ଶବୋଧ ବୋଲି କହିଥିଲେ । ବିଦ୍ୟାର୍ଥୀମାନେ ଗାନ୍ଧୀଙ୍କ ବିଚାର ଧାରା ଏବଂ ଗାନ୍ଧୀଙ୍କ ଆଚରଣକୁ କାର୍ଯ୍ୟରେ ଲଗେଇବା ସହ ଆଗାମୀ ଦିନରେ ଏକ ସୁନାଗରିକ ହେବା ପାଇଁ ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟର ଓଡିଆ ଭାଷାସାହିତ୍ୟ ବିଭାଗର ଅଧାପକ ତଥା ଅନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ଦେଇଥିଲେ ।

### ବଲାଙ୍ଗୀର ପାଟଣାଗଡ଼ଠାରେ --------

## ଫ୍ଲାଗ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ୧୫୦ତମ ସ୍ମାରକୀ ଜାତୀୟ ପତାକାସ୍ତମ୍ଭ ସ୍ଥାପନ

ଭୁବନେଶ୍ୱର,(ସବ୍ୟୁ): ଶିଳ୍ପପତି ତଥା ସମାଜସେବୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଆଜି ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ଠାରେ ଏହାର ୧୫୦ତମ ସ୍ମାରକୀ ଜାତୀୟ ପତାକାସ୍ତମ୍ଭ ସ୍ଥାପନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଏହି ୧୦୮ ଫୁଟ ଉଚ୍ଚ ସ୍ମାରକୀ ଜାତୀୟ ପତାକାସ୍ତମ୍ଭକୁ ଉଦଘାଟନ କରିବା ଏକ ବିଶାଳ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସ୍ୱାଲର , ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଋଷିକେଶ ଡି ଖିଲାରୀ, ଡିଆରଡିଏର ପିଡି ପ୍ରଭାତ ମହାପାତ୍ର, ପାଟଣାଗଡ଼ ଉପଜିଲ୍ଲାପାଳ ଅମିତ କୁମାର ନାୟକ ଓ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ସିଇଓ ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି, ସ୍ଥାନୀୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ




୩୦୦୦ରୁ ଅଧିକ ଏହି ଭବ୍ୟ ଉତ୍ସବରେ ଉପସ୍ଥିତ ଥିଲେ । ପାଟଣାଗଡ଼ରେ ଏହି ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ପାଇଁ ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆକୁ ଶ୍ରୀ ସିଂହଦେଓ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସମ୍ମାନର ସହ ଜାତୀୟ ପତାକା ଉତ୍ତୋଳନ କରିବାର ଅଧିକାର ପାଇଁ ଶ୍ରୀ ଜିନ୍ଦଲଙ୍କ ସଂଘର୍ଷକୁ ସେ ପ୍ରଶଂସା କରିଥିଲେ । ଏହି ସ୍ମାରକୀ ଜାତୀୟ ପତାକା ସ୍ଥାପନ ଅବସରରେ ପାଟଣାଗଡ଼ ଓ ଆଖପାଖ ଅଞ୍ଚଳରୁ ବହୁତ ଜନସାଧାରଣ ଜାତୀୟ ପତାକାକୁ ସମ୍ମାନ ଜଣାଇବା ପାଇଁ ଏକାଠି ହୋଇଥିଲେ ।

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ସଂଗଠନ ସମଗ୍ର ଦେଶରେ ୧୫୦ଟି ଜାତୀୟ ପତାକା ପୋଷ୍ଟ ପ୍ରତିଷ୍ଠା କରିବାରେ ସଫଳ ହୋଇଛି, ଯେଉଁଥିରେ ଓଡ଼ିଶାରେ ଏପର୍ଯ୍ୟନ୍ତ ୭ଟି ରହିଛି ।

### ବିଜେଡିର ପଦଯାତ୍ରା ଶୁଭାରମ୍ଭ କଲେ ନବୀନ

# ସେବା ସ୍ୱାଭିମାନ ଆମର ମନ୍ତ୍ର, ବିକାଶ ଆମ ପରିଚୟ

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବିଜୁ ଜନତା ଦଳର ପଦଯାତ୍ରା ଆରମ୍ଭ ହୋଇଛି । ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳ ର ୫୭ ନମ୍ବର ୱାର୍ଡରେ ପଦଯାତ୍ରା ଆରମ୍ଭ କରି ସମବେତ ବିପୁଳ ଜନତା ଙ୍କୁ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ଲୋକଙ୍କ ସହିତ ଯୋଡ଼ି ହେବାରେ ପଦଯାତ୍ରା ସବୁଠାରୁ ଶକ୍ତିଶାଳୀ ମାଧମ । ବିଜେଡି କୁ ଏକ ସାମାଜିକ ଆନ୍ଦୋଳନ ଭାବରେ ବର୍ଣ୍ଣନା କରି ଶ୍ରୀ ପଟନାୟକ କହିଲେ ଯେ ସେବା ସ୍ୱାଭିମାନ ବିଜେଡି ର ମନ୍ତ୍ର । ବିକାଶ ହେଉଛି ବିଜେଡି ର ପରିଚୟ.ବିଜେଡି ର ଚବିଶ ବର୍ଷ ଶାସନରେ ବିକାଶ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ପଟ୍ଟନାୟକ କହିଥିଲେ ଯେ ବିକାଶ ର ବିଭିନ୍ନ ମାନକ ରେ ଓଡିଶା ବିଜେପି ଶାସିତ ବହୁ ଡବଲ ଇଞ୍ଜିନ ରାଜ୍ୟ ଠାରୁ ଆଗରେ । ଆର୍ଥିକ ସ୍ଥିରତା ଆସିଛି । ଲୋକଙ୍କ ମୁଣ୍ଡ ପିଛା ଆୟ ବଢିଛି ଗରିବୀ ସତୁରି



ପ୍ରତିଶତରୁ କମି ଦଶ ପ୍ରତିଶତରେ ପହଞ୍ଚିଛି ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କୋଟି କୋଟି ଲୋକ ସୁବିଧା ପାଉଥିଲେ । କିନ୍ତୁ ବିଜେପି ସରକାର ଯୋଜନାର ନାମ ପରିବର୍ତ୍ତନକୁ କଟାକ୍ଷ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆପଣ ରଙ୍ଗ ଓ ନାମ ବଦଳାଇପାରିବେ କିନ୍ତୁ ଇତିହାସ ବଦଳାଇ ପାରିବେ ନାହିଁ । ସେ କହିଲେ ଯେ ବିଜେପି ମିଛ କାହାଣୀ ମିଛ ପ୍ରତିଶ୍ରୁତି ଦେଇ ଶାସନ କୁ ଆସିଛି । ବିଜେପିର ମିଛ ନିର୍ବାଚନ ପ୍ରତିଶ୍ରୁତି ଉପରେ ଆଲୋଚନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ତିନିଶହ ୟୁନିଟ ମାଗଣା ବିଜୁଳି । ମା ମାନଙ୍କୁ ପଚାଶହଜାର ଟଙ୍କା । ତିନିହଜାର ଟଙ୍କାକୁ ଭତ୍ତା ବୃଦ୍ଧି କୁଆଡେ ଗଲା ।

ମିଛ କହି ନିର୍ବାଚନ ଜିତି ପାର କିନ୍ତୁ ଲୋକଙ୍କ ହୃଦୟ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଶ୍ରୀ ପଟ୍ଟନାୟକ କହିଲେ ଲୋକଙ୍କ ଭଲ ପାଇବା ବିଜେଡି ର ସବୁଠାରୁ ବଡ଼ ଶକ୍ତି ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସେ କ୍ଷମତା ରେ ଥାନ୍ତୁ । ନ ଥାନ୍ତୁ ଶେଷ ପର୍ଯ୍ୟନ୍ତ ଓଡିଶା ବାସୀଙ୍କ ର ଓ ଓଡିଶା ମାଟି ର ସେବା କରିଚାଲିବେ.

ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ରାଉତ,ବିଧାୟକ ଅନନ୍ତ ଜେନା, ମେୟର ସୁଲୋଚନା ଦାଶ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।




ଭୁବନେଶ୍ୱର ୧୨୦ ବାଟାଲିୟନ୍ ପରିସରରେ ଇସିଏଚ୍‌ଏସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଷ୍କିନ୍‌ର ଡାଇରେକ୍ଟର କର୍ଣ୍ଣେଲ କେ ଜୟପାଲ ଏହାକୁ ଉଦ୍‌ଘାଟନ କରିଥିଲେ । ଓ ଯୁଗ୍ମ ନିର୍ଦ୍ଦେଶକ ଲେଫ୍ଟନାଣ୍ଟ କର୍ଣ୍ଣେଲ ସୋମନାଥ ଚକ୍ରବର୍ତ୍ତି ଉପସ୍ଥିତ ଥିଲେ । ସର୍ଜନ ଲେଫ୍ଟନାଣ୍ଟ କର୍ଣ୍ଣେଲ ଡି.ଭି ରେଡ୍ଡୀ ଶିବିର ପରିଚାଳନା କରିଥିବା ବେଳେ ସୁବେଦାର ରଞ୍ଜିତ ମହାନ୍ତି ଉପସ୍ଥିତ ଥିଲେ ।

## ଓଷ୍ଟା ପକ୍ଷରୁ ଶିକ୍ଷକ ନେତା କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିସଭା

କଟକ,(ସବ୍ୟୁ): ଓଡ଼ିଶାର ବିଶିଷ୍ଟ ଶିକ୍ଷକ ନେତା ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ପୂର୍ବତନ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ଊନବିଂଶ ଶ୍ରାଦ୍ଧ ବାର୍ଷିକୀ ଓଷ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ସଭାରେ ବକ୍ତାମାନେ ଯୋଗଦେଇ ସ୍ୱର୍ଗତ ମହାପାତ୍ର ଜଣେ ଦରଦୀ ଶିକ୍ଷକ ଥିଲେ ବୋଲି ମତ ବ୍ୟକ୍ତ କରିଥଲେ । ଓଷ୍ଟାର କୋଷାଧକ୍ଷ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବହୁଶିକ୍ଷକ, ଶିକ୍ଷୟିତ୍ରୀ, ପୂର୍ବତନ ଶିକ୍ଷକ, ଓଷ୍ଟାର ପୂର୍ବତନ ଏବଂ ବର୍ତ୍ତମାନର କର୍ମଚାରୀମାନେ ଯୋଗ ଦେଇଥିଲେ । ବିନୋଦ କୁମାର ବେହେରା ସ୍ୱର୍ଗତ ମହାପାତ୍ରଙ୍କ କାର୍ଯ୍ୟାବଳୀ ସଂପର୍କରେ ପ୍ରାରମ୍ଭରେ ସୂଚନା ପ୍ରଦାନ କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କ ସହକର୍ମୀ ଏବଂ ବର୍ଷିୟାନ ଶିକ୍ଷକ ନେତା ତାଙ୍କ ଜୀବନୀ ଓ ଶିକ୍ଷକ ସଙ୍ଗଠନ ଏବଂ ଶିକ୍ଷକ ଆନ୍ଦୋଳନକୁ ତାଙ୍କର ଅବଦାନ




ସଂପର୍କରେ କହିଥିଲେ । ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଓଷ୍ଟା ପରିସର ମଧରେ କୈଳାସ ଚନ୍ଦ୍ର ମହାପାତ୍ର, ଅବନୀ କୁମାର ବରାଳ ଓ ବନମାଳି ବ୍ରହ୍ମଚାରୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଆସନ୍ତା ବର୍ଷରେ ଉନ୍ମୋଚନ କରାଯିବ ବୋଲି ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ କିଶୋର ଜେନା, ମହେନ୍ଦ୍ର କୁମାର କାୟସ୍ଥ, ଧୀରେନ୍ଦ୍ର ପ୍ରତାପ, ଅଭିମନ୍ୟୁ ରଥ, ସୁଘୋଷ ଦାସ, ଦ୍ୱିଜବର ନାୟକ, କ୍ଷୀରୋଦ କୁମାର ବିଶ୍ୱାଳ, ମମତା ସାହୁ, ହିରଣ୍ୟମୟୀ ସାମଲ, ଅନିତା ମଣ୍ଡଳ, ଅନିଲ କୁମାର ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଷ୍ଟାର କଟକ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିକୁ ପୂର୍ବଭାରତର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନର ମାନ୍ୟତା ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ନୂଆଦିଲ୍ଲୀ ସ୍ଥିତ ପ୍ରଗତି ମଇଦାନର ଆପୁଘର ଭାରତମଣ୍ଡପ ଠାରେ ଟପ୍ପଚ୍ ଫାଉଣ୍ଡେସନ ଦ୍ୱାରା ପ୍ରୟୋଜିତ ବିଶ୍ୱନେତୃତ୍ୱ ସମ୍ମିଳନୀ ଉତ୍ସବ ଓ ପୁରସ୍କାର ପ୍ରଦାନ-୨୦୨୪ରେ ପୂର୍ବଭାରତର ଶ୍ରେଷ୍ଠ ବୈଷୟିକ ଶିକ୍ଷାନୁଷ୍ଠାନର ମାନ୍ୟତା ପ୍ରଦାନ କରାଯାଇ ନିସ୍ ଶିକ୍ଷା ଅନୁଷ୍ଠାନକୁ ପୁରସ୍କୃତ କରାଯାଇଛି । ଭାରତର ଖାଦ୍ୟ ପ୍ରକ୍ରିୟାକରଣ ଓ ଶିଳ୍ପ ବିଭାଗ ମନ୍ତ୍ରୀ ଚିରାଗ ପାଶୱାନ ମୁଖ୍ୟଅତିଥି, ଭାରତର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀ ରାମଦାସ ଅଠାୱାଲେ ଓ ଦିଲ୍ଲୀର ବିଜେପି ମହିଳା ସଭାନେତ୍ରୀ ବବିତା ଚୌହାନ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲଖନୀୟ ଅବଦାନ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ବିକଶ୍ୱ ନେତୃତ୍ୱ ସମ୍ମିଳନୀ ଉତ୍ସବରେ ସମ୍ମାନୀତ




କରିଥିଲେ । ପୂର୍ବ ଭାରତରେ ଇଞ୍ଜିନିୟରିଂ ଶିକ୍ଷା, ଦକ୍ଷତା ବିକାଶ ଓ ନିଯୁକ୍ତି ଭିତିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଓ ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର୍ ସ୍ମୃତିସୁଧା ନାୟକଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରିଥିଲେ । ଏହି ସମ୍ମାନ ପାଇଁ ଭୁବନେଶ୍ୱର ଛତାବର ସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ସମସ୍ତ ଅଧାପକ, ଅଧାପିକା ଓ ଛାତ୍ର ଛାତ୍ରୀମାନେ ନିଜର ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାନୁଷ୍ଠାନର ଅଧକ୍ଷ ଡକ୍ଟର ଦେବବ୍ରତ ରଥ ପ୍ରକାଶ କରିଛନ୍ତି ।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତିରଜନକ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ପାଳିତ ହୋଇଥିଲା । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଗାନ୍ଧିଜୀ ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ରାମଧୂନ୍ ସହ ସ୍ୱଚ୍ଛ ଭାରତ ଅଭିଯାନ କ୍ରମରେ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜାତିରପିତା ମହାତ୍ମା ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଓ ଆଦର୍ଶରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ




ଦିଗଦର୍ଶନ ଦେଇଥିଲେ । ଅନ୍ୟମାନଙ୍କ ମଧରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ପ୍ରାଧାପକ ଦିଲ୍ଲୀପ କୁମାର ମଲ୍ଲିକ, ପ୍ରାଧାପକ ସୁଶାନ୍ତ କୁମାର ସେଠୀ, ଅଧାପକ ଡ. ଅଜିତ୍ କୁମାର ମହାପାତ୍ର, ଅଧାପିକା ସାଗରିକା ନାୟକ ପ୍ରମୁଖ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

### ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ପକ୍ଷରୁ

## 'ଜାତୀୟ ବିପି ସ୍କ୍ରିନିଂ ଦିବସ'

ଭୁବନେଶ୍ୱର,(ସବ୍ୟୁ): ଗବେଷଣା ଭିତ୍ତିକ, ବିଶ୍ୱସ୍ତରୀୟ ଔଷଧ କମ୍ପାନୀ ତଥା ହୃଦ୍ ରୋଗ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ ବୁଧବାର ଗେଟ୍ ୱେ ଅଫ୍ ଇଣ୍ଡିଆରେ ଟେକ୍ ଚାର୍ଜ ଅ୧୮' ଅଭିଯାନର ଶୁଭାରମ୍ଭ କରିଛି । ଏହି ଉଚ୍ଚ ରକ୍ତଚାପ ସଚେତନତା ପଦକ୍ଷେପ ୧୮ ବର୍ଷ ବୟସରୁ ଆରମ୍ଭ କରି ପ୍ରାରମ୍ଭିକ ରକ୍ତଚାପ ନିରୀକ୍ଷଣର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ । ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ ପ୍ରତ୍ୟେକ ମାସର ୧୮ ତାରିଖକୁ '୧୮- ବିପି ସ୍କ୍ରିନିଂ ଡେ' ଭାବେ ନାମିତ କରିଛି, ଯେଉଁଥିରେ ସମସ୍ତ ବୟସ୍କଙ୍କୁ ହୃଦ୍‌ରୋଗର ସୁରକ୍ଷା ପାଇଁ ନିୟମିତ ରକ୍ତଚାପ ପରୀକ୍ଷାକୁ ପ୍ରାଥମିକତା ଦେବାକୁ ପ୍ରୋତ୍ସାହିତ କରାଯାଇଛି । ଉଚ୍ଚ ରକ୍ତଚାପ ସଚେତନତା ଏବଂ ରୋଗ ନିର୍ଣ୍ଣୟ ବୃଦ୍ଧି ପାଇଁ ଗ୍ଲେନମାର୍କ ଏବଂ ଏପିଆଇ ଦ୍ୱାରା ଏହି ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସକୁ ପ୍ରତିନିଧିତ୍ୱ କରେ । ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡର ଇଣ୍ଡିଆ ଫର୍ମୁଲେସନର ସଭାପତି ତଥା ବ୍ୟବସାୟ ମୁଖ୍ୟ ଆଲୋକ ମଲ୍ଲିକ କହିଛନ୍ତି ଯେ, 'ଭାରତରେ ଉଚ୍ଚ ରକ୍ତଚାପ ବିରୋଧରେ ଲଢ଼େଇରେ ସଚେତନତା ସୃଷ୍ଟି ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଗ୍ଲେନମାର୍କରେ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ।

# କୃତୀ ପ୍ରତିଯୋଗୀଙ୍କ ପ୍ରତି ଅନ୍ୟାୟର ପ୍ରତିବାଦ କଲେ ପିତା

ବିଞ୍ଝାରପୁର,(ସବ୍ୟୁ) : ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜଣେ ଛାତ୍ରୀ ଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ସାଧନ କେନ୍ଦ୍ର ସ୍ତରୀୟ ପ୍ରତିଯୋଗୀତାରୁ ବଂଚିତ କରାଯାଇଥିବାରୁ ଛାତ୍ରୀ ଜଣକ ମାନସିକ ଭାରସାମ୍ୟ ହରାଇ ଥିବା କଥା ତାର ପିତା ବିଇଓଙ୍କ ନିକଟ ରେ ଅଭିଯୋଗ କରିଛନ୍ତି । ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର ସିଂହପୁର ନୋଡାଲ ୟୁ.ପି.ର ସପ୍ତମ ଶ୍ରେଣୀ ଛାତ୍ରୀ ଆଦ୍ୟାସା ନାୟକ ଶ୍ରୁତ ଲିଖନ ପ୍ରତିଯୋଗୃତାରେ ସାଧନକେନ୍ଦ୍ର ରେ ହେବାକୁ ସୁରଭି କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ବିଦ୍ୟାଳୟ ରେ ପରୀକ୍ଷା ଦେଇଥିଲ । ଖାତା ଦେଖିଥିବା ଶିକ୍ଷୟିତ୍ରୀ ନିବେଦିତା ନାୟକ ଠିକ୍ ଭାବେ ଖାତା ନଦେଖି ତାଙ୍କୁ ପ୍ରତିଯୋଗୀତାରୁ ବଂଚିତ କରିଥିଲେ । ଏଥିରେ ଛାତ୍ରୀ ଜଣକ ମାନସିକ ଆଘାତ ପାଇ ୩ଦିନ ଧରି ବିଦ୍ୟାଳୟ ଯାଇ ନଥିଲା । ଘଟଣା ଜାଣିବା ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଛାତ୍ରୀର ପିତା. ବିଇଓ ଙ୍କ ନିକଟରେ ଏହି ଅଭିଯୋଗ କରିଥିଲେ । ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବିଇଓ । ତେବେ ସିଆରସିସି ଘଟଣାର ତଦନ୍ତ କରିଥିବା ବେଳେ ଘଟଣା ସତ୍ୟ ହୋଇଥିଲେ ଆାବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କହଛନ୍ତି ବିଇଓ ସୁବାସଚନ୍ଦ୍ର ବିଶ୍ୱାଳ ।


ସତ୍ୟସାଇ ପାଥୋଲୋଜୀ ଓ ଡ଼ାଇଗ୍ନୋଷ୍ଟିକ୍ ସେଣ୍ଟର

ସମସ୍ତଙ୍କ ଆରୋଗ୍ୟ କାମନା କରିବା ସହ ଦୈନିକ ଖବର କାଗଜ "ସମୟ"ର ରୌପ୍ୟ ଜୟନ୍ତୀ ଅବସରରେ 'ସମୟ'ର ସମ୍ପାଦକ, କାର୍ଯ୍ୟକର୍ତା, ପାଠକ ପାଠିକା ଓ ବିତରକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ସତ୍ୟ ସାଇ ପାଥୋଲୋଜୀ ଓ ଡାଇଗ୍ନୋଷ୍ଟିକ ସେଣ୍ଟର

ନିର୍ଭୁଲ ରିପୋଟର ନିର୍ଭର ଯୋଗ୍ୟ ପାଥୋଲୋଜୀ

ଚଣ୍ଡି ଚୁଆ ଛକ, ନୟାଗଡ଼ ରୋଡ , ଖୋର୍ଦ୍ଧା ।

ଏଠାରେ ସମସ୍ତ ପ୍ରକାର ସିବିସି, ମଳ,ମୁତ୍ର ,ରକ୍ତ ଓ ପିଏଫ୍ଟି. ଏଣ୍ଡୋସକ୍ଷୋପି, ଡ଼ିଜିଟାଲ ଏକ୍ସରେ, ପରୀକ୍ଷା କମ୍ପ୍ୟୁଟର ଦ୍ୱାରା କରାଯାଏ ।

ପ୍ରୋ-ରାସ ବିହାରୀ ବିଶ୍ୱାଳ

ଦୂରଭାଷ-୯୮୬୧୦୩୨୮୨୮



Elevate your health experience at BP Laboratory ! Explore precise pathology and radiology services (Digital X-ray, CT scan, Ultrasound & Endoscopy) to cater all your diagnostics needs under one roof and experience the unmatched quality accuracy and reliability we are known for Your well being is our commitment!!

BP LABORATORY

A Unit of Bidyut Prava Healthcare Pvt. Ltd.

A Complete Medical Diagnostic Center

ISO 9001 : 2015

Mangalabag, Cuttack - 753001

Ph.: 0671- 2424684, 2414444, 2414555, Mob.: 8249674608, 7848088423



ଶାରଦୀୟ ଅଭିନନ୍ଦନ

ଡ. ହରପ୍ରସନ୍ନ ତ୍ରିପାଠୀ
ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ,
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଖୋର୍ଦ୍ଧା

ଶ୍ରୀମତୀ ରାକ୍ଷୀ ମିଶ୍ର
ବରିଷ୍ଠ ଆଇନଜୀବୀ,
ଉଚ୍ଚ ନ୍ୟାୟାଳୟ, କଟକ, ଓଡ଼ିଶା

ରାଜ୍ୟର ଅନ୍ୟତମ ଅଗ୍ରଣୀ ଦୈନିକ ଖବରକାଗଜ 'ସମୟ'ର ୨୮ତମ ବାର୍ଷିକ ଉତ୍ସବ ଅବସରରେ ଖବରକାଗଜ 'ସମୟ'ର ସମ୍ପାଦକ କାର୍ଯ୍ୟକର୍ତ୍ତା, ଖବରଦାତା, ପାଠକ ପାଠିକା ଓ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ସୁସ୍ଥ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ, ସମସ୍ତଙ୍କ ଚଳାପଥ କୁସୁମିତ ହେଉ, ମା' ଜଗତଜନନୀଙ୍କ ନିକଟରେ ଆମର ପ୍ରାର୍ଥନା । ॥ ଶୁଭେଚ୍ଛା ସହ ॥

ଆମ ପରିବାର



ଶଙ୍କଟ ମୋଚନ ଅଲଟ୍ରାସାଉଣ୍ଡ କ୍ଲିନିକ୍

ଓଡ଼ିଶାର ଅଗ୍ରଣୀ ଖବର କାଗଜ 'ସମୟ'ର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅଗଣିତ ପାଠପ ପାଠିକା ଖବର କାଗଜର ସମ୍ପାଦକ, କାର୍ଯ୍ୟକର୍ତା, ଖବର ଦାତା, ବିତରକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା

ପୁଅ ହେଉ ଅବା ଝିଅ
"ଗୋଟିକରେ ପୂର୍ଣ୍ଣଛେଦ ଦିଅ"
ଚଣ୍ଡିଚୁଆ ଛକ, ନୟାଗଡ଼ ରୋଡ , ଖୋର୍ଦ୍ଧା ।
(ଏଠାରେ ଭ୍ରୁଣ ନିରୁପଣ କରାଯାଏ ନାହିଁ)
ପ୍ରୋ- କୁନା
ଦୂରଭାଷ-୦୬୭୫୫-୨୨୦୨୭୫
ମୋ-୯୬୫୮୭୪୦୬୭୮

ଖୋର୍ଦ୍ଧାର ସର୍ବ ପୁରାତନ ନିର୍ଭର ଯୋଗ୍ୟ ଅଲଟ୍ରାସାଉଣ୍ଡ କ୍ଲିନିକ୍



ଶୁଭେଚ୍ଛା ବାର୍ତ୍ତା

'ସମୟ'ର ୨୮ତମ ସ୍ୱନକ୍ଷତ୍ର ପାର୍ବଣ ଅବସରରେ କୋରୁଅ, ନାଉଗାଁର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ନିରାମୟ ଜୀବନ କାମନା କରୁଅଛି ।

ନକୁଳ ଚନ୍ଦ୍ର ବିଶ୍ୱାଳ
ସମାଜସେବୀ
ଏନ୍‌ସି ମେରାଇନ
କୋରୁଅ, ନାଉଗାଁ, ଜଗତସିଂହପୁର



(OMBBS)
OM BHURBHUVAH SWAH
Residential-Cum-Day Scholar (+2Sc./Arts) Higher Secondary School
Own Campus, Tulu Road, Konisi, Berhampur
Cell : 8249031056, 9692486379, 9037553384
B.Sc. nursing
COURSES OFFERED



3000 + RECRUITMENTS SINCE 2001
SAMANTROY ACADEMY
BANK - RAILWAY - SSC
ARMY - NAVY - AIR FORCE
ODISHA POLICE, OPSC & OSSC
DEBESH SAMANTROY : 9861077371, 9090699770
Cell : 8249962287, 7978944895, 9090205131, 9861567963, 9583854271


# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଯାଜପୁର, (ସବ୍ୟୁ) : ଦଶରଥପୁର ବ୍ଲକ ଅନ୍ତର୍ଗତ ରିଜିଓନାଲ କଲେଜ ରାମବାଗର ଅଧ୍ୟାପକ ଅଧ୍ୟାପିକା ଓ ଶିକ୍ଷାକର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେଜର ଅଧକ୍ଷ ଡଃ ଶାନ୍ତନୁ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ରିଜିଓନାଲ ଡିଗ୍ରୀ କଲେଜର ଅଧକ୍ଷ ପ୍ରମୋଦ କୁମାର ମହାନ୍ତି ଯୋଗଦେଇଥିବା ବେଳେ ପ୍ରାକ୍ତନ ଅଧ୍ୟାପକ ରଣଜିତ୍ କୁମାର ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ମନସ୍ତତ୍ୱ ବିଭାଗର ଅଧ୍ୟାପିକା ରଶ୍ମିବାଳା ମହାପାତ୍ର, ଡେମୋନ୍ ଷ୍ଟ୍ରେଟର ଗୁଫ୍‌ରାନ୍ ଅଲ୍ଲିଖାଁ, ବିଜ୍ଞାନାଗାର ସହାୟକ ଶଶିଭୂଷଣ ମଲ୍ଲିକ, ଭରତ ଚନ୍ଦ୍ର ରଉତଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଜଗନ୍ନାଥ ପରିଡ଼ା ଓ ଅଧ୍ୟାପକ ଡଃ କୈଳାସ ଚନ୍ଦ୍ର ବେହେରା ସଞ୍ଚାଳନ କରିଥିଲେ। ଅଧ୍ୟାପକ ଜଳଧର ନନ୍ଦ ପରମେଶ୍ୱର ନାୟକ, ନୃସିଂହ ଚରଣ ହାତୀ, ସ୍ମୃତିରଂଜନ ସାମଲ, ଅଧ୍ୟାପିକା ପ୍ରଭାତୀ ମହାନ୍ତି, ମମତା ମିଶ୍ର, ମଞ୍ଜୁଶ୍ରୀ ମହାନ୍ତି, ଅନ୍ନପୂର୍ଣ୍ଣା ପତି, ଦିପ୍ତିମୟୀ କର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦାୟ ସଂଗୀତ ମାଧ୍ୟମରେ ଭାବ ବିହ୍ୱଳ ପରିବେଶ ମଧ୍ୟରେ ଏହି ବିଦାୟ କାଳୀନ ଉତ୍ସବ ସମ୍ପନ୍ନ ହୋଇଥିଲା। ଅଧ୍ୟାପିକା ସ୍ମିତାପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## AFFIDAVIT

By virtue of an affidavit before Executive Magistrate, Cuttack, I Smt. Sharmistha Acharya, W/o- Sri Nalinikanta Mohanty permanent resident of Gandarpur New Colony, P.O- College Square, P.S- Chauilaganj, City/Dist- Cuttack state that my actual name is **Sharmistha Acharya** but in my minor daughter **Baishnabi Mohanty**'s Birth Certificate issued by CMC, Cuttack my name wrongly mentioned as Sharmistha Mohanty. Hence **Sharmistha Acharya** and **Sharmistha Mohanty** is one and same person is one and same person.


ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ' ର ୨୮ତମ ସ୍ୱନକ୍ଷତ୍ର ଦିବସ ଏବଂ ଶାରଦୀୟ ପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଆର୍. ମୁରଲୀ ମୋହନ
ଅର୍ବାନ ବ୍ୟାଙ୍କ
ପ୍ରେସିଡେଣ୍ଟ

ଶ୍ରୀମତୀ ଆର. ପାବନୀ
କର୍ପୋରେଟର ୱାର୍ଡ ନଂ-୧୫
ବ୍ରହ୍ମପୁର ମହାନଗର ନିଗମ



BALAJI
Diagnostic & Research Center
Courtpeta Square, Opp. Jagannath Temple, Berhampur

Facilities Available

- 1.5 T MRI
- C.T. Scan
- EEG, Spirometry (PFT)
- ECG, TMT
- All Pathological & Bio Chemical Tests
- Ultra Sound
- QBC, HP Studies, FNAC
- Thyriod Tests
- Micro-Biological Tests (Urine, Stool & Blood Culture)
- Colour Doppler
- Echo Cardiography
- Other Hoirmonal Studies (T3, T4, TSH within 12 hours)
- Digital X-Ray
- Video Endoscopy
- Digital X-Ray OPG

Phone : Reception - 7377919553, 9438767595, Reporting - 9040049692
Website : www.balajidiagnostic.com, E-mail : rajshree.satapathy@rediffmail.com



ଶୁଭେଚ୍ଛା ବାର୍ତ୍ତା

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବୈପାରିଗୁଡ଼ା

ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଳନ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳ କରିବାକୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ।

ଡା. ବିଶ୍ୱଜିତ ଭୂୟାଁ
ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ



With Best Wishes From :
SAI PR
Public Relation, Corporate Advisory Service & Events
Sai Communications & PR



ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ' ର ୨୮ତମ ସ୍ୱନକ୍ଷତ୍ର ଦିବସ ଏବଂ ଶାରଦୀୟ ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶ୍ରୀମତୀ ସଙ୍ଘମିତ୍ରା ଦଳାଇ
ମେୟର, ବ୍ରହ୍ମପୁର ମହାନଗର ନିଗମ ତଥା
ଗଞ୍ଜାମ ଜିଲ୍ଲା ମହିଳା ସଭାପତି

ଇଂ. ବିବେକ ରେଡ୍ଡୀ
ଡେପୁଟୀ ମେୟର, ବ୍ରହ୍ମପୁର

ଭୀମସେନ ଦଳେଇ
ଜିଲ୍ଲା ଉପସଭାପତି

# ରେଙ୍ଗାଲିରେ ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମ



ରେଙ୍ଗାଲି,(ସବ୍ୟୁ) :କଣିହାଁ ବ୍ଲକ ରେଙ୍ଗାଳି ଠାରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଙ୍କ ଆଜି ରେଙ୍ଗାଳି ଗସ୍ତ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା । ପ୍ରଥମେ ବିଧାୟକ ପହଞ୍ଚିବା ପରେ ପ୍ରକଳ୍ପ ସ୍ଥିତ କପିଳେଶ୍ୱର ମନ୍ଦିରର ଚତୁର୍ପାର୍ଶ୍ୱ ସଫେଇ କରିଥିଲେ ଓ ସେବା ସପ୍ତାହର ଶେଷ ଦିନରେ ମନ୍ଦିର ସଫେଇ ପରେ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନରେ ସମସ୍ତେ ଉତ୍ସର୍ଗୀକୃତ ଭାବରେ ନିଜ ନିଜର ଚତୁର୍ପାର୍ଶ୍ୱକୁ ସଫା ରଖିବାକୁ ଆହ୍ୱାନ ଦେଇଥିଲେ । ତାପରେ ବିଜେପି ଦଳ ପକ୍ଷରୁ ଜାରି ରହିଥିବା ସଦସ୍ୟତା ଅଭିଯାନରେ ମିସକଲ ଦ୍ୱାରା ସଭ୍ୟ ସଂଗ୍ରହ କରିଥିଲେ । ସେଠାରୁ ପବିତ୍ରମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ଠାରେ ଲାୟନ୍ସ କ୍ଲବ ଓ ସମ୍ବାଦ ଆମ ଓଡିଶା ପକ୍ଷରୁ ଆୟୋଜିତ ରକ୍ତଦାନ ଶିବର କୁ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ପାଲଲହଡା ବିଧାୟକ ଦୁହେଁ ମିଶି ଉଦଘାଟନ କରିବା ପରେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ସମ୍ବଲପୁର ଛକସ୍ଥିତ ଏକ ଅଙ୍ଗନବାଡି କେନ୍ଦ୍ରରେ ପହଂଚି କୁନି ପିଲାମାନଙ୍କୁ ସ୍ୱେଟର ବଣ୍ଟନ କରିଥିଲେ । ବିଧାୟକଙ୍କ ସହିତ ନୃସିଂହ ବରାଳ, ଧ୍ରୁବ୍ ଧୀର, ପ୍ରହଲ୍ଲାଦ ସାମଲ, ତରୁଣ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ୧୮ କେଜି ଗଞ୍ଜେଇ ଜବତ : ୩ ଗିରଫ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଟାଉନ ପୋଲିସ ତରଫରୁ ଚଢାଉ କରାଯାଇ ୧୮କେଜି ଗଞ୍ଜେଇ ସହିତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି। ସମସ୍ତ ଗିରଫ ମାନେ ପଶ୍ଚିମବଙ୍ଗର ହୋଇଥିବା ବେଳେ ସେମାନେ ଗଞ୍ଜେଇ ଚାଲାଣ କରୁଥିବାର ଜଣାପଡିଛି। ମଙ୍ଗଳବାର ରାତି ପ୍ରାୟ ସାଢେ ଏଗାରଟା ସମୟରେ ପୋଲିସ ତରଫରୁ ଏକ ଟିମ ଏଏସଆଇ ଗଣେଶ ମହାନ୍ତଙ୍କ ସହିତ ଏଏସଆଇ ଏସକେ ଦେବୁରୀ, ହାବିଲଦାର ଯାଇ ବେହେରା,ଏସବି ପ୍ରଧାନ, ଗଗନ ପରିଡା ପ୍ରମୁଖ ଡ୍ରାଇଭର ଏବଂ ବାଦିକଙ୍କ ସହିତ ଏକ ବୋଲେରୋ ଙ୍ ଓଡି୦୬ଏସି୬୭୬୫ ରାତି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କୋରିଆଁ ବାଇପାସ ନିକଟରେ ତିନି ଜଣଲୋକ ଗୋଟିଏ ପାର୍ଶ୍ୱରେବସିଥିବା ବେଳେ ତାଙ୍କ ସମ୍ମୁଖରେ ତିନୋଟି ବ୍ୟାଗ ରହିଥିଲା। ପୋଲିସ ସନ୍ଦେହ କରି ସେମାନଙ୍କୁ ପଚରାଉଚରା ଏବଂ ତନଖି ପରେ ସେମାନେ ଗଞ୍ଜେଇ ନେଉଥିବାର ଜଣାପଡିଥିଲା। ପୋଲିସ ସେମାନଙ୍କୁ ଗିରଫ କରି ଥାନାକୁ ଆଣିବା ପରେ ସେମାନଙ୍କ ଠାରୁ ୧୮ କେଜି ୧୧୬ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ଟାଉନ ଥାନାରେ ୬୭୩/୨୪ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲ୍ଲା ଜଲାଙ୍ଗି ଥାନା ଜଲାଙ୍ଗି ଗ୍ରାମର ମୋହର ସେକ,ପୋଲାସପୁର ଗ୍ରାମର ସଞ୍ଜୟ ସିଲଙ୍କ ପୁଅ ରାକେଶ ସିଲ ଓ ରାବିଆ ମଣ୍ଡଳଙ୍କ ପୁଅ ମଜରୁଦ ମଣ୍ଡଳ ଜଣାପଡିଛି ଏହିମାମଲାକୁ ଏଏସଆଇ ଉଜ୍ଜଳ ବିଜୟ ମହାନ୍ତିତଦନ୍ତ କରୁଥିବାର ଜଣାପଡିଛି।

# ଅନାସ୍ଥା ଭୋଟରେ ପଦବୀ ହରାଇଲେ ବିଜେଡି ସରପଞ୍ଚ



ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ପଞ୍ଚାୟତ ସମିତି ଅଧୀନରେ ଥିବା କାଟୁଆ ପଞ୍ଚାୟତର ସରପଞ୍ଚ ପ୍ରତିମା ସେଠୀ ୨ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକାଳ ମଧ୍ୟରେ ପଞ୍ଚାୟତରେ କୌଣସି ପ୍ରକାର କାର୍ଯ୍ୟ କରିବାରେ ବିଫଳ ହେବାରୁ ଗ୍ରାମବାସୀମାନେ ଓ ୱାର୍ଡ ସଭ୍ୟମାନଙ୍କ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ୩୦ ତାରିଖ ପୂର୍ବାହ୍ନରେ କାଟୁଆ ପଞ୍ଚାୟତ ର କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଭୋଟ ପାଇଁ ଆଗତ କରାଯାଇଥିବା ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ତହସିଲଦାର ପ୍ରିୟବ୍ରତ ଦାଶ ପରିଚାଳନା କରିଥିଲେ। ଉକ୍ତ ପଞ୍ଚାୟତରେ ୧୨ଟି ୱାର୍ଡରୁ ୧୦ଜଣ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତ ଉପସ୍ଥାପନ କରିଥିବା ବେଳେ ୨ ଜଣ ସରପଞ୍ଚଙ୍କ ସପକ୍ଷରେ ଥିଲେ। ଏଣୁ ସରପଞ୍ଚ ପ୍ରତିମା ସେଠୀ ନିଜ ପଦବୀ ହରାଇଥିବା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ବିଜେପି ପକ୍ଷରୁ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିବା ସୂଚନା ମିଳିଛି। ବିଜେଡି ସରକାରର ବ୍ୟାପକ ଦୁର୍ନୀତି, ଜାଲିଆତି, ଲୁଣ୍ଠାରାଜ ଶାସନକୁ ପ୍ରତ୍ୟାଖ୍ୟାନ କରି ଅନାସ୍ଥାରେ ସରପଞ୍ଚଙ୍କୁ ବହିଷ୍କାର କରିବା ଜଣାଯାଇଛି। ଏଥିନେଇ ବିଜେପି ମହଲରେ ଆନନ୍ଦ ଉଲ୍ଲାସ ସହ ବିଜୟ ସମାରୋହ କରିଥିଲେ। ଏହି ଅନାସ୍ଥା ଆଗତ ପ୍ରସ୍ତାବରେ ସରପଞ୍ଚ ପ୍ରତିମା ସେଠୀ ଅନୁପସ୍ଥିତ ଥିଲେ।

# କେନାଲରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବଣ୍ଠପାଳ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ବଣ୍ଠପାଳ ଥାନା ଅନ୍ତର୍ଗତ ନୂଆ ହତା ଗ୍ରାମର ନିଖୋଜ ଯୁବକ ର ମୃତଦେହ ଉଦ୍ଧାର ଘଟଣାକୁ ନେଇ ଥାନାରେ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ। ଘଟଣାରୁ ପ୍ରକାଶ ଗତ ୨୯ ତାରିଖ ସନ୍ଧ୍ୟା ସୁଦ୍ଧା ସୂର୍ଯ୍ୟକାନ୍ତ ଲୁଚିଆ ଘରକୁ ନ ଫେରିବା ବାବୁ ୩୦ ତାରିଖ ଦିନ ପରିବାର ଲୋକେ ନିଖୋଜ ହୋଇଥିବା ନେଇ ବଣ୍ଠପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ମଧ୍ୟାହ୍ନ ସମୟରେ ଓଡାପଡା ବ୍ଲକ କଣ୍ଡାଶେଣିଆ ଥାନା ନିକଟ ଦେଇ ଯାଇଥିବା ରେଙ୍ଗାଳି କେନାଲରେ ଜଣେ ଯୁବକ ର ମୃତ ଦେହ ଭାସୁଥିବା ନେଇ କଣ୍ଡାଶେଣିଆ ଥାନା ପକ୍ଷରୁ ବଣ୍ଠପାଳ ଥାନାକୁ ସୂଚନା ଦେଇଥିଲେ। ସୂର୍ଯ୍ୟକାନ୍ତ ର ପରିବାର ଲୋକ ଓ ବଣ୍ଠପାଳ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଦେଖିବାକୁ ଚିହ୍ନଟ କରିବା ପରେ ଦମକଳବାହିନୀ ମୃତଦେହ ଉଦ୍ଧାର କରିଥିଲେ ବଣ୍ଠପାଳ ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ମଙ୍ଗଳବାର ଦିନ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରିଥିଲେ। ପରିବାରବର୍ଗ ମୃତଦେହକୁ ଦେଖି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପରିବାରପକ୍ଷରୁ କହିବା ଅନୁସାରେ ଆଜିକୁ ପ୍ରାୟ ୬ ମାସ ତଳେ ସୂର୍ଯ୍ୟକାନ୍ତଙ୍କ ପିତା ମଧ ଘରରୁ କିଛିଦୂର ରେ କ୍ଷତବିକ୍ଷତ ଅବସ୍ଥାରେ ମୃତ ଦେହ ମିଳିଥିଲା। ସୂର୍ଯ୍ୟକାନ୍ତ ର ଦେହରେ ପିନ୍ଧିବା ବସ୍ତ୍ର ନରହିବା ଓ ଦେହରେ କ୍ଷତ ଚିହ୍ନ ଥିବା ନେଇ ଏହିପରି ହତ୍ୟା ଅଭିଯୋଗ କରିଛନ୍ତି। ସୂର୍ଯ୍ୟକାନ୍ତ ପରିବାର ନ୍ୟାୟ ପାଇବା ନେଇ ବଣ୍ଠପାଳ ଥାନା ସମ୍ମୁଖରେ ମୃତଦେହ ରଖି ବସି ରହିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସ ବୁଝାସୁଝା କରିବା ପରେ ପରିବାର ଲୋକେ ମୃତଦେହକୁ ନେଇ ଥିଲେ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ଭଦ୍ରକ, (ସବ୍ୟୁ) : ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଗୁଜୁରାଟୀ ଭବନରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଜିଲ୍ଲାର ପଚିଶ ଗୋଟି ବରିଷ୍ଠ ନାଗରିକ ସଂଘର ସଭାପତି,ସମ୍ପାଦକ ଓ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତରେ ପ୍ରାୟ ତିନିଶହରୁ ଉର୍ଦ୍ଧ ବରିଷ୍ଠ ନାଗରିକଙ୍କୁ ନେଇ ଯୋଗ,ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ସହ ସମସ୍ତ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ବିଧାୟକ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ,ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ସୁଧୀରଞ୍ଜନ ନାୟକ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ,ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି,ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ମଂଚାରୋହଣ କରି ଆଜିର ଦିବସର ମହତ୍ୱ ଉପରେ ଆଲୋଚନା କରିଥିଲେ। ଜିଲ୍ଲାର ଆଂଚଳିକ ସଂଘର କର୍ମକର୍ତ୍ତା ସମସ୍ୟା ଉପରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ମହାସଂଘର ସମ୍ପାଦକ ବରିଷ୍ଠମାନେ ଡାକ୍ତରଖାନରେ,ରାଷ୍ଟ୍ରାୟତ ବ୍ୟାଙ୍କ,ସରକାରୀ କାର୍ଯ୍ୟାଳୟ ଯଥା ବ୍ଲକ,ତହସିଲ,ମୁନିସିପାଲିଟିରେ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିବା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଓ ବିଧାୟକ ମହୋଦୟ ଉକ୍ତ ସମସ୍ୟାର ସମାଧାନ କରିବେ ବୋଲି ସମସ୍ତଙ୍କୁ ପ୍ରତିଶୃତି ଦେଇଥିଲେ। ପ୍ରତି ସଂଘର ଗୃହର ଆବଶ୍ୟକତା ପୂରଣ ପାଇଁ ମଧ ପ୍ରକାଶ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ,ରାମହରି ଗୋସ୍ୱାମି,ଗୌରୀଶ୍ୟାମ ଗୋସ୍ୱାମୀ ଓ ବିଭିନ୍ନ ସଂଘରୁ ରତିକାନ୍ତ ରାୟ,ଗଙ୍ଗାଧର ଘଡେଇ,ବାସନ୍ତୀ ମଲ୍ଲିକ,ପ୍ରଭାକର ସାହୁ,ହରିହର କର,କାହ୍ନୁ ଚରଣ ସାହୁ,ନାରାୟଣ ଚନ୍ଦ୍ର କୁଣ୍ଡୁ,ସୁରେଖା ନାୟକ,ରମାକାନ୍ତ ମଲ୍ଲିକ,କନକ ଲତା ରାୟ,ମହେଶ୍ୱର ମହାପାତ୍ର,କୃଷ୍ଣଚନ୍ଦ୍ର ରାଉଳ,ଅଖିଳ କୁମାର ପାଢ଼ୀ, ଚିନ୍ତାମଣି ପଣ୍ଡା,ସରଫିଉଦ୍ଦିନ ଖାଁଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ ସଭାକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ସଂଚାଳନ କରିଥିଲେ ଓ ମହାସଂଘ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ସରପଞ୍ଚଙ୍କ ଅକାଳ ବିୟୋଗ

ତାଳଚେର,(ସବ୍ୟୁ) : ତାଳଚେର ଜଗନ୍ନାଥପୁର ପଂଚାୟତରେ ପ୍ରଥମଥର ପାଇଁ ହୋଇଥିବା ସରପଂଚ ସୁରେଶଚନ୍ଦ୍ର ସାମଲଙ୍କର ଗତକାଲି ସନ୍ଧ୍ୟା ୭ଘଟିକା ସମୟରେ ତାଙ୍କ ନିଜ ବାସଭବନରେ ଅକାଳ ବିୟୋଗ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ (୮୧) ହୋଇଥିଲା। ଜଗନ୍ନାଥପୁର ପଂଚାୟତର ୧୯୮୩ ମସିହାରେ ସରପଂଚ ଭାବେ ପ୍ରତିନିଧିତ୍ୱ କରି ବେଶ ସୁନାମ ଅର୍ଜନ କରିଥିଲେ। ସେ ଜଣେ ସମାଜସେବୀ, ତାଳଚେର ମାଟିର ସ୍ୱାଧୀନ ସଂଗ୍ରାମୀ ପବିତ୍ରମୋହନ ପ୍ରଧାନ ଓ ବିଜୁବାବୁଙ୍କ ଅନୁଗତ ଥିଲେ। ତାଙ୍କର ଅକାଳ ବିୟୋଗରେ ସମଗ୍ର ପଂଚାୟତରେ ଶୋକରଛାୟା ଖେଳିଯାଇଥିଲା। ତାଙ୍କର ଅନ୍ତିମ ଶୋଭାଯାତ୍ରାରେ ପ୍ରାୟ ହଜାରୁ ଉର୍ଦ୍ଧ୍ୱ ଲୋକ ଥିଲେ। ପୂର୍ବତନ ସରପଂଚ ନବୀନ ଧର, ନରେନ୍ଦ୍ର ନାହାକ, ବିଜୟ ବେହେରା, ବିରଂଚି ନାରାୟଣ ଧର ଆଦି ଉପସ୍ଥିତ ଥିଲେ। ଏହି ଦୁଃଖଦ ଖବର ପାଇବାପରେ ପୂର୍ବତନ ମୁଖ୍ୟ ସଚେତକ ରବିନାରାୟଣ ପାଣି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ, ଶ୍ରମିକନେତା ଶ୍ରୀବସ୍ତ ଥମ୍ବ, ଅକ୍ଷୟ ପ୍ରଧାନ, ପୂର୍ବତନ ସରପଂଚ ଜୀବନ ସାହୁ, ବରିଷ୍ଠ ସାମ୍ବାଦିକ ସରୋଜ ମହାପାତ୍ର ଗଭୀର ଶୋକବ୍ୟକ୍ତ କରିବା ସହ ସେଭଳି ଜଣେ ବ୍ୟକ୍ତିତ୍ୱ ଆଉ ଦେଖିବାକୁ ମିଳିବେ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି।

# ପୁରୀ–ଅନୁଗୋଳ ମେମୁ ଟ୍ରେନ୍ ନିର୍ଦ୍ଧାରିତ ସମୟରେ ଯାତାୟତ କରିବା ପାଇଁ ଦାବିପତ୍ର

ତାଳଚେର ,(ସବ୍ୟୁ) : ତାଳଚେର ଦେଇ ଯାଉଥିବା ପୁରୀ–ଅନୁଗୋଳ ମେମୁ ଟ୍ରେନ୍ ଟି ନିର୍ଦ୍ଧାରିତ ସମୟରେ ଯାତାୟତ କରିବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ ଶିବିରରେ ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ତାଳଚେର ଏବଂ ଆଖ ପାଖ ସ୍ଥାୟୀ ବାସିନ୍ଦା ପ୍ରତ୍ୟହ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ରାଜଧାନୀ ଭୁବନେଶ୍ୱର ଏବଂ ଶ୍ରଦ୍ଧାଳୁ ମାନଙ୍କର ଶ୍ରୀକ୍ଷେତ୍ର ପୁରୀକୁ ହଜାର ହଜାର ଜନସାଧାରଣ ଗମନାଗମନ କରିଥାନ୍ତି ଅନୁଗୋଳ–ପୁରୀ ମେମୁ ଟ୍ରେନ୍‌ରେ । ଠିକ୍ ଫେରିବା ସମୟରେ ଭୁବନେଶ୍ୱରରୁ ତାଳଚେର ୧୧୩ କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ସଂଧ୍ୟା ଘ.୬.୨୦ମି. ରୁ ରାତ୍ର ଘ.୮.୨୦ମି. ନିର୍ଦ୍ଧାରିତ ସମୟକୁ ଆଖି ଆଗରେ ରଖି ସମସ୍ତେ ସମସ୍ତଙ୍କ କାର୍ଯ୍ୟସୂଚୀ ସ୍ଥିର କରିଥାନ୍ତି । ଏହି ମେମୁ ଟ୍ରେନ୍ ବୁଢ଼ାପଙ୍କ ଷ୍ଟେସନ ପର୍ଯ୍ୟନ୍ତ ଠିକ୍ ସମୟରେ ଯଥା– ରାତ୍ର ଘ୮.୨୦ମି. ସମୟରେ ପହଂଚିଥାଏ । ବିଡମ୍ବନାର ବିଷୟ ବୁଢ଼ାପଙ୍କ ଷ୍ଟେସନ୍ ଠାରୁ ତାଳଚରେ ସର୍ବମୋଟ ୧୧ କିଲୋମିଟର ରାସ୍ତା ଅତିକ୍ରମ ପାଇଁ ରାତ୍ର ଘ.୧୧.୨୦ମି. ଯଥା ୩ ଘଂଟା ସମୟରେ ଲାଗୁଛି । ରାତ୍ର ଘ୮.୨୦ମି.ରୁ ରାତ୍ର ଘ.୧୧.୨୦ମି. ପ୍ରତ୍ୟହ ୩ ଘଂଟା ମୁଣ୍ଡ ପିଛା ସମୟ ଏହା ସହିତ ପ୍ରତ୍ୟହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୩ ହଜାର ଯାତ୍ରୀ ଯାତାୟତ କରିଥାନ୍ତି । ଏହି ୩ ହଜାର ଯାତ୍ରୀ ଏବଂ ପ୍ରତ୍ୟହ ୩ ଘଂଟା ସମୟ ହିସାବରେ ମୋଟ୍ ୯ ହଜାର ଘଂଟା ସମୟ ତାଳଚେରବାସୀ ମାନଙ୍କ ଠାରୁ ଲୁଣ୍ଠନ କରାଯାଉଛି । ଯାହାକି ଷ୍ଟେସନ୍‌ର ମନମୁଖି ପାଇଁ ଏହା ହେଉଛି । ଏବେ ପ୍ରଶ୍ନ ଉଠୁଛି, ତାଳଚେରବାସୀ ମାନଙ୍କ ପାଇଁ ଉନ୍ନତି ନା ଅବନତି । ଏହି ପ୍ରସଙ୍ଗ ତାଳଚେରବାସୀମାନଙ୍କ ପାଇଁ ଅଭିଶପ୍ତ ଅଧ୍ୟାୟ । ଏଥିପାଇଁ ତାଳଚେରବାସୀ ମାନସିକ, ଶାରିରୀକ, ଆର୍ଥୀକ ଭାରସାମ୍ୟ ହରାଇବା ସହିତ ସମୟ ଲୁଣ୍ଠନର ଶୀକାର ହେଉଛନ୍ତି । ସମସ୍ତଙ୍କ ପାଇଁ ସମୟର ମୂଲ୍ୟବାନ୍ କୁ ଆଖି ଆଗରେ ରଖି ଆମ ଦେଶ ବୁଲେଟ୍ ଟ୍ରେନ୍ ବ୍ୟବହାର ପାଇଁ ଆଗଭର ହେଲାଣି । କିନ୍ତୁ ତାଳଚେରବାସୀ ଅବହେଳିତ, ନିଷ୍ପେଷିତ ହେଉଛନ୍ତି ନିଜ ଅଧିକାର ପାଇବା ପାଇଁ । ତାଳଚେରରୁ ପ୍ରତ୍ୟେହ କୋଇଲା ଉତୋଳନ ଏବଂ ପରିବହନ ପାଇଁ ସମସ୍ତେ ଆୟୁଷ ହାନୀ ହେବା ସହ ଆମ ଦେଶକୁ ସଶକ୍ତ କରିବା ଆମର କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପନ୍ନ କରୁଅଛୁ । କିନ୍ତୁ ଅଧିକାରରୁ ବଂଚିତ ହେଉଅଛୁ । ଅଧିକାର ଏବଂ କର୍ତବ୍ୟ ଅଙ୍ଗାଅଙ୍ଗି ଭାବେ ଜଡିତ । ଏହାକୁ ଗୁରୁତର ସହ ବିଚାର କରି ପ୍ରତ୍ୟେହ ନିର୍ଦ୍ଧାରିତ ସମୟରେ ମେମୁ ଟ୍ରେନ୍ କୁ ନିର୍ଦ୍ଧାରିତ କରାଇବା ଏବଂ ସଠିକ୍ ସମୟରେ ବ୍ୟବସ୍ଥା କରାଇବାକୁ ଅନୁରୋଧ କରାଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ ବେଳେ ଅରବିନ୍ଦ ପ୍ରଧାନ, ଅକ୍ରମ ବାରିକ୍, ରାକେଶ କୁମାର ବାରିକ, ସୁଶାନ୍ତ ପାଣି, ବେଣୁଧର ସାହୁ, ଚୈତନ୍ୟ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ହିନ୍ଦୋଳ ଏନଏସିରୁ ବିଜେଡିର ପଦଯାତ୍ରା ଆରମ୍ଭ




ହିନ୍ଦୋଳ,(ସବ୍ୟୁ) :ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଆରମ୍ଭ ହୋଇଛି ଜନସମ୍ପର୍କ ପଦଯାତ୍ରା । ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ଆଜି ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ଓ ଉପାଧ୍ୟକ୍ଷା ପ୍ରତିମା ରାଉତଙ୍କ ନେତୃତ୍ୱରେ ଆରମ୍ଭ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗ ଦେଇଥିବା ବେଳେ ପ୍ରଥମେ ହିନ୍ଦୋଳ ଏନଏସି ୱାର୍ଡନଂ୧୨ (ବନମାଳୀପୁର ଛକ)ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଏବଂ ମେଡିକାଲଛକ ନିକଟରେ ଥିବା ହିନ୍ଦୋଳର ବରପୁତ୍ର ବିଶିଷ୍ଟ ରାଜନେତା ପୂର୍ବତନ ବିଧାୟକ ସ୍ୱର୍ଗତ ତ୍ରିନାଥ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂଜାର୍ଚ୍ଚନା କରାଯାଇ ସମସ୍ତେ ଶ୍ରଦ୍ଧାଞ୍ଜଳି ଦେଇ ଥିଲେ । ସମସ୍ତ କାର୍ଯ୍ୟକର୍ତ୍ତା ପଦଯାତ୍ରାରେଯାଇ ଉପଜିଲ୍ଲାପାଳଙ୍କ ଅଫିସନିକଟରେ ଜାତିର ଜନକ ମହାତ୍ମାଗାନ୍ଧୀ, ପଣ୍ଡିତ ଜବହାରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତି ,ଶାନ୍ତିଦୂତ ଲାଲବହାଦୁର ଶାସ୍ତ୍ରୀଙ୍କ ତୈଳଚିତ୍ରରେ ଓ ବ୍ଲକଛକସ୍ଥିତ ଆମ୍ବେଦକର ଓ ଦାଣ୍ଡିଯାତ୍ରାର ସମସ୍ତ ମହାପୁଷଙ୍କୁ ମାଲ୍ୟାର୍ପଣ ପୂଜାର୍ଚ୍ଚନାକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଓ ଏହିଅବସରରେ ପୂର୍ବତନ ସାଂସଦ ମହେଶ ସାହୁ ବିଜେପି ସରକାରକୁ ସମାଲୋଚନା କରି କହିଥିଲେ । ବିଜୁଜନତାଦଳ କ୍ଷମତାରେ ଥାଉ ବା ନଥାଉ ଓଡିଶାବାସୀଙ୍କ ସେବାରେ ନିୟୋଜିତ ରହିବ । ଆଜିର ଏହିଜନସମ୍ପର୍କ ପଦଯାତ୍ରାରେ ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ଉପାଧ୍ୟାକ୍ଷା ପ୍ରତିମା ରାଉତ,କାଉନସିଲର ସୌମିତ୍ର ବେହେରା,ସୁଶାନ୍ତ ନାୟକ, ବନିତା ଦାସ, ରିତାରାଣୀ ବେହେରା, ବିଷ୍ଣୁପ୍ରିୟା ନାଏକ, ରୁଦ୍ରନାରାୟଣ ଦାସ, ଶୁଭଲକ୍ଷ୍ମୀ ଦେହୁରୀ, ସୁମତି ଦେହୁରୀ, ଅନୁପମା ସାହୁ,ବିଜୟ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ମମତାଞ୍ଜଳି ବେହେରା,ରାଜ୍ୟ ଯୁବସମ୍ପାଦକ ଦେବିପ୍ରସାଦ ପଟ୍ଟନାୟକ, ପୂର୍ବତନ ବ୍ଲକଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ,ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା,ଯୁବବିଜେଡି ଜିଲ୍ଲାସମ୍ପାଦକ ପ୍ରଶାନ୍ତ ଦାସ,ବ୍ଲକ ମହିଳା ସଭାପତି ଅନୁସୟା ଗଡ଼ନାୟକ, ଓଡାପଡା ବ୍ଲକ ସଭାପତିଚିତ୍ତରଞ୍ଜନ ନାଥ, ରାସୋଳବିଜେଡି ସଭାପତି ସୁବ୍ରତ ମହାପାତ୍ର,ବିଜେଡି ନେତା ବିଜୟ ବେହେରାଙ୍କ ସହ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପଥପ୍ରାନ୍ତ ନାଟକ

ଅନୁଗୋଳ,(ସବ୍ୟୁ) :ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ତଥା ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ, ଅନୁଗୋଳ (ମୁନିସପ୍ୟାଲିଟି କାର୍ଯ୍ୟାଳୟ) ନିକଟରେ ଏସିଡ ଆକ୍ରମଣରେ ପୀଡ଼ିତାଙ୍କୁ ଆଇନ ସହାୟତା, କ୍ଷତିପୂରଣ ବ୍ୟବସ୍ଥା ସେଥିପାଇଁ ଦୋଷୀକୁ ଦଣ୍ଡବିଧାନ ଓ ପୀଡ଼ିତା ଙ୍କୁ କ୍ଷତିପୂରଣ ଯୋଜନା, ୨୦୧୭ ବିଷୟରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଅଛି । ଏହି ନାଟକରେ ଅନୁଗୋଳ ବାର ଆସୋସିଏସ୍‌ର ଓକିଲ ବୃନ୍ଦ, ଶିଶୁ ମଙ୍ଗଳ କମିଟିର ସଦସ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅନୁଗୋଳର ସ୍ୱେଚ୍ଛାସେବୀ ଗଣ ଅଂଶଗ୍ରହଣ କରିଥିଲେ । ସେମାନେ ନାଟକ ମାଧ୍ୟମରେ ଏସିଡ ଆକ୍ରମଣ ଦ୍ୱାରା ପୀଡ଼ିତାର କ୍ଷତି ଏବ ସେଥିପାଇଁ ସରକାରଙ୍କର ତରଫରୁ ଦିଆଯାଉଥିବା କ୍ଷତିପୂରଣ ରାଶି, ଦୋଷୀ ପାଇଁ ଥିବା ଦଣ୍ଡବିଧାନ ଓ ପୀଡ଼ିତା ଙ୍କୁ କ୍ଷତିପୂରଣ ଯୋଜନା, ୨୦୧୭ ବୁଝାଇଥିଲେ ଏବଂ ତା ସହିତ ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କ ମାଗଣାରେ ଆଇନ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟି ମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ ବୋଲି ନାଟକରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଅଦାଲତର ବିଚାରପତିଗଣ, ଅନୁଗୋଳ ବାର ଆସୋସିଏସ୍‌ର ଓକିଲ ବୃନ୍ଦ, ପ୍ରଶାସନିକ ଅଧିକାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଅନୁଗୋଳର ସ୍ୱେଚ୍ଛାସେବୀ ଗଣ, ଆରକ୍ଷୀ ବିଭାଗ, ଆଇନସେବା ପ୍ରାଧିକରଣର କର୍ମଚାରୀ, ଜନ ସାଧାରଣ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଆୟୋଜନ କରିଥିଲେ

# ମହିଳା ମହାବିଦ୍ୟାଳୟରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ

ଭୁବନ,(ସବ୍ୟୁ) :ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଆନୁକୁଲ୍ୟରେ ଉଦ୍ୟମୀତା ପ୍ରୋତ୍ସାହନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ସମନ୍ୱୟ ଅଶୋକ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି ସ୍ୱଦେଶୀ,ସ୍ୱାବଲମ୍ବନ ଓ ଆତ୍ମ ନିର୍ଭରଶୀଳ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଦେବବ୍ରତ ପୃଷ୍ଟି,ଯୁକ୍ତ ଦୁଇ ଅଧ୍ୟକ୍ଷା ଶ୍ରୀମତୀ ସୁପ୍ତିମୟୀ ସେନ ଯୋଗଦେଇ ଆତ୍ମନିର୍ଭର ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଢେଙ୍କାନାଳ ଜିଲ୍ଲା ର ସଫଳ ଉଦ୍ୟୋଗୀ ବାପୁନ ସାହୁ ଉଚ୍ଚ ଶିକ୍ଷା ଲାଭ କରି ଚାକିରି ପଛରେ ନଗୋଡ଼ାଇ ସ୍ୱାବଲମ୍ବୀ ହୋଇ ଅନ୍ୟକୁ କର୍ମ ସଂସ୍ଥା ଯୋଗାଇ ଦେବା ସମ୍ପର୍କରେ ଓ ନିଜ ଜୀବନ କାହାଣୀ ବର୍ଣ୍ଣନା କରି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଉଦ୍ୟୋଗୀ ବାପୁନ ସାହୁ,ଲିପୁନ ସାହୁ ଓ ଟୁପୁସି ବିଶ୍ୱକର୍ମାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ପ୍ରଶାନ୍ତ ରାଉତ ରାୟ,ନିରଞ୍ଜନ ନାୟକ,ଶୁଭମ୍ ବେହେରା ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ । ଶେଷରେ ନିରଞ୍ଜନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହାୟକର ଅଷ୍ଟାଦଶ ବାର୍ଷିକୋତ୍ସବ

ବାଲେଶ୍ୱର, (ସବ୍ୟୁ) : ଜାତିର ପିତା ମହାତ୍ମାଗାନ୍ଧୀ ଓ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ପବିତ୍ର ଜନ୍ମଦିବସ ଅବସରରେ ଜନକଲ୍ୟାଣକାରୀ ସେବାସଂସ୍ଥା ସହାୟକ ର ଅଷ୍ଟାଦଶ ବାର୍ଷିକ ଉତ୍ସବ ସ୍ଥାନୀୟ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସଂଗଠନର ପ୍ରତିଷ୍ଠାତାମାନେ ବାର୍ଦ୍ଧକ୍ୟରେ ପହଞ୍ଚୟାଇଥିଲେ ମଧ ସଂଗଠନ କିନ୍ତୁ ଅଭିଜ୍ଞତାକୁ ଗ୍ରହଣ କରି ଅଧିକ ଧାବମାନ ହୁଏ।ସଂଗଠନ ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ଅଧ୍ୟତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତାଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ, ସମ୍ମାନିତ ଅତିଥିଭାବେ ସହାୟକର ବରିଷ୍ଠ ଉପଦେଷ୍ଟା ତଥା ପ୍ରତିଷ୍ଠାତା ସଦସ୍ୟ ଧିରେନ୍ଦ୍ର ନାରାୟଣ ଦାସ ଓ ଇଂ. ବନମାଳୀ ନାୟକ ଯୋଗଦେଇ ମାନବ ସମାଜରେ ଅସହାୟକୁ ସହାୟତା ପ୍ରଦାନ କରିବା ଏକ ମାନବୀୟ କର୍ତ୍ତବ୍ୟ ବୋଲି ମତ ଦେଇଥିଲେ। ସାଧାରଣ ସଂପାଦକ ଇଂ. ହୃଷିକେଶ ସାହୁ ବାର୍ଷିକ ବିବରଣୀ ଏବଂ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ସଂଗଠନର ବାର୍ଷିକ ମୁଖପତ୍ର–୨୦୨୪କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ସଂଗଠନ, ବ୍ୟକ୍ତିବିଶେଷ, କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଦାସ, ଗୁଣାକର ଦେ, ଅକ୍ଷୟ କୁମାର ତ୍ରିପାଠୀ, ଗଙ୍ଗାଧର ପୃଷ୍ଟି, ଅକ୍ଷୟ କୁମାର କର, ରବିନାରାୟଣ ଭୋଳ, ଦୀପ୍ତିଲତା ଦାସ, ସୁରେନ୍ଦ୍ର ପ୍ରସାଦ ଧଳ, ସରସ୍ୱତୀ ନନ୍ଦ, ନିରଞ୍ଜନ ପଣ୍ଡା, ପ୍ରଣିତା ମିଶ୍ର, ଇଂ. କେଶବ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ଜେନା, ଡା. ତାରାକାନ୍ତ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ପୂର୍ବତନ ସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ ଓ ଦିବାକର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗତକାଲି ସଂଗଠନ ପକ୍ଷରୁ ୫୦ ଜଣରୁ ଉର୍ଦ୍ଧ୍ୱ ଦୁଃସ୍ଥ ନରନାରୀଙ୍କୁ ଖାଦ୍ୟ ଓ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସଚେତନତା ପଦଯାତ୍ରା

ଆଠମଲ୍ଲିକ,(ସବ୍ୟୁ) :ଆଠମଲ୍ଲିକ ଏନ ଏ ସି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ସ୍ୱଚ୍ଛତାରେ ଜନ ଭାଗିଦାରୀ ଅନୁଷ୍ଠିତ ହୋଇଥିଲା ।ଏହି ଉପଲକ୍ଷେ ଅଞ୍ଚଳ ର ଇଷ୍ଟଦେବୀ ମା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ଙ୍କ ନେତୃତ୍ୱ ରେ ଅଙ୍ଗନୱାଡ଼ି କର୍ମଚାରୀ, ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ଆଇ ସି ଡ଼ି ଏସ କର୍ମଚାରୀ, ଆ ଇ ଟି ଆଇ କଲେଜ ଅଧ୍ୟାପକ ଓ ଛାତ୍ର ଛାତ୍ରୀ ଓ ସଫେଇ କର୍ମଚାରୀ ଏକତ୍ରିତ ହୋଇ ଏକ ସଚେତନତା ପଦଯାତ୍ରା ବାହାରି ଥିଲା । ଏହି ସଚେତନତା ପଦଯାତ୍ରା କୁ ଏନ ଏ ସି ଅଧ୍ୟକ୍ଷା ପତାକା ଦେଖାଇ ଉଦଘାଟନ କରିଥିଲେ । ସଚେତନତା ଶୋଭାଯାତ୍ରା ରେ ପଲିଥିନ ଅଟେ ମହା ବିପଦ ,ହଜାଇଛି ଏହା ସବୁରି ନିଦ, ସ୍ୱଚ୍ଛତା ନାରା ଦେଇ ବାର୍ତ୍ତା ଦେଇଥିଲେ । ପଦଯାତ୍ରା ସ୍ଥାନୀୟ ମିନି ଷ୍ଟାଡିଅମ ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ, ବିଡ଼ିଓ ତେଜସ୍ୱିନୀ ବେହେରା(ଆଇ ଏ ଏସ ). ଭାରପ୍ରାପ୍ତ ଉପଜିଲ୍ଲାପାଳ ପ୍ରଭୁ ପିୟୁଷ ମହାପାତ୍ର,ତହସିଲଦାର ସୌଭାଗ୍ୟ ବେହେରା, ଆ ଟି ଆଇ କଲେଜ ପ୍ରିନ୍ସିପାଲ ସନ୍ତୋଷ କୁମାର ପଣ୍ଡା,ଟ୍ରେନିଂ ଅଫିସର ନିକୁଞ୍ଜ କୁମାର ଦାଶ,ସିଡ଼ିପିଓ ତରଙ୍ଗିଣୀ ମିଦ୍ଧା, ସହର ପରିଚାଳକ ସଞ୍ଜୟ ସାହୁ,କନିଷ୍ଠ ଯନ୍ତ୍ରୀ ଦୁର୍ଗା ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ ।ଏହି ଅବସରରେ ଏନ ଏ ସି ଅଧ୍ୟକ୍ଷା ଶ୍ରୀମତୀ ସାହୁ, ନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତି, ତହସିଲଦାର ଶ୍ରୀ ବେହେରା, ସିଡ଼ିପିଓ ଶ୍ରୀମତୀ ମିଦ୍ଧା ପ୍ରମୁଖ ସଫେଇ ଝାଡୁ ଧରି ନିଜେ ସଫା କରିଥିଲେ । ପ୍ରାରମ୍ଭ ରେ ଅତିଥି ମାନଙ୍କ ଦ୍ୱାରା ଗାନ୍ଧୀ ପାର୍କ ସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା ।

# ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିୟୋଗରେ ଶୋକ

ତିହିଡି, (ସବ୍ୟୁ) : ତିହିଡି ବ୍ଲକରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଟେକଚାନ୍ଦ କାଲଙ୍କର ୫୮ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ତାଙ୍କର ଏହି ଅକାଳ ବିୟୋଗରେ ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି । ଏହି ମର୍ମରେ ବ୍ଲକ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଡିଓ ଜ୍ୟୋର୍ତିମୟ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅତିରିକ୍ତ ବିଡିଓ ମାନସ କୁମାର ଜେନା, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ. କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ରାଉତ, ଭୀଷ୍ମଦେବ ଶତପଥି, ଲଲାଟେନ୍ଦୁ ପାଲ, ତନୁଜା ମିଶ୍ର, ଭରତ ବିଶ୍ୱାଳ, ସମୀର ମାନ୍ନା, ଦେବସ୍ମିତା ବସନ୍ତିଆ, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ଜିପିଓ ପ୍ଲାବନ ପଣ୍ଡା, ସେକ୍ସନ ଅଫିସର ରୁନା ସୁନା, ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସୀ ମହାପାତ୍ର, ମାନଗୋବିନ୍ଦ ଦାସ, ବାସୁଦେବ ବେହେରା, ସୁକାନ୍ତ ମଲ୍ଲିକ, ଇତିଶ୍ରୀ ଦାସ, କମଳାକାନ୍ତ ଦାସ, କାମିନିରାଣୀ ଓଝା, କୌଶିକ ଗିରି ପ୍ରମୁଖ ଯୋଗଦେଇ ସ୍ୱର୍ଗତ କାଲଙ୍କର ସ୍ମୃତିଚାରଣ କରିଥିଲେ । ପ୍ରକାଶ ଯେ, ଟେକଚାନ୍ଦ ଗାଧୁଆ ଘରେ ପଡିଯାଇ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ୱର୍ଗତ କାଲଙ୍କର ଘର ଝରସୁଗୁଡା ଜିଲ୍ଲା ଲୋଇକେରି ବ୍ଲକ ଅଧିନ ଭେଙ୍ଗୁରଜୋର ଗାଁରେ ବୋଲି ଜଣାଯାଇଛି।

# ଧାମନଗରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ

ଧାମନଗର, (ସବ୍ୟୁ) : ଧାମନଗର ବ୍ଲକ ଓ ଏନଏସି ଅଂଚଳରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ କର୍ମଚାରୀ,ଆଶାକର୍ମୀ ଓ ନବଜୀବନ ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟ କରିଥିଲେ। ଧାମନଗର ଏନଏସି ବିଜୁଜନତାଦଳ ତରଫରୁ ସହରରେ ଥିବା ମହାତ୍ମାଗାନ୍ଧୀ ଓ ବିଜୁ ପଟ୍ଟନାୟକଙ୍କ ସମେତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପଳିକିରୀ ସରକାରୀ ନୋଡାଲ ସ୍କୁଲ ପରିସରରେ ଏକ ନୂତନ ପାଠାଗାର ଉଦଘାଟନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଦାଶ ଯୋଗଦେଇ ପାଠାଗାରର ଶୁଭ ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିଚଳନା କମିଟିର ପୂର୍ବତନ ସଭାପତି ସୁଧାକର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧାମନଗର ବ୍ଲକ ସହକାରୀ ଶିକ୍ଷାଧିକାରୀ ସତ୍ୟ ସୁନ୍ଦର ପରିଡ଼ା ମୁଖ୍ୟ ଅତିଥି,ଆନନ୍ଦପୁର ବ୍ଲକର ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ମୁଖ୍ୟବକ୍ତା ଓ ଶିକ୍ଷାବିତ ଲକ୍ଷ୍ମୀଧର ଦାଶ,ସିଆରସିସି ମୁଜାଫର ହୋସେନ,ପ୍ରାକ୍ତନ ସରପଂଚ ରମଣିରଞ୍ଜନ ଦାଶ,ପୂର୍ବତନ ସମିତିସଭ୍ୟ ସୁଦର୍ଶନ ମାଝୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ରାଉତ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀ ସୁଚିସ୍ମିତା ସାହୁ ଓ ସାଥୀ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟର ପୁରାତନ ଛାତ୍ର,ପିବି ହାଇସ୍କୁଲର ସେବା ନିବୃତ୍ତ ଶିକ୍ଷକ,ଗାୟକ ପାରିଜାତ ଦାମୋଦର ଦାଶଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସୁହାଗୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ପେନସନ୍ ଯୋଜନାକୁ ବିରୋଧ

# ପୁରୁଣା ପେନସନ୍ ଦାବିରେ ସଂଗ୍ରାମ ପାଇଁ ପ୍ରତିରକ୍ଷା କର୍ମଚାରୀଙ୍କ ପ୍ରତିଜ୍ଞାପାଠ




ବାଲେଶ୍ୱର, (ସବ୍ୟୁ) : ପବିତ୍ର ଗାନ୍ଧିଜୟନ୍ତୀ ଅବସରରେ ବାଲେଶ୍ୱର ଷ୍ଟେସନଛକ ନିକଟସ୍ଥ ପ୍ରୁଫ୍ ଫାଟକ ସମ୍ମୁଖରେ ଅଲ୍ ଇଣ୍ଡିଆ ଡିଫେନ୍ସ ଏମ୍ପ୍ଲୟିଜ୍ ଫେଡେରେସନ୍ ଆହ୍ୱାନ କ୍ରମେ ପୁରୁଣା ପେନସନ୍ ପାଇବା ପାଇଁ ଦେଶବ୍ୟାପୀ ଚାଲିଥିବା ସରକାରୀ କର୍ମଚାରୀଙ୍କ ଆନ୍ଦୋଳନରେ ସହଯୋଗ କରିବାପାଇଁ ଗାନ୍ଧିଜୀଙ୍କ ଫଟୋଚିତ୍ର ନିକଟରେ ପ୍ରତିଜ୍ଞାପତ୍ର ପାଠ କରି ଶପଥ ଗ୍ରହଣ କରିଥିଲେ। ଗତ ୨୦୦୪ ମସିହାରୁ ପ୍ରଣୀତ ଏନ୍.ପି.ଏସ୍. ଏବଂ ଚଳିତ ବର୍ଷର ୟୁ.ପି.ଏସ୍. ଯୋଜନାକୁ ଦୃଢ଼ ବିରୋଧ କରାଯିବ ବୋଲି ଶତାଧିକ ଶ୍ରମିକ ଶପଥ ଗ୍ରହଣ କରିଛନ୍ତି। ପ୍ରତିଜ୍ଞାପତ୍ର ପାଠ ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତିର ସଭାପତି ଜଗଦୀଶ ବାରିକ, ସମ୍ପାଦକ ହରେକୃଷ୍ଣ ଚାନ୍ଦଙ୍କ ସମେତ ଜାତୀୟ ଫେଡେରେସନ୍‌ର କାର୍ଯ୍ୟକାରୀ ସଦସ୍ୟ ତଥା ଏମ୍ଇଏସ୍ ଶ୍ରମିକ ସଂଘର ସଂପାଦକ ଦେବବ୍ରତ ଜେନା, ସଭାପତି ସୂର୍ଯ୍ୟନାରାୟଣ ଦାସ, ପ୍ରୁଫ୍ କର୍ମଚାରୀ ସଂଘର ସଭାପତି ୟୁ.ଏନ୍. ପ୍ରଧାନ, ଆଇଟିଆର୍ କର୍ମଚାରୀ ସଂଘର ସଭାପତି ଜାଗେଶ ମେଣ୍ଟକେ, ସତ୍ୟଜିତ୍ ସାହୁ, ସୋମନାଥ ସାହୁ, ସୁସ୍ମିତା ସିଂ, ବି.ସି. ବେହେରା, ଏସ୍. ବେହେରା, ଧୀରଜ କୁମାର ମୟଙ୍କ ମୌଲି, ଟି.କେ. ମହାପାତ୍ର, କିରଣ ପ୍ରସାଦ, ସନାତନ ଦାସ ଓ ଦୀପକ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦୀର୍ଘ ବର୍ଷ ଚାକିରି ରକି ଅବସର ପରେ କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ପାଇଁ ପ୍ରଦାନ କରାଯାଇଆସୁଥିବା ପୁରୁଣା ପେନସନ୍ ଯୋଜନା ସେମାନଙ୍କର ନ୍ୟାୟଯୁକ୍ତ ଅଧିକାର ବୋଲି ବହୁ ଉଚ୍ଚ ଅଦାଲତ ଓ ମାନ୍ୟବର ସୁପ୍ରିମକୋର୍ଟ ଆଦେଶ ଦେଇଛନ୍ତି। କିନ୍ତୁ କେନ୍ଦ୍ର ସରକାର ପେନସନ୍ ଆଳରେ ପ୍ରଚଳନ କରିଥିବା ଦୁଇଟିଯାକ ନୂତନ ପେନସନ୍ ଯୋଜନା କର୍ମଚାରୀଙ୍କ ସ୍ୱାର୍ଥବିରୋଧି ବୋଲି କର୍ମଚାରୀ ନେତାମାନେ ମତ ଦେଥଇଥିଲେ। ପ୍ରତିରକ୍ଷା କର୍ମଚାରୀଙ୍କ ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇ ବରିଷ୍ଠ ଶ୍ରମିକନେତା ତଥା ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସଂପାଦକ ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ ଓ ଭରତ ସେଠୀ ପ୍ରମୁଖ ଏହି ପ୍ରତିଜ୍ଞା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହାତ୍ମା ଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ କର୍ମଚାରୀମାନେ ସେମାନଙ୍କ ଦାବି ସପକ୍ଷରେ ନାରାବାଜୀ କରିଥିଲେ।

# ବିଜେପି ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଓ ସଦସ୍ୟତା ଅଭିଯାନ



ବ୍ରହ୍ମପୁର, (ସବ୍ୟୁ) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ହିଁ ସେବା ମାଧ୍ୟମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ବ୍ରହ୍ମପୁର ଗାନ୍ଧୀନଗରର ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱଚ୍ଛତା ଅଭିଯାନ ଦଳର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ଭି.ଶ୍ରୀନିଭାସନ୍ ପ୍ରମୁଖଙ୍କ ସମେତ ରାଜ୍ୟ ମହିଳା ମୋର୍ଚ୍ଚାର ବହୁ ପଦାଧିକାରୀ ଏବଂ ଗଞ୍ଜାମ ଜିଲ୍ଲାର ବହୁ ବରିଷ୍ଠ ନେତୃବୃନ୍ଦ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଏବଂ ଦଳର ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ହିଁ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ଏଥିପ୍ରତି ସମସ୍ତେ ସଚେତନ ହେବାକୁ ଓଡ଼ିଶା ସରକାରଙ୍କ ବରିଷ୍ଠ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱଚ୍ଛ ଭାରତ ମିଶନ ଦଶ ବର୍ଷରେ ପଦାର୍ପଣ କରିଥିବାରୁ ଏହା କେନ୍ଦ୍ର ସରକାରଙ୍କ ଏକ ବଡ଼ ସଫଳତା ବୋଲି ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ଭି. ଶ୍ରୀନିଭାସନ୍ କହିଥିଲେ । ଆଜିର ଏହି ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ରହାରି ପାଣିଗ୍ରାହୀ,ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାହୁ,ବରିଷ୍ଠ ନେତା ସୁରେଶ ପାତ୍ରୀ, ଶଶୀ ପଟ୍ଟନାୟକ, କାମନା ପାତ୍ରୀ, ଗୋରୀ ଶଙ୍କର ସାମନ୍ତରା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ୫ ବାପ ଛେଉଣ୍ଡ ଭୋକରେ ଆଉଟୁପାଉଟୁ ହେବା ଘଟଣା

# 'ସମୟ' ପ୍ରଭାବ : ଖବର ପ୍ରକାଶନର ୨୪ ଘଣ୍ଟା ନପୁରୁଣୁ ପହଞ୍ଚିଲା ପ୍ରଶାସନ

ବେତନଟୀ, (ସବ୍ୟୁ) : ଭୋକ ଉପାସରେ ଆଉଟୁ ପାଉଟୁ ହେଉଥିଲେ । ୫ ବାପ ଛେଉଣ୍ଡ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ବୁଧବାର ଦିନ ଉକ୍ତ ଖବର ଆମ ସମୟ ସମ୍ବାଦପତ୍ରରେ ପ୍ରକାଶିତ ହେବାର ୨୪ ଘଣ୍ଟା ନପୁରୁଣୁ ଏହାର ପ୍ରଭାବରେ ସ୍ଥାନୀୟ ପ୍ରଶାସନ ତତ୍ପର ହୋଇଥିବାର ଦେଖିବାକୁ ମିଳିଛି । ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଛୁଟି ସତ୍ତ୍ୱେ ବୁଧବାର ସକାଳ ସମୟରେ ସରକାରୀ ଅଧିକାରୀମାନେ ତୁରନ୍ତ ପୁରୁଣିଆ ଗ୍ରା.ପ.ର କରକଚିଆ ଗ୍ରାମକୁ ଯିବା ସହିତ ବାପ ଛେଉଣ୍ଡ ପାଞ୍ଚ ଶିଶୁ ଏବଂ ବିଧବା ମାଙ୍କୁ ସହାୟତାର ହାତ ବଢାଇଛନ୍ତି । ବେତନଟୀ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ସ୍ଥାନୀୟ ସରପଞ୍ଚ ସୁନ୍ଦରମୋହନ ସିଂ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ ଦାସ, ଏଡିଇଓ ଅଜିତ କୁମାର ସାସମଲ ଓ ଯୋଗାଣ ସହାୟକ ମନୋଜ କୁମାର ଦାସ କରକଚିଆ ଗ୍ରାମରେ ପହଞ୍ଚି ଅସହାୟ ମହିଳା ଓ ତାଙ୍କ ୫ ଜଣ ଶିଶୁଙ୍କୁ ତୁରନ୍ତ ଭାବେ ୧୦କି.ଗ୍ରା. ଚାଉଳ ସହିତ ୫୦୦ ଟଙ୍କା ପ୍ରଦାନ କରିଥିଲେ । ବ୍ଲକ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ତିଆଡି ନୀରିହ ଏବଂ ଅସହାୟ ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବା ପାଇଁ ନିଭର ପ୍ରତିଶୃତି ମଧ୍ୟ ପ୍ରଦାନ କରିଥିଲେ । ଏହା ସହିତ ପିଲାମାନଙ୍କର ପାଠପଢା ପାଇଁ ନିଜେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରୀଦାସ ବେତନଟୀ ବ୍ଲକ ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ସେମାନଙ୍କର ରାଇକମା ଆଶ୍ରମ ବିଦ୍ୟାଳୟରେ ଯଥା ଶୀଘ୍ର ନାମ ଲେଖାଇବାର ବ୍ୟବସ୍ଥା କରାଯିବା ନେଇ ମଙ୍ଗଳ ଅଧିକାରୀ ମଦନ ସିଂ ପ୍ରକାଶ କରିଥିଲେ । ଯୋଗାଣ ସହାୟକ ମଧ୍ୟ ରେସନ କାର୍ଡରେ କିପରି ଚାଉଳ ମିଳିପାରିବ ତାହାର ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ କରିଥିବାର ସୂଚନା ମିଳିଛି । ଗୋଟିଏ ଦିନରେ ଉଭୟ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ଗାଁକୁ ଆସି ସମସ୍ୟାର ତତ୍କାଳ ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିବାରୁ ସ୍ଥାନୀୟ ଲୋକମାନେ ସମସ୍ତ ପ୍ରତିନିଧି ସମେତ ସରକାରଙ୍କୁ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ, ସ୍ୱାମୀଙ୍କୁ ହରାଇବା ପରେ ନିଜ ବାପଘର ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରା.ପ. ନିକଟସ୍ଥ କରକଚିଆଠାରେ ବାସନ୍ତୀ ଗୁଡୁ ନାମକ ଅସହାୟ ମହିଳା ଓ ତାଙ୍କ ୫ଜଣ ସନ୍ତାନ ଭୋକ ଉପାସରେ ଏକ କୁଡିଆ ଘରେ ରହୁଥିବା ବେଳେ ପିଲା ମାନଙ୍କୁ ଧରି ଦିନ ମଜୁରିଆ କାମ କରି ଚଳୁଥିଲେ । ଛୋଟ ଛୋଟ ପିଲାମାନଙ୍କୁ ନେଇ ଗୋଟିଏ ଭଙ୍ଗା ଏଜବେଷ୍ଟସ ମାଟିରେ ତିଆରି କୁଡିଆ ଘରେ ରହୁଥିଲେ । ବେସାହାରାଙ୍କୁ ଭଗବାନ ସାହା ହେବା ଭଳି ଏତେ ଦିନ ପରେ ପ୍ରଶାସନ ଅସହାୟ ମହିଳା ଏବଂ ବାପ ଛେଉଣ୍ଡ ଶିଶୁଙ୍କ ପାଖରେ ପହଞ୍ଚିଥିଲା । ଯଥା ଶୀଘ୍ର ସେମାନଙ୍କର ଉଚିତ ବ୍ୟବସ୍ଥା କରାଇବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ।

# ଗାନ୍ଧୀ ଜୟନ୍ତୀରେ ପ୍ରତିମୂର୍ତ୍ତି ଉଦ୍‌ଘାଟନ କଲେ ବିଧାୟକ

ଧରାକୋଟ, (ସବ୍ୟୁ): ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଗାନ୍ଧୀଜୟନ୍ତୀ ଅବସରରେ ବାଲଗରଡ଼ ପଞ୍ଚାୟତ ଗଜରଳେଟା ଗ୍ରାମରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଗାନ୍ଧୀଜୟନ୍ତୀ ଅବସରରେ ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନା ନିଜ ହାତରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିବା ସହ ପଦ୍ମଫୁଲର କଲ୍ୟାଣମଣ୍ଡପର ମଧ୍ୟ ଶୁଭାରମ୍ଭ କରିଥିଲେ । ଏହାର ପୂର୍ବରୁ ସରପଞ୍ଚ ପ୍ରେସିଡେଣ୍ଟ-ସରୋଜ ଗୌଡ଼, ମୁଖ୍ୟମରଡ଼ ପଞ୍ଚାୟତ ସମିତି ସଭ୍ୟା-ମାଳିନୀ ପାତ୍ର, ମାଣିକ୍ୟପୁରୁ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ବିନୋଦ ଖଟାଇ, ବାଲଗରଡ଼ ପଞ୍ଚାୟତ ସଙ୍ଘଠକ କବିରାଜ ପାତ୍ରୀ, ଗ୍ରାମବାସୀ ବହୁ କଂଗ୍ରେସର କର୍ମୀ ଯୋଗଦେଇ ଦେଇଥିଲେ। ତାହା ସହିତ ଆଗାମୀ ଦିନରେ ପଞ୍ଚାୟତ ଇଲେକ୍ସନରେ କେମିତି କଂଗ୍ରେସର ସମସ୍ତ ସଂଗଠନ ସୁଦୃଢ ହେବ କର୍ମୀ ମାନଙ୍କ ସହ ଆଲୋଚନା କରିବା ସହ ଗାଁ ଗାଁ ପଦଯାତ୍ରାର ଶୁଭାରମ୍ଭ କରିଥିଲେ ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଚିକିଟି, (ସବ୍ୟୁ): ଗତ ସେପ୍ଟେମ୍ବର ୧୭ ତାରିଖ ଦିନଠୁ ବୁଗୁଡ଼ା ଏନ୍‌ଏସ୍‌ସି ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଏନ୍‌ଏସି ପରିସରରେ ... [illegible] ... କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ... ଉକ୍ତ କାର୍ଯ୍ୟକ୍ରମକୁ ସାଇନ୍ସେସନ ଏକ୍ସପର୍ଟ ମୁନା ଗୌଡ ଓ ସୁପରଭାଇଜର ରାଜେନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ପରିଶେଷରେ ମୁକ୍ତା ପ୍ରକଳ୍ପ ସଂଯୋଜକ ସର୍ବେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ... ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ତୃତୀୟ ନୃତ୍ୟଦଳ ଭାବେ କେ:ଏମ: ଭାଲିଆସାହି ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରସ୍କୃତ ହୋଇଥିଲେ । ପ୍ରଥମ ବିବେଚିତ ହୋଇଥିବା ନୃତ୍ୟଦଳ ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଏନ: ଜଗଦୀଶ ଏବଂ ଶିକ୍ଷୟତ୍ରୀ ସୁଲତା ଶୁଭଦର୍ଶନୀ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

# ସୁଧୁରୁଛି ଭଦ୍ରକ : ସ୍ଥିତି ଧୀରେ ଧୀରେ ଶାନ୍ତ ହେଉଛି

ଭଦ୍ରକ, (ସବ୍ୟୁ) :ଭଦ୍ରକ ଅଶାନ୍ତି ଘଟଣା। ଜିଲ୍ଲା ତମାମ ଉଠିଲା ଇଣ୍ଟରନେଟ ଉପରେ କଟକଣା। ଦୀର୍ଘ ୪ଦିନ ହେବ ଇଣ୍ଟରନେଟ ଉପରେ କଟକଣା ଜାରି ହୋଇଥିଲା। ଦୀର୍ଘ ୯୬ ଘଣ୍ଟା ପରେ ସ୍ୱାଭାବିକ ହୋଇଛି ଇଣ୍ଟରନେଟ। ଏବେ ଜିଲ୍ଲାରେ ଇଣ୍ଟରନେଟ ଉପଲବ୍ଧ। ସୋସିଆଲ ମିଡ଼ିଆରେ ପୋଷ୍ଟିଂ ଉପରେ ପ୍ରଶାସନ ଓ ପୋଲିସର ନଜର। ବିବାଦୀୟ ଓ ଆପତ୍ତିଜନକ ପୋଷ୍ଟ ହେଲେ କାର୍ଯ୍ୟନୁଷ୍ଠାନ। ଏମିତି ପୋଷ୍ଟ ନଜରକୁ ଆସିଲେ ପୋଲିସକୁ ଜଣାଇବା ପାଇଁ ପ୍ରଶାସନର ପରାମର୍ଶ। ପୁରୁଣାବଜାର,ଧାମନଗର ବିଞ୍ଝପିତ ଓ ଦୋବଲରେ ବିଏନଏସ ୧୬୩ ଧାରା ଜାରି। ଅଦ୍ୟାବଧି ୩୩ ଜଣ ଗିରଫ। ପୁରୁଣାବଜାର ଥାନାରୁ ୧୬ଜଣ,ଧାମନଗର ଥାନାରୁ୧୭ ଜଣ ଗିରଫ ଏହି ଗିରଫଦାରୀ ସଂଖ୍ୟା ଆଗକୁ ବଢିବ। ଏବେବି ସଶସ୍ତ୍ର ପୋଲିସ ଉଭୟ ପୁରୁଣାବଜାର ଓ ଧାମନଗରରେ ମୁତୟନ ହୋଇଛନ୍ତି।

# ଚିକିତ୍ସା ଅବହେଳାରୁ ଜଣେ ମୃତ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ଚିକିତ୍ସା ଅବହେଳା ପାଇଁ ଜଣେ ବ୍ୟକ୍ତିଙ୍କ ଆଜି ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ମୃତ୍ୟୁ ବ୍ୟକ୍ତି ଜଣକ ହେଲେ ଚମାଖଣ୍ଡି ଥାନା ଅଧିନ ଘଡଘଡାପଲ୍ଲୀ ଗ୍ରାମର ଡି.ଜଗାରାଓ ପାତ୍ର। ଆଜି ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକ ଡି.ଜଗାରାଓଙ୍କୁ ଛତ୍ରପୁର ମେଡିକାଲ ଆଣିଥିଲେ। ସେଠାରେ ଉପସ୍ଥିତ ଥିବା ଡାକ୍ତର ତାଙ୍କୁ ଇସିଜି କରିବାକୁ କହିଥିଲେ। ଇସିଜିରେ ନିୟୋଜିତ କର୍ମଚାରୀ ଜଣକ ଆସିନଥିବାରୁ ତାଙ୍କୁ ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। ଏପରିକି ତାଙ୍କରି ଯନ୍ତ୍ରଣା ଅଧିକ ହେଉଥିବା ବେଳେ ଡାକ୍ତର ତାଙ୍କୁ ଚିକିତ୍ସା କରିନଥିଲେ ଇସିଜି କରିବା ପରେ ହିଁ ତାଙ୍କରି ଚିକିତ୍ସା କରାଯିବ ବୋଲି ପରିବାର ସଦସ୍ୟଙ୍କୁ କହିଥିଲେ। ଶେଷରେ ସଠିକ ଚିକିତ୍ସା ପାଇବାରୁ ବଂଚିତ ହୋଇ ଡି.ଜଗାରାଓ ପାତ୍ର ସେଠାରେ ଢଳି ପଡିଲେ। ସଠିକ ଚିକିତ୍ସା ନପାଇବାରୁ ମୋ ବାପାଙ୍କ ମୃତ୍ୟୁ ହୋଇଗଲା ବୋଲି ପୁଅ ଡି.ରାଜା ରାଓ ଅଭିଯୋଗ କରିଛନ୍ତି। ଏପରିକି ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ ପରିବାର ସଦଷ୍ୟ ଓ ସ୍ଥାନୀୟ ବାସିନ୍ଦାଛ ଡି.ଜଗାରାଓ ପାତ୍ରଙ୍କୁ ଯଦି ପ୍ରାଥମିକ ଚିକିତ୍ସା ମିଳିଯାଇଥାନ୍ତା ହୁଏତ ସିଏ ବଚିଂଯାଇଥାନ୍ତେ। ୩ ଘଂଟା ଧରି ତାଙ୍କୁ ଇସିଜି ପାଇଁ ପ୍ରାଥମିକ ଚିକିତ୍ସା ମଧ୍ୟ ଦିଆଯାଇନଥିଲା ବୋଲି ତାଙ୍କ ପୁଅ ରାଜା ଅଭିଯୋଗ କରିଛନ୍ତି । ମୃତ୍ୟ ଖବର ଶୁଣି ବହୁ ଲୋକ ସେଠାରେ ଜମା ହୋଇଯାଇଥିଲେ। କୌଣସି ବିଶୃଙ୍ଖଳା ହେବା ଆଶଙ୍କା ନେଇ ତୁରନ୍ତ ମେଡିକାଲ ପରିସରରେ ବ୍ୟାପକ ପୁଲିସ ମଧ୍ୟ ଜଗି ରହିଥିଲେ। ଏହି ମେଡିକାଲ ଉପରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସମେତ ଖଲ୍ଲିକୋଟ ଓ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକର ଲୋକମାନେ ନିର୍ଭର କରିଥାନ୍ତି। ଏହାର ଭିତିଭୂମିର ପରିବର୍ତନ ହୋଇଛି। ବିଭିନ୍ନ ଆଧୁନିକ ଯନ୍ତ୍ରପାତି ମଧ୍ୟ ରହିଛି। କିନ୍ତୁ ଡାକ୍ତର ମାନଙ୍କ ମନମୁଖୀ କାର୍ଯ୍ୟ ଓ ଚିକିତ୍ସାଳୟର କର୍ତୃପକ୍ଷଙ୍କ ବେଖାତିରି ପାଇଁ ଆଜି ଜଣେ ନିରିହ ବ୍ୟକ୍ତିର ଜୀବନ ଚାଲିଗଲା। ଯେଉଁମାନଙ୍କ ଅବହେଳା ପାଇଁ ଆଜି ଏହି ଘଟଣା ଘଟିଲା ତାହାର ଏକ ତଦନ୍ତ ହୋଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

# ଆପ୍ତିରା ସ୍କୁଲରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ

ଆଗରପଡ଼ା, (ସବ୍ୟୁ) : ବନ୍ତ ବ୍ଲକ ଅଧିନ କାଦବରାଙ୍ଗ କ୍ଲଷ୍ଟର ଅନ୍ତର୍ଗତ ଆପ୍ତିରା ୟୁଜିଏମଇ ବିଦ୍ୟାଳୟରେ ଜାତିର ପିତା ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଗାନ୍ଧୀଜୀଙ୍କ ପ୍ରତି ମୂର୍ତ୍ତୀ ଓ ଶାସ୍ତ୍ରୀଜୀଙ୍କ ଫଟୋଚିତ୍ରରେ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ପୁହାଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଧାରଣସଭାରେ ଛାତ୍ରଛାତ୍ରୀ ମାନେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ, ସ୍ୱାଧିନତା ସଂଗ୍ରାମରେ ଉଭୟଙ୍କ ଭୂମିକା ବିଷୟରେ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ ବିଶ୍ୱାଳ,ଗୋପୀନାଥ ଦାଶ,ଶିକ୍ଷୟତ୍ରୀ ଅନୁଜା ପଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ସ୍ୱଚ୍ଛତାପକ୍ଷ ଅନ୍ତିମ ଦିବସରେ ବିଦ୍ୟାଳୟ ପରିସର ଓ ଏହାର ଆଖପାଖକୁ ପରିଷ୍କାର ଓ ପରିଚ୍ଛନ୍ନ କରଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଶିକ୍ଷକ ପ୍ରଭାତ ନାୟକ ଓ କ୍ରୀଡ଼ା ଶିକ୍ଷକ ରତ୍ନାକର ଖିଲାର ପରିଚାଳନା କରିଥିଲେ।

# ବିଜେପି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭାରତୀୟ ଜନତା ପାର୍ଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ବଦ୍ରିନାରାୟଣ ଧଳ,ଦଳର ମଣ୍ଡଳ ଶାଖା ସଭାପତି ଶ୍ରୀଧର ସ୍ୱାଇଁ,ରଶ୍ମିରଞ୍ଜନ ମହାପାତ୍ର,ଭୀମସେନ ନାୟକ,ବିଜୟ ସେନାପତି,ସତ୍ୟଜିତ ରାଉତ,ଦେବାଶିଷ ପଣ୍ଡା,ଅଜୟ ରାଉତ,ଅବିନାଶ ନାୟକ ପ୍ରମୁଖ ଯୋଗ ଦେଇ ମଞ୍ଜୁରୀ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାଲିପୋଖରୀଠାରେ ଗାନ୍ଧିଜୀ,ନେତାଜୀ,ବିନୋବା ଭାବେ ଓ ସ୍ୱାଧୀନତା ସଂଗ୍ରାମୀ ଗଣେଶ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରଶ୍ମିରଞ୍ଜନ ମହାପାତ୍ର,ଭୀମସେନ ନାୟକ,ବିଜୟ ସେନାପତି,ସତ୍ୟଜିତ ରାଉତ,ଦେବାଶିଷ ପଣ୍ଡା,ଅଜୟ ରାଉତ,ଅବିନାଶ ନାୟକ,ଅକ୍ଷୟ ବଳ,ନାରାୟଣ ଥାଟୋଇ,ବିରେନ୍ଦ୍ର ନାୟକ,ଲଳିତ ନାୟକ,ସ୍ୱର୍ଣ୍ଣଲତା ନାୟକ,ଶଶୀରେଖା ପତି,ବିକାଶ ନାୟକ,ସୁଶାନ୍ତ ପତି,ରବି ମହାପାତ୍ର,ଦଶରଥ ମଲ୍ଲିକ,ରତ୍ନାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ନୀଳଗିରି ସଦର ମହକୁମାରେ ସ୍ୱଚ୍ଛତା ଦିବସ ପାଳିତ

ନୀଳଗିରି, (ସବ୍ୟୁ) :ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ଜୟନ୍ତୀ ଅବସରରେ ନୀଳଗିରି ସଦର ମହକୁମାରେ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି । ନୀଳଗିରିସ୍ଥିତ କୈଳାଶ ଚନ୍ଦ୍ର ମାଧ୍ୟମିକ ବିଦ୍ୟାଳୟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନ ଶିକ୍ଷକ ଭୀମସେନ ବିଶ୍ୱାଳ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା । କଂଗ୍ରେସ ଭବନରେ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଗାନ୍ଧିଜୟନ୍ତୀ ପାଳନ କରାଯାଇଥିଲା । ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ବୃକ୍ଷରୋପଣ କରାଯାଇଥିବା ବେଳେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କୈଳାଶ ଚନ୍ଦ୍ର ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ନୀଳଗିରି ଏନ୍‌ଏସି ପକ୍ଷରୁ ବିଜୁ ପଟ୍ଟନାୟକ ଇଣ୍ଡୋରଷ୍ଟାଡିୟମ ପରିସରରେ ସ୍ୱଚ୍ଛତା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ, ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏବଂ ମହେନ୍ଦ୍ରନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଗୋଷ୍ଠୀ ସଙ୍ଗଠିକା ମମତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମନା ପକ୍ଷରୁ ସହିଦ ପାର୍କ ଠାରେ ଗାନ୍ଧି ଜୟନ୍ତୀ ପାଳନ




ବାଲେଶ୍ୱର, (ସବ୍ୟୁ) : ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ସହିଦପାର୍କ ସ୍ଥିତ ଗାନ୍ଧିପ୍ରତିମୂର୍ତ୍ତିଠାରେ ଆଇନଜୀବୀ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି । ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ନିଶା ବିରୋଧରେ ଏକ ସଚେତନତା ସଭା କରାଯାଇଥିଲା । ଏହି ସଭାରେ ଉପଦେଷ୍ଟା ସୁବ୍ରତ କାର,ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ଗୋପୀନାଥ ଶତପଥୀ, ପଦ୍ମନାଭ ସାହୁ, ବେଣୁଧର ସାହୁ, ରତିକାନ୍ତ ପାତ୍ର, ବରେନ୍ଦ୍ରନାରାୟଣ ପ୍ରହରାଜ, ଅକ୍ଷୟ କୁମାର ତ୍ରିପାଠୀ, ରବିନାରାୟଣ ଭୋଳ ଓ ପ୍ରଭାକର ସାହୁ(ଖ) ପ୍ରମୁଖ ଉପସ୍ଥିତ ଥିଲେ । ଆରମ୍ଭରେ କଲ୍ୟାଣୀ ନନ୍ଦ ରାମଧୂନ ଗାନ କରିଥିଲେ ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଗାନ୍ଧି ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର, (ସବ୍ୟୁ) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତିର ଜନକ ମହାତ୍ମା ଗାନ୍ଧି ଓ ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମିନା ଦାସ, ଜାତୀୟ ସେବା ଯୋଜନାର ସଂଯୋଜକ ପ୍ର. ଅମୂଲ୍ୟ କୁମାର ଆଚାର୍ଯ୍ୟ, କାର୍ଯ୍ୟକ୍ରମ ଆୟୋଜକ ଡକ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ଉପସ୍ଥିତିରେ ଏହି ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବକ୍ତାମାନେ ଜାତିର ଜନକ ମହାତ୍ମାଗାନ୍ଧୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ, ଡକ୍ଟର ଶିଖାଶ୍ରୀ ରାୟ, ଉପେନ୍ଦ୍ର ପ୍ରସାଦ ଜେନା, ଡକ୍ଟର ପ୍ରତିଭା ପ୍ରଧାନ, ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତିଯୋଗୀତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା । ଜୟନ୍ତୀ ଅବସରରେ ବିଶ୍ୱବିଦ୍ୟାଳୟ ଠାରୁ ଏକ ସଦ୍‌ଭାବନା ଯାତ୍ରା ଆରମ୍ଭ କରାଯାଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ନିକଟସ୍ଥ ଅଞ୍ଚଳଗୁଡ଼ିକ ସଫେଇ କରାଯାଇଥିଲା ।

# ଦୁଇ ମନ୍ତ୍ରୀଙ୍କ ଦ୍ୱାରା ୩ ପ୍ରକଳ୍ପ ଉଦ୍‌ଘାଟିତ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଏନଏସିର ୱାର୍ଡ ନଂ ୧୪ ସ୍ଥିତ ନ୍ୟୁ ପୋଲିସ ଲାଇନରେ ୧.୮ ଏକର ଜାଗାରେ ୩ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣାଧିନ ୱାଣ୍ଡେର ସ୍ମାର୍ଟ ପାର୍କକୁ ଗୃହ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ବାଣିଜ୍ୟ, ସଡକ ପରିବହନ ଓ ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୁଷଣ ଜେନା ଯୋଗଦେଇ ଉଦଘାଟନ କରିଛନ୍ତି। ଏହାସହ ୭ ଲକ୍ଷ ଟଙ୍କା ବ୍ୟୟରେ ମେଜର ଧ୍ୟାନ ଚାନ୍ଦଙ୍କ ପ୍ରତିମୂର୍ତ୍ତୀ ଓ ୬୫ ଲକ୍ଷ ବ୍ୟାୟରେ ପରିବା ମାର୍କେଟର ମଧ୍ୟ ଉଦଘାଟନ ହୋଇଯାଇଛି। ସ୍ମାର୍ଟ ପାର୍କ ବୁଲି ଦେଖିଥିଲେ ଉଭୟ ମନ୍ତ୍ରୀ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଗୃହ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ନିଜ ଅଭିଭାଷଣରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ , ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଡୁଡା ପିଡି ରବିନ୍ଦ୍ର କୁମାର ପଟେଲ, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି.ପାପା ରାଓ, ଏନଏସି କାର୍ଯ୍ୟ ନିର୍ବାହି ଅଧିକାରୀ ୟାସିର ବିଲ୍ଲାଲ ଅହମ୍ମଦ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ସମେତ କାଉନସିଲରମାନେ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଅସହାୟର ସହାୟ ଥିଲେ ଲକ୍ଷ୍ମୀ ମହାପାତ୍ର

ଭଦ୍ରକ, (ସବ୍ୟୁ) : ଭଦ୍ରକର ଜଣାଶୁଣା ସମାଜସେବୀ ଭଦ୍ରକ ଜିଲ୍ଲା ମହୋତ୍ସବର ଆଦ୍ୟ ସୌରଭ ତ୍ୟାଗଭୂମିର ପ୍ରତିଷ୍ଠାତା ସମ୍ପାଦକ ଲକ୍ଷ୍ମୀ ମହାପାତ୍ରଙ୍କ ବିୟୋଗରେ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ତ୍ୟାଗଭୂମିର ସହ ସଂଗଠକ ସମ୍ପାଦକ ଅମରେନ୍ଦ୍ର ବିଶ୍ୱାଳ ଏବଂ ରଣଜିତ ମହାପାତ୍ରଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ମୁଖ୍ୟବକ୍ତା ଭାବେ ଗାଳ୍ପିକ ତଥା ତ୍ୟାଗଭୂମିର ପ୍ରତିଷ୍ଠାତା ସଦସ୍ୟ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ବକ୍ତାଭାବେ ଫାରୁକ ଭାଇ ଏବଂ ଅନ୍ୟତମ ବକ୍ତାଭାବେ ସମାଜସେବୀ ବସନ୍ତ ନାୟକ ପ୍ରମୁଖ ଯୋଗଦେଇ ଲକ୍ଷ୍ମୀ ମହାପାତ୍ର ଭଦ୍ରକର ଯା'ର କେହି ନାହିଁ ସେ କ୍ଷମତାରେ ନଥିଲେ ମଧ୍ୟ ତା' ପାଇଁ ସ୍ୱର ଉତ୍ତୋଳନ କରୁଥିଲେ ବୋଲି କହିଥିଲେ। ଗୌରାଙ୍ଗ ବାରିକ ମଂଚକୁ ଅତିଥିମାନଙ୍କୁ ଆହ୍ୱାନ କରିଥିବାବେଳେ କାଳନ୍ଦୀ ମଲିକ ବେଦ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶଙ୍କର ପ୍ରଦୀପ ନାୟକ, ଶୁଭେନ୍ଦୁ ରାୟ ମହାପାତ୍ର, ରଂଜିତା ସ୍ୱାଇଁ, କଳ୍ପନା ଜେନା, ଭଦ୍ରକ ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଳୟ ଜେନା ବରିଷ୍ଠ ନାଗରିକ ସଂଘର ସମ୍ପାଦକ କୈଳାଶ ମହାପାତ୍ର, ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣି, ରାଜେନ୍ଦ୍ର ଯେନା, ଅଧିବକ୍ତା ପ୍ରଫୁଲ୍ଲ ସାମଲ, ନିଶିକାନ୍ତ ନାୟକ, ବିପ୍ଳବ ହୋତା, ମନିନ୍ଦ୍ର ମହାନ୍ତି, ପଙ୍କଜ ବଳ, ଦୁର୍ଗାଚରଣ ଦାଶ, ମୁସ୍ତାକ ଗହ୍ୱର, ମନୋରମା ରାୟ, ଜାନକୀ ପାଢୀ, ବିଜୟ ବହଳୀ, ଇନ୍ଦ୍ରମଣି ପଣ୍ଡା, ବାବୁଲାଲ ଦାଶ, ଚିନ୍ମୟ ସ୍ୱାଇଁ, ରବି ନାରାୟଣ ପଣ୍ଡା, ଅଶୋକ ଦ୍ୱିବେଦୀ, ଗାନ୍ଧୀ ବିଚାର ମଂଚ ସଭାପତି ଶାନ୍ତନୁ କୁମାର ରାଉତ, ସମ୍ପାଦକ ସୁଧାକର ରାଉତ, ଚିନ୍ମୟ ମିଶ୍ର, ପ୍ରଭାତ ପାଢୀ, ବାଦଲ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧିବକ୍ତା ତ୍ୟାଗଭୂମିର ସମ୍ପାଦକ ଗଦାଧର ବଳ ସଭା ଆରମ୍ଭରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ଅକ୍ଟୋବର ୫ ତାରିଖ ସ୍ୱର୍ଗତ ଲକ୍ଷ୍ମୀ ମହାପାତ୍ରଙ୍କର ଏକାଦଶାହର ସମସ୍ତଙ୍କୁ ଯୋଗଦେବା ପାଇଁ ତାଙ୍କ ପରିବାର ତରଫରୁ ଅନୁରୋଧ କରାଯାଇଥିଲା। ଆସନ୍ତା ତ୍ୟାଗଭୂମି ପାଳନରେ ଲକ୍ଷ୍ମୀ ମହାପାତ୍ର ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶ ସାଙ୍ଗକୁ ଏକ ସନ୍ଧ୍ୟା ସ୍ୱର୍ଗତ ମହାପାତ୍ରଙ୍କ ନାମରେ ଉତ୍ସର୍ଗୀକୃତ ହେବ ବୋଲି ତ୍ୟାଗଭୂମିର ସଭାପତି ଅଜୟ ନାୟକ ଘୋଷଣା କରିଥିଲେ।

# ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳିତ

ଭଦ୍ରକ,(ସବ୍ୟୁ):ସ୍ୱଚ୍ଛ ରଖିଲେ ଆମ ପରିବେଶ, ସୁସ୍ଥ ରହିବେ ସବୁ ମଣିଷ। ବାହ୍ୟ ପରିବେଶରେ ସ୍ୱଚ୍ଛତା ରକ୍ଷା ସହ ଅନ୍ତଃକରଣରେ ମଧ୍ୟ ସ୍ୱଚ୍ଛତା ବଜାୟ ରଖିବାର ଆବଶ୍ୟକତା ଅଛି। ଏହା ବଳରେ ହିଁ ନୀତି, ଆଦର୍ଶ, ସତ୍ୟାନୁରାଗ, ପରୋପକାରୀତା, ଅହିଂସା ଭଳି ପରମ ମନ୍ତ୍ରକୁ ଆପଣେଇ ଜଣେ ନିଜକୁ ସୁନାଗରିକ ଭାବେ ଗଢ଼ି ସୁସ୍ଥସମାଜ ଓ ଉତ୍ତମ ରାଷ୍ଟ୍ର ଗଠନରେ ସହାୟକ ହୋଇ ପାରିବ ଏବଂ ଗାନ୍ଧୀଜୀଙ୍କ ସ୍ୱପ୍ନର ଭାରତ ଗଠନ ହେବା ବିଳମ୍ବିତ ହେବନାହିଁ। ମନରେ ସ୍ୱଚ୍ଛତା ଆସିଲେ ପାରସ୍ପରିକ ସଦ୍‌ଭାବ, ସଂପ୍ରୀତି ସ୍ଥାପନ ପୂର୍ବକ ଉତ୍ତମ ଭାଇଚାରା ସୃଷ୍ଟି ହୋଇପାରିବ, ଅଶାନ୍ତମୟ ପରିବେଶ ଆମ ଠୁ ଦୂରେଇ ଯିବ ବୋଲି ଭଦ୍ରକ ଜିଲ୍ଲା ସ୍ତରୀୟ ୧୫୫ତମ ଗାନ୍ଧୀ ଓ ୧୨୦ ତମ ଶାସ୍ତ୍ରୀ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବରେଣ୍ୟ ଅତିଥିମାନେ ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ପବିତ୍ର ଗାନ୍ଧୀ ଜୟନ୍ତୀକୁ ଆନ୍ତର୍ଜାତିକ ଅହିଂସା ଦିବସ, ସ୍ୱଚ୍ଛତା ଦିବସ ରୂପେ ମଧ୍ୟ ଘୋଷଣା କରାଯାଇଥିବା ଉପରେ ଆଲୋକପାତ କରିବାକୁ ଯାଇ ଆଇନ୍ ଶୃଙ୍ଖଳା ପରିସ୍ଥିତି ପାଇଁ କିଛିଦିନ ତଳେ ଭଦ୍ରକ ଜିଲ୍ଲା ପାଇଁ ନିଷେଧ ଥିବା ଇଣ୍ଟରନେଟ୍ ସେବାକୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ପୂର୍ବରୁ ପ୍ରଦାନ କରାଯାଇ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାବାସୀଙ୍କୁ ଯେଉଁ ଖୁସି ପ୍ରଦାନ କରାଯାଇଛି ତାହା ବଜାୟ ରଖିବା ପାଇଁ ଉତ୍ତମ ବାତାବରଣ ସୃଷ୍ଟି ନିମନ୍ତେ ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ଭବନରେ ଅନୁଷ୍ଠିତ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ଭଦ୍ରକ ଜିଲ୍ଲାକୁ ତିନିଦିନିଆ ଗସ୍ତରେ ଆସିଥିବା ସ୍ୱତନ୍ତ୍ର ଶାସନ ସଚିବ, ପଞ୍ଚାୟତରାଜ ତଥା ନିର୍ଦ୍ଦେଶିକା ଏବଂ ମୁଖ୍ୟ ନିର୍ବାହୀ ଅଧିକାରୀ ଗୁହା ପୁନମ୍ ତାପସ କୁମାର, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ସି.ଡ଼ି.ଓ. ସରୋଜ କୁମାର ଦତ୍ତ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଗାନ୍ଧୀବାଦ, ଗାନ୍ଧୀ ଦର୍ଶନର ତାତ୍ତ୍ୱିକ ଆଲୋଚନା ରଖିବା ସହ ଗାନ୍ଧୀ ଜୀବନର ରୋଚକ ତଥ୍ୟ ପିଲାମାନଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଗାନ୍ଧୀ ଓ ଶାସ୍ତ୍ରୀ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଂଘର କଳାକାର ମାନଙ୍କୁ ନେଇ ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ରମାଧବ ବାରିକ୍‌ଙ୍କ ନେତୃତ୍ୱରେ ଗାନ୍ଧୀ ଭଜନ ବୈଷ୍ଣବ ଜନ ତୋ ଓ ରଘୁପତି ରାଘବ ରାଜାରାମ୍ ପରିବେଷଣ କରାଯାଇଥିଲା। ନିକଟରେ ଦେହାବସାନ ଘଟିଥିବା ସ୍ୱାଧୀନତା ସଂଗ୍ରାମୀ ଶ୍ୟାମ ସୁନ୍ଦର ବେହେରାଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱଚ୍ଛତା ଅଭିଯାନର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜିଲ୍ଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନକୁ ସମ୍ପୂର୍ଣ୍ଣ ରୂପେ ପ୍ଲାଷ୍ଟିକ୍ ମୁକ୍ତ କରାଯାଇଥିଲା। ସାଜସଜ୍ଜାରେ, ତୋଡ଼ାରେ ନଥିଲା ପ୍ଲାଷ୍ଟିକ୍ ଫୁଲ ନା ବେଲୁନ୍ ନା ଜରି, ନା ଥିଲା ପାନୀୟ ବୋତଲ, ନା ଥିଲା ପ୍ଲାଷ୍ଟିକ୍ ଫୋଲଡ଼ର ନା ପ୍ଲାଷ୍ଟିକ୍ ବ୍ୟାନର। ପ୍ରାକୃତିକ ଫୁଲ, କାଚ ଓ କାଗଜ ନିର୍ମିତ ଗ୍ଲାସରେ ପାନୀୟ ଜଳ ପ୍ରଦାନ, ମୃତ୍ତିକାରେ ବିଘଟିତ ହୋଇ ପାରୁଥିବା କପଡ଼ାରେ ବ୍ୟାନର ଓ ଫୋଲଡ଼ର ଆଦି ବ୍ୟବହାର କରାଯାଇ ଉକ୍ତ ପରିବେଶକୁ ପ୍ଲାଷ୍ଟିକ୍ ମୁକ୍ତ କରାଯାଇଥିଲା। ଏହି ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହାଇସ୍କୁଲ ଓ ମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ବକ୍ତୃତା ଓ କ୍ୱିଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସ୍ୱଚ୍ଛ ଭାରତ ଅଭିଯାନ ଆଧାରରେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ଭଣ୍ଡାରିପୋଖରୀର ୫ ଟି ଓ ଧାମନଗର ବ୍ଲକ୍‌ର ୨ ଟି, ଭଦ୍ରକ ବ୍ଲକ୍‌ର ୧ଟି ସ୍ୱୟଂସହାୟକ ଗୋଷ୍ଠୀ ଓ ଭଦ୍ରକ ବ୍ଲକ୍‌ର ଦୁଇ ଜଣ ସରପଞ୍ଚଙ୍କୁ ପୁରସ୍କୃତ କରାଯାଇଥିଲା। ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ସରକାରୀ ଶିକ୍ଷକ ମନୋଜ କୁମାର ସାହୁ ଏ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଜିଲ୍ଲା ଶିକ୍ଷାଧିକାରୀ ଅଙ୍କୁର ଚରଣ ବାରିକ୍, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷକ, ସାମ୍ବାଦିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ୩୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ଥିଲା। ଏଠାରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଅମର କୁମାର ପାଣିଗ୍ରାହୀ ଗୀତା, ଏକ୍ରାମ୍ ଖାଁ କୋରାନ୍, ମୋନଜ ସାହୁ ବାଇବେଲ ପାଠ କରିଥିଲେ। ଏହି ଦିବସ ଭିତ୍ତିକ କାର୍ଯ୍ୟକ୍ରମରେ ପ୍ରତ୍ୟୁଷରୁ ରାମଧୂନ ପରିକ୍ରମା ସାଙ୍ଗକୁ, ପଦଯାତ୍ରାରେ ସ୍ୱତନ୍ତ୍ର ଶାସନ ସଚିବ, ଜିଲ୍ଲାପାଳ, ସି.ଡ଼ି.ଓ. ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବି.ଡ଼ି.ଓ. ସୀତାକାନ୍ତ ରାଉତ ପ୍ରମୁଖ ଭଦ୍ରକ ବ୍ଲକ, ଜିଲ୍ଲାସ୍କୁଲ, ମହତାବ କୋଠି, ଗାନ୍ଧି ପଡ଼ିଆରେ ଅବସ୍ଥିତ ଗାନ୍ଧିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲାସ୍କୁଲ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ପିଲାମାନେ ଆକର୍ଷଣୀୟ ବ୍ୟାଣ୍ଡର ବାଦନ ପଦଯାତ୍ରାକୁ ସରସ ସୁନ୍ଦର କରିଥିଲା। ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଏହି ପଦଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ଗାନ୍ଧି ପଡ଼ିଆରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସମସ୍ତ ଅତିଥିଙ୍କ ସମେତ, ପି.ଡି.ଡୁଡ଼ା ବ୍ରଜଗୋପାଳ ଆଚାର୍ଯ୍ୟ, ଭଦ୍ରକ ପୌର ଅଧ୍ୟକ୍ଷା ଗୁଲମକ୍କୀ ଦଲ୍ଲୱାଜୀ ହବିବ୍, ସଂପୃକ୍ତ ସମସ୍ତ ଅଧିକାରୀ, ସଫେଇ କର୍ମଚାରୀ ବୃନ୍ଦଙ୍କ ଦ୍ୱାରା ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗାନ୍ଧୀ ଜୟନ୍ତୀ ପୂର୍ବରୁ କେନ୍ଦୁଝରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ




କେନ୍ଦୁଝରଗଡ଼ (ସ୍ୱପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀର ଅବ୍ୟାହତି ପୂର୍ବରୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନକୁ ବ୍ୟାପକ କରାଯାଇଛି । ଜଳାଶୟ, ନାଳନର୍ଦ୍ଦମା, ଅଧିକ ବର୍ଜ୍ୟବସ୍ତୁ ଏକତ୍ରିତ ହେଉଥିବା ସ୍ଥାନ, ଧାର୍ମିକ ସ୍ଥାନ, ବିଭିନ୍ନ ପ୍ରତିଷ୍ଠାନ, ବଜାର ଘାଟ, ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପ୍ରକଳ୍ପ, ପୁଷ୍କରିଣୀ ଆଦି ସଫେଇ କରାଯାଇଛିଛ ବିଭିନ୍ନ ସଂଗଠନ ଓ ସ୍ଥାନୀୟ ଲୋକ ମାନେ ସ୍ୱତଃପ୍ରବୃତ ଭାବେ ଶ୍ରମଦାନ କରି ସଫେଇ କରିଛନ୍ତି । ଆଜି ସକାଳେ ତେଲକୋଇ ବସ ଷ୍ଟାଣ୍ଡରେ କେନ୍ଦୁଝର ପୌରପାଳିକାର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, ଉପାଧ୍ୟକ୍ଷ ଶ୍ରୀ ବରଦା ପ୍ରସନ୍ନ ଦାସ, ନିର୍ବାହୀ ଅଧିକାରୀ ଶ୍ରୀ ବସନ୍ତ କୁମାର ସେଠୀ, ସମସ୍ତ କାଉନସିଲର ଓ ଜନସାଧାରଣ ସ୍ୱଚ୍ଛତା ପାଇଁ ଶ୍ରମଦାନ କରିଥିଲେ ।

ଆହୁରିମଧ୍ୟ ଜନସାଧାରଣଙ୍କ ଲାଗି ସ୍ୱଚ୍ଛତା ସଚେତନଧର୍ମୀ ପାଲା ପରିବେଷଣ କରାଯାଇଥିଲା । ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ଅଳିଆ ଆବର୍ଜନା ସଫା କରିଥିଲେ ।ନିଜ ଦେହ ଓ ଘରକୁ ସ୍ୱଚ୍ଛ ରଖିଲା ଭଳି ଆଖପାଖର ପରିବେଶରେ ସ୍ୱଚ୍ଛତା ବଜାୟ ରଖିଲେ ହିଁ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଜିଲ୍ଲା ସଦରମହକୁମାରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ମାନେ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେଇଥିବା ଏହି ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଦେଶବ୍ୟାପୀ ଜାରି ରହିଥିବା କାର୍ଯ୍ୟକ୍ରମରେ ଲକ୍ଷାଧିକ ଲୋକ ନିଜ ଆଖପାଖ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଶ୍ରମଦାନ କରି ଜନଜାଗରଣ ସୃଷ୍ଟି କରିପାରୁଛନ୍ତି । ସ୍ୱଚ୍ଛତା ରକ୍ଷା ପାଇଁ ଆଦର୍ଶ ଆଚରଣକୁ ସାଧାରଣ ଜୀବନଚର୍ଯ୍ୟାରେ ସାମିଲ କରିବା ପାଇଁ ପ୍ରେରଣା ଯୋଗାଉଛନ୍ତି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୦/୧୦)

-ବିଭୂତିଯୋଗଃ-

( ଶ୍ରୀଭଗବାନୁବାଚ )

**ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।**
**ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ।।୧୦।।**

(ଏହିପରି ବ୍ୟକ୍ତିମାନଙ୍କୁ ମୁଁ ସମ୍ୟକ୍ ଜ୍ଞାନ ପ୍ରଦାନ କରେ, ଏଥିପାଇଁ କହୁଛନ୍ତି)- ଯେଉଁମାନଙ୍କ ମୋଠାରେ ଆସକ୍ତଚିତ୍ତ ଓ ପ୍ରୀତିପୂର୍ବକ ମୋର ଭଜନକାରୀ, ସେହିସବୁ ବିବେକୀମାନଙ୍କୁ ମୁଁ ଏହିପରି ବୁଦ୍ଧିରୂପ ଉପାୟ ପ୍ରଦାନ କରେ, ଯାହାଦ୍ୱାରା ସେମାନେ ମୋତେ ପ୍ରାପ୍ତ ହୋଇପାରନ୍ତି ।।୧୦।।

# ସଂସ୍କାର ପ୍ରଣାଳୀଦ୍ୱାରା ମାନବ ନିର୍ମାଣ ଯୋଜନା

ସମ୍ପାଦକୀୟ

ଆର୍ଯ୍ୟଋଷିଗଣ ମାନବ ନିର୍ମାଣ ଯୋଜନାର ସଫଳତା ପାଇଁ ସଂସ୍କାର ପ୍ରଣାଳୀ ଆବିଷ୍କାର କରିଥିଲେ । ସଂସ୍କାରରୁ ମନୁଷ୍ୟତା ବିକାଶ ପାଏ । ଜନ୍ମଜନ୍ମାନ୍ତର ମଧ୍ୟରେ ଦେହଧାରୀ ଆତ୍ମା ଯାତ୍ରାପଥରେ ଅଗ୍ରସର ହେବାବେଳେ ଛୋଟବଡ଼, ଭଲମନ୍ଦ ପ୍ରତ୍ୟେକ କାର୍ଯ୍ୟସାଧନ ଫଳରେ ତାହାଠାରେ ତଦନୁରୂପ ପ୍ରଭାବ ପଡ଼େ । ପୂର୍ବବର୍ତ୍ତୀ ଜନ୍ମରେ ପଡ଼ିଥିବା କୁପ୍ରଭାବକୁ ଦୂର କରିବା ପାଇଁ ଇହଜନ୍ମରୂପୀ ସୁଯୋଗ ମିଳିଛି । ଅନିର୍ମଳ ପାତ୍ରକୁ ହାତମୁଠାରେ ଧରି ମାର୍ଜିତ ଓ ନିର୍ମଳ କରିବା ଯେପରି ସୁବିଧାଜନକ, ଦେହଧାରୀ ଆତ୍ମାକୁ ସଂସ୍କୃତ ଓ ପବିତ୍ର କରିବା ସେହିପରି ସହଜସାଧ୍ୟ । ଦେହବନ୍ଧନରେ ଆସିବା ବେଳୁହିଁ ଆତ୍ମାଠାରେ ଉତ୍ତମ ସଂସ୍କାର ସଂକ୍ରମଣ ପାଇଁ ଆର୍ଯ୍ୟଋଷି ଉପଦେଶ ଦେଇଛନ୍ତି । ସେ ଦେହତ୍ୟାଗ କରିଯିବା ପର୍ଯ୍ୟନ୍ତ ନିରନ୍ତର ତାହାଠାରେ ଉତ୍ତମ ସଂସ୍କାର ପ୍ରତିଫଳନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ଆତ୍ମା ଦେହ ମଧ୍ୟକୁ ଆସୁ ଆସୁ ତାହାଙ୍କୁ ସଂସ୍କାର ମର୍ଯ୍ୟାଦାରେ ଆବୃତ୍ତ ରଖାଯାଏ, ଅଶୁଭ ସଂସ୍କାର ଯେପରି ପ୍ରତିଫଳିତ ହେବ ନାହିଁ, ସେଥିପାଇଁ ବିଶେଷ ଯତ୍ନ ନିଆଯାଏ । ଅଶୁଭ ସଂସ୍କାରଦ୍ୱାରା ଆତ୍ମା ମଳିନ ହୁଏ, ଅବନତ ଦିଗକୁ ଗତି କରେ । ଆର୍ଯ୍ୟ ବିଚାରରେ ଗତ ଜନ୍ମ, ଇହଜନ୍ମ ଓ ଆଗାମୀ ଜନ୍ମ- ଏସବୁ ଆତ୍ମଶୋଧନର ସୋପାନ ଅଟେ । ଏହି ସୋପାନରେ ଗତି କରିବାବେଳେ ଆତ୍ମା ପରବର୍ତ୍ତୀ ଜନ୍ମରେ ଶକ୍ତିଶାଳୀ ଓ ପବିତ୍ର ହେବା ଶ୍ରେୟସ୍କର ।

କେତେକ ଲୋକ ପୂର୍ବଜନ୍ମକୁ ସ୍ୱୀକାର କରନ୍ତି । ଏମାନଙ୍କ ବିଚାରରେ ମନୁଷ୍ୟ ବଂଶାନୁକ୍ରମଣ ଓ ପରିସ୍ଥିତିର ପରିଣାମ ଅଟେ । ବଂଶ-ପରମ୍ପରାରେ ଆମ୍ଭେମାନେ ପିତାମାତାଙ୍କଠାରୁ ଜନ୍ମଗ୍ରହଣ କରୁ । ସେମାନଙ୍କ ଶାରୀରିକ ଓ ମାନସିକ ସଂସ୍କାର ଆମ୍ଭମାନଙ୍କଠାରେ କେତେକାଂଶରେ ପ୍ରତିଫଳିତ ହୁଏ । ବୟସବୃଦ୍ଧି ସଙ୍ଗେ ସଙ୍ଗେ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରଭାବ ପଡ଼େ । ବଂଶ ପରମ୍ପରା ଓ ପରିସ୍ଥିତିର ସମ୍ମିଶ୍ରଣରେ ଆମ୍ଭେମାନେ ବିକାଶ ଲାଭ କରୁ । ଅନ୍ୟପକ୍ଷରେ ପୁନର୍ଜନ୍ମରେ ବିଶ୍ୱାସ ରଖୁଥିବା ଲୋକେ ପୂର୍ବବର୍ତ୍ତୀ ଜନ୍ମରେ ସଂଗୃହୀତ ହୋଇଥିବା ଆତ୍ମାର ସଂସ୍କାରକୁ ଅବହେଳନ କରନ୍ତି ନାହିଁ । ବଂଶାନୁକ୍ରମଣ ଓ ପରିସ୍ଥିତିର ପ୍ରଭାବ ସହିତ ଆତ୍ମାର ଜନ୍ମଜନ୍ମାନ୍ତରରେ ସଞ୍ଚିତ ସଂସ୍କାର ପୁଞ୍ଜିର ପ୍ରଭାବ ମଧ୍ୟ ଅନିବାର୍ଯ୍ୟ ହୋଇପଡ଼େ । ପୁନର୍ଜନ୍ମର ନିଷେଧବାଦୀ ପକ୍ଷେ ମାନବ ନିର୍ମାଣ ସହଜସାଧ୍ୟ, କାରଣ ସେମାନେ ପୂର୍ବସଞ୍ଚିତ ସଂସ୍କାର ବନ୍ଧନକୁ ସ୍ୱୀକାର କରନ୍ତି ନାହିଁ । ପୂର୍ବବର୍ତ୍ତୀ ଭାର କିଛି ନାହିଁ । ନିଜେ ଯେପରି ହେବେ ଏବଂ ପରିସ୍ଥିତି ସୃଷ୍ଟି କରିବେ ନିଜ ସନ୍ତାନ ସେପରି ହେବେ । ଏହି ପ୍ରଣାଳୀରେ ସନ୍ତାନଙ୍କୁ ଯୋଗ୍ୟ ରୂପେ ଗଢ଼ିବା ଅତ୍ୟନ୍ତ ସରଳ ଓ ସହଜ ମନେ ହୁଏ । ଏହା ସତ୍ତ୍ୱେ ସରଳ ଉପାୟ ଅବଲମ୍ବନ କରି ଯୋଗ୍ୟ ଉତ୍ତରାଧିକାରୀ ସୃଷ୍ଟି କରିବା ପାଇଁ ଆଧୁନିକ ଲୋକଙ୍କଠାରେ ଶ୍ରଦ୍ଧା ଓ ଉଦ୍ୟମ ଦେଖାଯାଉ ନାହିଁ ।

ତତ୍ତ୍ୱଦର୍ଶୀ ଋଷିଗଣ ଆଦର୍ଶ ମନୁଷ୍ୟ ନିର୍ମାଣକୁ ଯେଉଁପରି ଅତ୍ୟଧିକ ଗୁରୁତ୍ୱ ଦେଉଥିଲେ, ଏହି ସମସ୍ୟାର ଜଟିଳତା ଓ ଗମ୍ଭୀରତା ପ୍ରତି ସେହିପରି ସାବଧାନ ଥିଲେ । ସେମାନେ ସର୍ବତୋଭାବରେ ଏହି ବିଷୟରେ ବିଚାର କରିଥିଲେ । ମାତାପିତାଙ୍କ ସ୍ୱଭାବ ଓ ପରିସ୍ଥିତିର ପ୍ରଭାବରୁ ସନ୍ତାନର ସବୁ ଲକ୍ଷଣ ଜାତ ହୁଏ ନାହିଁ- ଏହି ଉପଲବ୍ଧିରୁ ଆତ୍ମତତ୍ତ୍ୱ , ଜନ୍ମଜନ୍ମାନ୍ତର ମଧ୍ୟରେ ତାହାର ଗତି, ସଂସ୍କାରରୂପୀ ତାହାର ସମ୍ପତ୍ତି, ଦେହରୂପୀ ତାହାର ସାଧନ- ଏହି ସମସ୍ତ ବିଷୟ ସେମାନେ ପର୍ଯ୍ୟାଲୋଚନା କରିଥିଲେ । ପ୍ରତ୍ୟେକ ଜନ୍ମ ଆତ୍ମଶୋଧନର ଏକ ଏକ ସୋପାନ । ଆତ୍ମବିକାଶ ପାଇଁ ପ୍ରତ୍ୟେକ ସୋପାନର ସଦୁପଯୋଗ କରିବା ବିଧେୟ । ଉପନିଷଦରେ ଋଷି କହିଛନ୍ତି-'ଇହ ଚେଦବେଦୀତ୍ ଅଥ ସତ୍ୟମସ୍ତି, ନ ଚେଦବେଦୀତ୍ ମହତୀ ବିନିଷ୍ଟିଃ'- ଇହଜନ୍ମରେ ଯଦି ଆତ୍ମତତ୍ତ୍ୱକୁ ଅନୁଭବ କରିପାରୁଛ ଓ ତାହାର ବିକାଶ ପାଇଁ ଯତ୍ନଶୀଳ ଅଛ, ତାହାହେଲେ ଜନ୍ମ ସାର୍ଥକ । ଯଦି ତାହାର ଉପଲବ୍ଧି ଓ ଉପଯୋଗ କରୁନାହିଁ, ତାହାହେଲେ ମହାନାଶ ବୋଲି ଜାଣ ।

ଜନ୍ମଜନ୍ମାନ୍ତର ମଧ୍ୟରେ ସଂସ୍କାରର ପ୍ରଭାବକୁ ଉପଲବ୍ଧି କରିବା ପରେ, ଇହଜନ୍ମରେ ସେହି ପ୍ରବାହକୁ ଶୃଙ୍ଖଳିତ କରିବା ଆତ୍ମ-ବିକାଶର ଯଥାର୍ଥ ପନ୍ଥା ଅଟେ । ଆତ୍ମାର ଯେଉଁ ସଂସ୍କାର ସମୟକ୍ରମେ ସଂଗୃହୀତ ହୋଇଥିଲା । ଇହଜନ୍ମରେ ସେପରି ସଂଗୃହୀତ ହୁଏ । ଆତ୍ମା ପୂର୍ବରୁ ସଂସ୍କାର ଘେନି ଆସିଛି, ଇହଜନ୍ମରେ ନୂତନ ସଂସ୍କାର ମିଶ୍ରଣ କରିବ । ଉତ୍ତମ ସଂସ୍କାରଦ୍ୱାରା ପୂର୍ବର କୁସଂସ୍କାରକୁ ଶୋଧନ କରିବ ଏବଂ କୁସଂସ୍କାରକୁ ଅଧିକ ଶକ୍ତିଶାଳୀ କରିବ । ଭାଗ୍ୟ ଧରି ଆସିଛି ପୂର୍ବର ସଂଗୃହୀତ ସଂସ୍କାର । ଇହଜନ୍ମରେ ପୁରୁଷାର୍ଥ ସାଧନ କରିବ, ତାହା ବର୍ତ୍ତମାନର ସଂସ୍କାର । ଭାଗ୍ୟ ପୂର୍ବବର୍ତ୍ତୀ ଜନ୍ମର ପୁରୁଷାର୍ଥ ଅଟେ । ଇହଜନ୍ମରେ ପୁରୁଷାର୍ଥ ପାଇଁ ଆମେ ସ୍ୱତନ୍ତ୍ର । ସୁତରାଂ ପୂର୍ବବର୍ତ୍ତୀ ସଂସ୍କାରକୁ ଇହଜନ୍ମର ଇପ୍ସିତ ସଂସ୍କାର ଦ୍ୱାରା ବେଗଶାଳୀ କରିବା ଉଚିତ । ପୂର୍ବର ଗତି ଯଦି ଯଥାର୍ଥ ନୁହେଁ, ତେବେ ନୂତନ ଗତି ସୃଷ୍ଟି କରିବାକୁ ହେବ । ପୂର୍ବର କର୍ମରେ ଓ କର୍ମ ରୂପ ସଂସ୍କାରରେ ନିୟନ୍ତ୍ରଣ ନାହିଁ, ପରନ୍ତୁ ଇହଜନ୍ମର ସମସ୍ତ କର୍ମ ଓ ସଂସ୍କାର ନିୟନ୍ତ୍ରଣରେ ରହିଛି-ଏହି ସୁବର୍ଣ୍ଣ ସୁଯୋଗକୁ ହରାଇବା 'ମହତୀ ବିନିଷ୍ଟିଃ'-ମହା ଅନର୍ଥ ହେବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟ



ଡାକ୍ତର ସମ୍ରାଟ କର


ପ୍ରତିବର୍ଷ ଅକ୍ଟୋବର ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ମାନସିକ ସପ୍ତାହ ଭାବେ ପାଳନ ହୋଇଆସୁଛି । ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'କର୍ମ କ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି' (It is Time to Prioritize Mental Health in the Workplace)।୧୯୯୨ରେ ପ୍ରଥମର ଥର ପାଇଁ 'ୱାର୍ଲ୍ଡ ଫେଡେରେସନ ଫର ମେଣ୍ଟାଲ ହେଲଥ୍' ଏହାକୁ ପାଳନ କରିଥିଲା । ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସରକାରୀ ସ୍ତରରେ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବିଶ୍ୱର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସୂଚନାଧର୍ମୀ କାର୍ଯ୍ୟକ୍ରମ, ଏହି ସମୟରେ ହାତକୁ ନିଆଯାଇଥାଏ । କେତେକ ଆକଳନ ଅନୁସାରେ, ବିଶ୍ୱ ଜନ ସମୁଦାୟର ୧୦ପ୍ରତିଶତରୁ ଅଧିକ ଲୋକ ମାନସିକ, ନ୍ୟୁରୋଲୋଜିକାଲ (ସ୍ନାୟୁତନ୍ତ୍ର ସମ୍ବନ୍ଧୀୟ) ଭଳି ସମସ୍ୟା ସହ ସଂଘର୍ଷ କରୁଛନ୍ତି । 'ହୁ'ର ସହାୟତାରେ ମିଳିତ ଜାତିସଂଘ ଏହାର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଭୂମିକା ନିଭାଇଆସୁଛି ।

ମାନସିକ ରୋଗ ଏକ ଜଟିଳ ରୋଗ । ଏହି ରୋଗକୁ ଆରମ୍ଭରୁ କେହି ଜାଣି ପାରନ୍ତି । ଏହା ଭୂତପ୍ରେତଙ୍କ ପ୍ରଭାବ ବା ତନ୍ତ୍ରର ପ୍ରଭାବ ବୋଲି ପ୍ରାୟତଃ ମନୁଷ୍ୟର ଧାରଣା ହୋଇଥାଏ । କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବି ନେଇଥାନ୍ତି । କେତେକ ବ୍ୟକ୍ତିଙ୍କର ବ୍ୟବହାରର ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ ମଧ୍ୟ କରିଥାନ୍ତି । ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳୀ ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି । ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ ଅନେକ କାରଣ ଯୋଗୁଁ ବେଳେ ବେଳେ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ, ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ, ଏହିସବୁ ରୋଗରୁ ଉପଶମ ମିଳିଥାଏ ।

ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ, ରୋଗୀଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରାଇଲେ, ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇଥାଏ । ରୋଗୀକୁ ରୋଗମୁକ୍ତ କରାଯାଇ ପାରିଥାଏ । ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର, ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ପାଇଁ ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ନିହାତି ଭାବେ ଆବଶ୍ୟକ ହୋଇଥାଏ ।

ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଂଲଗ୍ନ ହେବା, ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନଥାଇ ରାଗିବା ଆଦିକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇଥାଏ, ତଥାପି ଆହୁରି କିଛି ଲକ୍ଷଣ ମଧ୍ୟ ରହିଛି ।

ଅବଶ୍ୟ, ମାନସିକ ରୋଗ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଏ । ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନ ପାରିଲେ ମାନସିକ ଭାରସାମ୍ୟ ହରାଇଥାଏ, ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ । ଫଳରେ ତା' ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ । କେତେକ ସ୍ଥଳରେ



ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖା ଦେଇଥାଏ ।

ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ମଧ୍ୟ ହୋଇଥାଏ । ନିଜର ରକ୍ତସମ୍ପର୍କୀୟ ବା ପରିବାର ମଧ୍ୟରେ କୌଣସି ଲୋକକୁ ଏ ରୋଗ ହୋଇଥିଲେ, ଏହା ପରବର୍ତ୍ତୀ ପିଢ଼ିରେ ହେବାର ସମ୍ଭାବନା ଅଧିକ ଥାଏ ।

ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଚିକିତ୍ସା ଦ୍ୱାରା ଚିକିତ୍ସା କରାଯାଏ । ତେବେ ନିୟମିତ ଔଷଧ ନ ଖାଇଲେ ରୋଗୀଟି ସମ୍ପୂର୍ଣ୍ଣ ଭଲ ହୋଇନଥାଏ । ସେହିପରି ଏହି ଔଷଧ ଖାଇବା ସମୟରେ ଅନାନ୍ୟ ଶାରୀରିକ ରୋଗ ପାଇଁ ମଧ୍ୟ ରୋଗୀଟି ଔଷଧ ଖାଇ ପାରିବ । ଆଉ ଗୋଟିଏ କଥା ହେଉଛି, ମାନସିକ ରୋଗରେ ଆକ୍ରାନ୍ତଙ୍କ ସହ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ୍ ନୁହେଁ । ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣତରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ । ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ । ସବୁଠାରୁ ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର ଠାରୁ ଦୂରେଇ ରଖିବା ଉଚିତ । ମାନସିକ ରୋଗୀ ନିଜେ ବା ତା' ପରିବାରର ଅତି ନିକଟ ସମ୍ପର୍କୀୟ ବ୍ୟକ୍ତି, ଚିକିତ୍ସା ସମୟରେ, ରୋଗୀର ସମସ୍ତ ଗୋପନୀୟ ତଥ୍ୟ ଚିକିତ୍ସକଙ୍କୁ ଜଣାଇବା ଉଚିତ । କାରଣ ଚିକିତ୍ସକ, ରୋଗୀ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ସବୁକିଛି ଜାଣିପାରିଲେ ହିଁ ଉପଯୁକ୍ତ ଚିକିତ୍ସା ଯୋଗାଇପାରିବେ । ରୋଗୀର ସମସ୍ତ ବିଷୟ, ଗୋପନୀୟ ରଖି ଚିକିତ୍ସକ, ଚିକିତ୍ସା କରିଥାନ୍ତି ।

ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା । ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ, ଆମ ସମାଜରେ ଏହିପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରେ ଚେନାଏ ହସ ଫୁଟିପାରିବ । ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ ।

**ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼, କଟକ, ମୋ-୯୧୩୨୪୩୩୩୩୩**

# ମୁକ୍ତି ସଂଗ୍ରାମର ଦୁଇ ସାରଥି ଗାନ୍ଧିଜୀ ଓ ଶାସ୍ତ୍ରୀଜୀ

ଚିତ୍ତରଞ୍ଜନ ପୃଷ୍ଟି

ପବିତ୍ର ବେଦଭୂମି ଭାରତ ଭୂଖଣ୍ଡରେ ଜନ୍ମ ନେଇଥିଲେ ସତ୍ୟର ଦୁଇ ସାଧକ । ଜଣେ ହେଲେ ଅହିଂସାର ପୂଜାରୀ, ଜାତିର ପିତା ମହାତ୍ମା ଗାନ୍ଧି ଓ ଅନ୍ୟ ଜଣେ ହେଲେ 'ଶାନ୍ତିର ଦୂତ' ତଥା ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ । ଜଣେ ଥିଲେ ସତ୍ୟ ଓ ଅହିଂସାର ଜନକ ଆଉ ଅନ୍ୟ ଜଣେ ଥିଲେ ସେବା ଓ ଶାନ୍ତିର ପୂଜକ । ଜାତିର ଜନକ ମହାତ୍ମା ଗାନ୍ଧି ଓ ଶାନ୍ତିର ଦୂତ ଲାଲବାହାଦୂର ଶାସ୍ତ୍ରୀଜୀଙ୍କ ଜୀବନର ଆଧାର ଥିଲା ତ୍ୟାଗ ଓ ସେବା । ଦେଶ ଓ ଦଶର ଉନ୍ନତି ପାଇଁ ନିଜକୁ ସମର୍ପି ଦେଇଥିଲେ । ଅହିଂସାକୁ ଜୀବନର ବ୍ରତ କରି ଶେଷ ସମୟ ପର୍ଯ୍ୟନ୍ତ ମଧ୍ୟ ପ୍ରତିକୂଳ ପରିବେଶରେ ବିଚ୍ୟୁତ ନ ହୋଇ ଆଗକୁ ଗତି କରି ଇତିହାସ ରଚିଥିଲେ ଗାନ୍ଧିଜୀ । ଶାନ୍ତିର ଦୂତ ଶାସ୍ତ୍ରୀଜୀ ନିଜର ସଚ୍ଚୋଟତା, କର୍ମପ୍ରବଣତା ଓ ଦେଶ ପ୍ରତି ଅନୁରାଗ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିଛନ୍ତି ।

ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଅହିଂସାର ପୂଜାରୀ ଯୋଗଜନ୍ମା ଗାନ୍ଧିଜୀ ଛାତ୍ର ଜୀବନରୁ ଅହିଂସାର ପଥକୁ ବାଛିନେଇଥିଲେ । ଗାନ୍ଧିଜୀ ପିଲାବେଳୁ ଥିଲେ ସତ୍ୟବାଦୀ, ସାହସୀ, ସଦାଚାରୀ । ଜୀବନର ଶେଷ ଜୀବନ ପର୍ଯ୍ୟନ୍ତ ସେ ସତ୍ୟ ଓ ଅହିଂସା ଧର୍ମକୁ ପାଳନ କରିଥିଲେ । ଗାନ୍ଧିଜୀ କହୁଥିଲେ ଯେ ଅହିଂସା ହେଉଛି ମାନବ ଜାତିର ବଡ଼ ଶକ୍ତି ଓ ବିଶ୍ୱ ଶାନ୍ତି ପାଇଁ ଏକ ଅମୋଘ ଅସ୍ତ୍ର । ଗାନ୍ଧିଜୀ ଅହିଂସା ରୂପକ ଅସ୍ତ୍ରଦ୍ୱାରା ନିଜ ହୃଦୟରୁ ହିଂସା, ଦ୍ୱେଷ, ଲୋଭ, ମୋହମାୟା ଇତ୍ୟାଦିକୁ ଦୂର କରିପାରିଥିଲେ । ଅହିଂସାକୁ ସେ ପରମଧର୍ମ ଭାବରେ ଗ୍ରହଣ କରିଥିଲେ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ତାଙ୍କ ଜୀବନର ଆଦର୍ଶ ଥିଲା । ଗାନ୍ଧିଜୀ ବିଶ୍ୱର ଅନ୍ୟନେତାମାନଙ୍କ ତୁଳନାରେ ଭିନ୍ନ ଥିଲେ । ନେପୋଲିୟନ ଯୁଦ୍ଧକରି ପରାଜୟ ବରଣ କରିଥିଲେ । ହିଟଲର ୟୁରୋପକୁ କରାଗତ କରି ଶେଷରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଗାନ୍ଧିଜୀ ନିର୍ଯାତନା ଭୋଗକରି ଶେଷରେ କୃତକାର୍ଯ୍ୟ ହୋଇଥିଲେ । ତାଙ୍କର ବିଜୟ ଥିଲା ଅନ୍ୟାୟ ଉପରେ ନ୍ୟାୟର ବିଜୟ । ମିଥ୍ୟା ଉପରେ ସତ୍ୟର ବିଜୟ ଏବଂ ପାଶବିକ ଶକ୍ତି ଉପରେ ନୈତିକ ଶକ୍ତିର ବିଜୟ । ବହୁଧର୍ମ, ସମ୍ପ୍ରଦାୟ, ଭାଷା, ସଂସ୍କୃତି ଓ ପରମ୍ପରାର ଏକ ବିଶାଳ ଭୂଖଣ୍ଡକୁ ଏକତାର ରଜ୍ଜୁରେ ବାନ୍ଧି ରଖିବାର ପ୍ରେରଣା କେବଳ ଗାନ୍ଧିଜୀଙ୍କ ଅହିଂସା ଦ୍ୱାରା ସମ୍ଭବ ହୋଇପାରିଛି ।

ସତ୍ୟ ଓ ଅହିଂସାର ପୂଜାରୀ ଚାହୁଁନଥିଲେ ରକ୍ତପାତ । ତେଣୁ ସେ ଖଣ୍ଡା, ତୋପ, ଗୁଳିଗୋଳା ବଦଳରେ ଅହିଂସାକୁ ଅସ୍ତ୍ର କଲେ । ବିଦେଶୀ ଶକ୍ତି ବିରୁଦ୍ଧରେ ଲଢ଼ିବାପାଇଁ ଗାନ୍ଧିଜୀ ପ୍ରସ୍ତୁତ କଲେ ଅହିଂସା ଆନ୍ଦୋଳନର ଖସଡ଼ା । ହିଂସାତ୍ମକ ପନ୍ଥାକୁ ପରିହାର କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଜାଗି ଉଠିଲେ ଜନତା । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ବିଦେଶୀ ଶକ୍ତି କବଳରୁ ଦେଶକୁ ମୁକ୍ତ କରିବାପାଇଁ ଭାରତୀୟ ଜାତୀୟ କଂଗ୍ରେସ ଅହିଂସାଭିତ୍ତିକ ଆନ୍ଦୋଳନ ଚଳାଇଥିଲା । ବିଦେଶୀ ଶାସନରୁ ମୁକ୍ତି ପାଇବା ପାଇଁ ଗାନ୍ଧିଜୀ ଅହିଂସା ଓ ସତ୍ୟାଗ୍ରହ ରୂପକ ମାର୍ଗକୁ ବାଛିନେଇଥିଲେ । ଗାନ୍ଧିଜୀ କହୁଥିଲେ ଆମେ ଯେତେ ପରିମାଣରେ ଅହିଂସାକୁ କାର୍ଯ୍ୟକାରୀ କରିବା, ସେହି ପରିମାଣରେ ଆମେ ସ୍ୱାଧୀନତା ଲାଭ କରିବା । ଦେଶ ସ୍ୱାଧୀନତା ଲାଭ କରିବା ପର୍ଯ୍ୟନ୍ତ ଗାନ୍ଧିଜୀ ସତ୍ୟାଗ୍ରହ ଓ ଅହିଂସା ନୀତିକୁ ଆପଣାଇ ନେଇଥିଲେ । ସର୍ବଶେଷରେ ସତ୍ୟ ଓ ଅହିଂସା ନୀତି ଆଗରେ ବିଦେଶୀ ଶକ୍ତି ହାର ମାନିଥିଲା । ଗାନ୍ଧିଜୀ ସାରା ବିଶ୍ୱକୁ ଦେଖାଇଦେଇଥିଲେ ଯେ ସତ୍ୟ ଓ ଅହିଂସା ହିଂସାଠାରୁ ଅଧିକ ଶକ୍ତି ସୃଷ୍ଟି କରିପାରେ । ସମଗ୍ର ବିଶ୍ୱ ଉପଲବ୍ଧି କଲା ଅହିଂସାର ମହତ୍ତ୍ୱକୁ । ସତ୍ୟ ଓ ଅହିଂସା ଗାନ୍ଧିଜୀଙ୍କ ପାଇଁ ଥିଲା ଜୀବନ ସଂହିତା । ଜାତିର ପିତା ଗାନ୍ଧିଜୀଙ୍କୁ ସମଗ୍ର ବିଶ୍ୱ ଅହିଂସାର ପ୍ରତୀକ ଏବଂ ପ୍ରତିରୂପ ରୂପେ ବାଛିନେଲେ । ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନେଲ୍ସନ ମଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗ ମଧ୍ୟ ଅହିଂସା ମାର୍ଗକୁ ଆଦରି ନେଇଥିଲେ । ଗାନ୍ଧିଜୀଙ୍କ ସମ୍ମାନାର୍ଥେ ୨୦୦୭ ଜୁନ୍ ୧୫ ରେ ଜାତିସଂଘ ସାଧାରଣ ପରିଷଦରେ ମହାତ୍ମା ଗାନ୍ଧିଙ୍କ ଜନ୍ମଦିନ ଅକ୍ଟୋବର ୨କୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଆସିଥିଲା । ପରିଷଦର ସମସ୍ତ ସଦସ୍ୟ ଏହି ଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଥିଲେ । ଜାତିସଂଘର ସବୁ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏହି ଦିବସ ପାଳନ କରାଯାଇଆସୁଛି । ଗାନ୍ଧିଜୀ କେବଳ ଜାତିର ଜନକ ନୁହଁନ୍ତି ବରଂ ସମଗ୍ର ବିଶ୍ୱପାଇଁ ଥିଲେ ଆଦର୍ଶ ।

ମାନବ ସମାଜ ପାଇଁ ଏକ ଅସରନ୍ତି ପ୍ରେରଣାର ଉତ୍ସ ହେଉଛନ୍ତି ଲାଲ ବାହାଦୂର ଶାସ୍ତ୍ରୀ । କେବଳ ନାଁ ନୁହେଁ, ବାସ୍ତବରେ ସେ ଜଣେ ବାହାଦୂର ନେତା ଥିଲେ । ଶାସ୍ତ୍ରୀଜୀ ବାହାରୁ ଦେଖିବାକୁ ଯେମିତି ସାଧାରଣ ଦେଖାଯାଉଥିଲେ, ସେମିତି ମନରୁ ଶାନ୍ତ ଓ ନିର୍ମଳ ସ୍ୱଭାବର ଥିଲେ । ଶାସ୍ତ୍ରୀଜୀଙ୍କ ବାଲ୍ୟକାଳ ସଂଘର୍ଷରେ ବିତିଥିଲା । ମାତ୍ର ୧୬ ବର୍ଷ ବୟସରେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇ ଲାଲ ବାହାଦୂର ଶାସ୍ତ୍ରୀ ଭାରତକୁ ସ୍ୱାଧୀନତା ଦେବାକୁ ଲଢିଥିଲେ । ସେତେବେଳେ ଶାସ୍ତ୍ରୀଜୀ, ଅନେକ ସ୍ୱଦେଶୀପ୍ରେମୀଙ୍କ ସଂସ୍ପର୍ଶରେ ଆସିଥିଲେ । ଶାସ୍ତ୍ରୀ ଦେଶର କୃଷକ ଏବଂ ଶ୍ରମିକମାନଙ୍କର ନେତା ଭାବରେ ମଧ୍ୟ ଜଣାଶୁଣା । ୧୯୬୫ ମସିହାରେ ଭାରତ-ପାକ୍ ଯୁଦ୍ଧ ସମୟରେ ଲାଲ ବାହାଦୂର ଶାସ୍ତ୍ରୀ 'ଜୟ ଯବାନ, ଜୟ କିଷାନ' ସ୍ଲୋଗାନ ଦେଇଥିଲେ । ଲାଲ ବାହାଦୂର ଶାସ୍ତ୍ରୀ ତାଙ୍କର ସରଳ ପ୍ରକୃତି ଏବଂ ସରଳ ଜୀବନ ପାଇଁ ଜଣାଶୁଣା । ଦେଶର ଅଖଣ୍ଡତା ଓ ଏକତା ରକ୍ଷା କରିବାରେ ଶାସ୍ତ୍ରୀଜୀ ଥିଲେ ଅଦ୍ୱିତୀୟ ।

ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲାପରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ଏତିକିବେଳେ ଦେଶରେ ଖାଦ୍ୟ ଶସ୍ୟର ଘୋର ଅଭାବ ଦେଖାଦେଇଥିଲା । ତେଣୁ ଖାଦ୍ୟ ଶସ୍ୟ ଆମଦାନୀ କରିବା ପାଇଁ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ହେବାକୁ ପଡ଼ିଲା । ଏଭଳି ପରିସ୍ଥିତିରେ ଶାସ୍ତ୍ରିଜୀ 'ଜୟ ଯବାନ ଜୟ କିଷାନ' ସ୍ଲୋଗାନ ଦେଇଥିଲେ । ଦେଶକୁ ରକ୍ଷା କରିବା ପାଇଁ ସୈନିକମାନଙ୍କୁ ଆହ୍ୱାନ ଦେବା ସହ ଭାରତର ଖାଦ୍ୟଶସ୍ୟ ଆମଦାନୀର ମାତ୍ରାକୁ କମ୍ କରିବା ନିମନ୍ତେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବା ପାଇଁ କୃଷକମାନଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ କରିଥିଲେ । ଭାରତର ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାର ଆବଶ୍ୟକତାକୁ ଦର୍ଶାଇ ଶାସ୍ତ୍ରିଜୀ ୧୯୬୫ରେ ଭାରତରେ ସବୁଜ ବିପ୍ଳବକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ । ବିଶେଷ କରି ତାଙ୍କ ସମୟରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଖାଦ୍ୟଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲା । ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଉଭୟ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେ ଥିଲେ ଏକ ବିରଳ ଅମ୍ଳାନ ବ୍ୟକ୍ତି । ଭାରତର ରାଜନୈତିକ କ୍ଷେତ୍ରରେ ଜଣେ ଉଜ୍ଜ୍ୱଳ ନକ୍ଷତ୍ର । ଦେଶର ଘଡିସନ୍ଧି ମୁହୂର୍ତ୍ତରେ ଶାସନର ମଙ୍ଗ ସମ୍ଭାଳି ଦେଶକୁ ବିଜୟ ଧାରାରେ ଯେଉଁଭଳି ପ୍ରବାହିତ କଲେ, ତାହା ବାସ୍ତବିକ ଅନବଦ୍ୟ ଓ ଅବିସ୍ମରଣୀୟ ।

ଗାନ୍ଧିଜୀ ଶାସ୍ତ୍ରୀଜୀ ପରସ୍ପର ଥିଲେ ପରିପୂରକ । ଗାନ୍ଧି ପଥ ହେଲେ ଶାସ୍ତ୍ରୀ ପଥିକ । ଦେଶରେ ଶାନ୍ତି ବଜାୟ ରଖିବାକୁ ହେଲେ ଗାନ୍ଧିଜୀଙ୍କର ସେହି ସତ୍ୟ ଓ ଅହିଂସା ଏବଂ ଶାସ୍ତ୍ରୀଜୀଙ୍କ ସେବା ଓ ଶାନ୍ତିର ନୀତିକୁ ଅପଣାଇବାକୁ ପଡିବ । ଗାନ୍ଧିଜୀଙ୍କ ଜୀବନ ଏବଂ ଆଦର୍ଶ ଆମ୍ଭର ଉତ୍ତର ପିଢିକୁ କର୍ତ୍ତବ୍ୟ ପଥରେ ଚାଲିବା ପାଇଁ ଅନୁପ୍ରାଣିତ କରିବ । ସେହିପରି ସେବା,ଶାନ୍ତି ଓ ମୂଲ୍ୟବୋଧ ଉପରେ ଆଧାରିତ ଶାସ୍ତ୍ରୀଜୀଙ୍କ ଜୀବନ ଦେଶବାସୀଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଆସିଛି ।

**ନିମାପଡା, ପୁରୀ**
**ମୋ-୯୭୭୮୧୭୭୫୦୧**

# ସଂକଳ୍ପ ଶକ୍ତି

ଉର୍ଜା ଶକ୍ତିର ମହାପ୍ରବାହ ମଧ୍ୟରୁ ଈପସିତ ବିଚାର ପ୍ରଭାବକୁ ନିଜଦ୍ୱାରା ଚୟନ କରିବା ହେଉଛି ସଂକଳ୍ପର ତାତ୍ପର୍ଯ୍ୟ । ଉର୍ଜାଧାରାକୁ ନିର୍ଦ୍ଦିଷ୍ଟ ଦିଶା ଦେଇଥାଏ ସଂକଳ୍ପ । ସଂକଳ୍ପ ଏଭଳି ଗୋଟେ ବୀଜ, ଯାହା ପଡ଼ିବାମାତ୍ରେ ଅଙ୍କୁରିତ ହେବା ଆରମ୍ଭ କରିଦିଏ ।


ସଂକଳ୍ପ ଶକ୍ତି ପଛେ ପଛେ ସକଳ ଶକ୍ତି ଗତିଶୀଳ । ଜୀବନରେ ଆମେ କଣ କରିବା ଦରକାର, ତା' ଦ୍ୱାରା ପାଇବା କଣ ଆଉ ଯିବା କୁଆଡେ ? ଏ ସବୁ ଜିଜ୍ଞାସାର ସମାଧାନ ପାଇଁ ସମସ୍ତଙ୍କ ଦ୍ୱାରା ଗୋଟେ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଏ । କିନ୍ତୁ ସେଇ ଲକ୍ଷ୍ୟ ହାସଲ କରିବା ସଂକଳ୍ପ ଶକ୍ତି ବିନା ପ୍ରାୟତଃ ସମ୍ଭବ ନୁହେଁ କହିଲେ ଚଳେ । ଅନେକାଂଶରେ ସଂକଳ୍ପ ହିଁ ମନୁଷ୍ୟର ଜୀବନ ଉର୍ଜାକୁ ନିରୂପିତ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ, ନଚେତ୍ ଜୀବନ-ଉର୍ଜା ହାତମୁଠିରୁ ବାଲି ଭଳି ସର୍‌କିନା ଖସିଯାଇଥାଏ । ଅନେକାଂଶରେ ଦେଖାଯାଇଥାଏ ଯେ ବିଭିନ୍ନ

## ଅମୃତବାଣୀ

ଧାର୍ମିକ କାର୍ଯ୍ୟ ପୂର୍ବରୁ ହିଁ ସଂକଳ୍ପର ବିଧିବିଧାନ ଖଞ୍ଜା ହୋଇ ରହିଥାଏ । ତେବେ

ସଂକଳ୍ପ କଣ ଆଉ କାହିଁକି କରାଯାଇଥାଏ, ଏଭଳି ଅନେକ ପ୍ରଶ୍ନ ଆମ ଅନେକଙ୍କ ମନରେ ଉଙ୍କିମାରେ । ସ୍ଥଳବିଶେଷରେ ଅଧିକାଂଶ ଲୋକ ଏହାକୁ କେବଳ ଗୋଟେ ଉଦରପୂର୍ତ୍ତିର ମାଧ୍ୟମ କରି ଦେଇଥାନ୍ତି । କିନ୍ତୁ ଯେତେବେଳେ ଏହାକୁ ଟିକେ ଗହରେଇ ବିଶ୍ଲେଷଣ କରାଯାଏ, ସେତେବେଳେ, ଏହାର ଦାର୍ଶନିକତା ଓ ବୈଜ୍ଞାନିକ ଦିଗଟି, ସ୍ୱତନ୍ତ୍ର ଓ ଅନନ୍ୟ ବୋଲି ଜଣାଯାଏ । କୌଣସି ଧାର୍ମିକ ସଂକଳ୍ପ ସହିତ ଅନେକ ତଥ୍ୟ ଜଡ଼ିତ ରହିଥିବାର ଦେଖାଯାଇଥାଏ । ଯେହେତୁ ସଂକଳ୍ପ ସୃଷ୍ଟିକୁ, ସମଷ୍ଟି ସହିତ, ଲଘୁକୁ ବିଭୁଙ୍କ ସହିତ, ସୀମିତକୁ ବିଶାଳ ସହିତ ଯୋଡ଼ିଥାଏ, ସେ ହେତୁ, ଏହାର ସମ୍ପର୍କ ସୃଷ୍ଟି ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏବଂ ବର୍ତ୍ତମାନ କାଳରେ ବ୍ୟକ୍ତିର ଅଭୀଷ୍ଟ କାମନାରେ ସମାହିତ ହୋଇଥାଏ ।

ସଂକଳ୍ପ ଏକ ଗଭୀର ବୈଜ୍ଞାନିକ ପ୍ରଣାଳୀ । ସଂକଳ୍ପ ସହଜତାରୁ ନିଷ୍ପନ୍ନ ହୋଇଥାଏ । ଏଥିରେ ଉର୍ଜାକୁ ଦିଶା ଦେବାର ଅସୀମ ଓ ଅପରିମିତ ସାମର୍ଥ୍ୟ ନିହିତ ଥାଏ ।



ସଂକଳ୍ପର ବୀଜ ଯେତେବେଳେ ଆମ ଭିତରେ ରୋପି ଦିଆଯାଏ, ସେତେବେଳେ ଶରୀର ସେଇ ଦିଗରେ ଅନାୟାସରେ ଗତିଶୀଳ ହୋଇ କ୍ରମଶଃ ଆଗକୁ ଆଗକୁ ବଢିଚାଲେ । ତେବେ ଯେତେବେଳେ ଶରୀର ଅବଶ ଓ ଶିଥିଳ ହୋଇଯାଏ, ସେତେବେଳେ ମଧ୍ୟ ମନରେ ବପନ ହୋଇଥିବା ସଂକଳ୍ପ ବୀଜ ଅଙ୍କୁରିତ ହେବାରୁ ଅଟକି ଯାଇନଥିବା ଦେଖାଯାଏ ।

ପରନ୍ତୁ ସଂକଳ୍ପ ସର୍ବଦା ବିକଳ୍ପର ଅନ୍ୱେଷଣରେ ଲାଗିପଡିବାର ଦେଖାଯାଇଥାଏ । ଏଭଳି ସ୍ଥିତି ଏବେ ପ୍ରାୟ ଦୃଷ୍ଟିଗୋଚର ହୋଇଥାଏ । ସଂକଳ୍ପ ସାମ୍ନାରେ ବିକଳ୍ପର ସଘନ ବାତାୟନ ଉନ୍ମୁକ୍ତ ହୋଇରହେ ।

ଏ କଥା ନିଚ୍ଛକ ସତ୍ୟ ଯେ ଆମେ ବିକଳ୍ପଗୁଡ଼ିକ ସହିତ ସଂକଳ୍ପର ଅବଧାରଣା କରିଥାଉ । ବସ୍ତୁତଃ ସଂକଳ୍ପ ବିକଳ୍ପଗୁଡ଼ିକର ଉର୍ଦ୍ଧ୍ୱରେ ରହିଥାଏ ।

ସଂକଳ୍ପର ଉଦ୍ଦେଶ୍ୟ 'ୟେ' ଅଥବା 'କିଛିନାହିଁ' । ଇଏ ବି ଓ ସିଏ ମଧ୍ୟ, ବିକଳ୍ପର ସଙ୍କେତ । ସାମର୍ଥ୍ୟ ଅନୁରୂପ ସଂକଳ୍ପ ଓ ସଂକଳ୍ପ ଛୋଟରୁ ବଡ ଆଡ଼କୁ ଗତିଶୀଳ ହେଲେ ସଂକଳ୍ପକୁ ପାଳନ କରାଯାଇପାରିବ ।

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ,ସଂକଳ୍ପ, ବିକଳ୍ପର ତୋଫାନ ଭିତରେ ସମାହିତ ନ ହେଉ ଏବଂ ନିଜର ଅଭୀଷ୍ଟକୁ ପ୍ରାପ୍ତ କରୁ । ଛୋଟ ଛୋଟ ସଂକଳ୍ପଗୁଡ଼ିକୁ ପୂର୍ଣ୍ଣ କରିବାର ଅଭ୍ୟାସ ସମସ୍ତେ କରିବା ଉଚିତ ।

**ନଗେନ୍ଦ୍ର ନାଥ ପଟ୍ଟନାୟକ**
**ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର**
**ଓସ୍କାର ସିଟି ,ଲେନ୍ ନଂ ୯,ଲକ୍ଷ୍ମୀ ସାଗର**
**କେନାଲ ରୋଡ,ଭୁବନେଶ୍ୱର**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ ସୁଦ୍ଧା...

ଡେଭଲପ ହେବ । ଲାନିନା କଣ୍ଡିସନ୍ ଯେତେବେଳେ ଡେଭଲପ ହୁଏ, ସେତେବେଳେ ସାଧାରଣତଃ ଉତ୍ତର ଭାରତରେ ତାପମାତ୍ରା କମ୍ ରହିଥାଏ । କିନ୍ତୁ ସାଧାରଣତଃ ଲାନିନା ବର୍ଷମାନଙ୍କରେ ତାପମାତ୍ରା କମ୍ ରହିଥିବା ଦେଖାଯାଇଛି । ତେଣୁ ଅଧିକ ଥଣ୍ଡା ଅନୁଭୂତ ହୋଇଥାଏ । କିନ୍ତୁ ବର୍ତ୍ତମାନ ଅକ୍ଟୋବର ଓ ନଭେମ୍ବରରେ ଗୋଟିଏ ଦୁର୍ବଳ ନାଲିନା କଣ୍ଡିସନ୍ ହେବ । ତାହା ଧୀରେ ଧୀରେ ସକ୍ରିୟ ହେବ । ତେବେ କିଭଳି ସକ୍ରିୟ ହେବ, ତାକୁ ଅନୁଧ୍ୟାନ କଲେ କେତେ ପରିମାଣରେ ଥଣ୍ଡା ବଢ଼ିବ ଜଣାପଡିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ବୁଲେଟିନ୍ ଅନୁସାରେ ଆସନ୍ତାକାଲି ଅର୍ଥାତ ଗୁରୁବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, ଗଞ୍ଜାମ,ଗଜପତି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛ । ସେହିପରି ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର,ଢେଙ୍କାନାଳ, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାରେ ଘଡ଼ଘଡ଼ି ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ୫ ବର୍ଷରେ...

ଆମର ଲକ୍ଷ୍ୟ । ତାଙ୍କ ସରକାରର ୧୦୦ ଦିନ ମଧ୍ୟରେ ୪୫ ହଜାର କୋଟିର ପୁଞ୍ଜି ଓଡ଼ିଶା ଆସିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନ ପଥରେ ଆଗେଇ ନେବାପାଇଁ ମୋର ପ୍ରଚେଷ୍ଟା ଉତ୍କର୍ଷ ମାନେ ଏକ୍ସିଲେନ୍ ଏବଂ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍, ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଉତ୍କର୍ଷ ଆଣିଦେବ । ତେଣୁ ରାଜ୍ୟବାସୀଙ୍କ ଆଶୀର୍ବାଦ ଲୋଡୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଦିଲ୍ଲୀରେ ନିବେଶକଙ୍କ ସମ୍ମିଳନୀ ହେବା ସହ ରୋଡ୍‌ଶୋ ମଧ୍ୟ କରାଯିବ । ଏହି ଗସ୍ତ ସମୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ହାଇକମିଶନର, ଟେଡ୍ କମିଶନର, କନ୍‌ସଲ୍ ଜେନେରାଲଙ୍କ ସହ ଆଲୋଚନା କରାଯିବ । ନୂଆ ସରକାରର ଏହା ପୁଞ୍ଜି ନିବେଶକୁ ଆକର୍ଷିତ କରିବାରେ ଏହା ଏକ ବଡ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ହେବେ । ସେମାନେ ପୂର୍ବରୁ ଦିଲ୍ଲୀରେ ରହି ଏଥିଲାଗି କ୍ଷେତ୍ର ପ୍ରସ୍ତୁତ କରିଥିବା ସୂଚନା ମିଳିଛି ।

## ଝିଅ...

ଜଗି ରହିଥିଲା ଟୁକୁନା । ସେଠାରୁ ସେ ଆସିବା ବେଳେ ମହିଳାଙ୍କ କାନରୁ କାନଫୁଲ ଓ ଆଉ ଏକ ମୋବାଇଲ ଲୁଟ୍ କରି ଖସିଆସିଥିଲେ । ବିକାଶ ନାମରେ ଚନ୍ଦ୍ରଶେଖରପୁର ଥାନାରେ ପୂର୍ବରୁ ୭ ମାମଲା ଥିବାବେଳେ ଜଗା ନାମରେ ଚନ୍ଦ୍ରଶେଖରପୁର ଥାନାରେ ୫ଟି ଓ ଭାରତପୁର ଥାନାରେ ଗୋଟିଏ ମାମଲା ଥିବା ପୋଲିସ କହିଛି ।

୩୦ ତାରିଖ ଦିନ ପୀଡିତା ମହିଳା ମୈତ୍ରୀବିହାର ଥାନାରେ ଏତଲା କରିବା ପରେ ପୋଲିସ ଛାନ୍‌ଭିନ୍ କରି ଲୁଟେରା ୩ ଜଣଙ୍କୁ ଗିରଫ କରିବାରେ ସମର୍ଥ ହେଲା । ଗିରଫ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ପାଇଁ କମିଶନର ଶ୍ରୀ ସିଂ ଓ ଡିସିପି ପ୍ରତୀକ ସିଂ ବୁଧବାର ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ଭାବେ ଘଟଣା ସମ୍ପର୍କରେ କହିଥିଲେ । ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଘଟଣା ସମ୍ପର୍କରେ ମାନବାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ କରିଛନ୍ତି ।

## ଆଉଏକ...

ଆବାସ ନିଲକୋରେସନ, ହମାସ ନେତା ଇସ୍‌ମାଇଲ୍‌ହାନି ଏହୋ ଏବଂ ଲେବାନନର ହେଜିବୁଲ୍ଲା ନେତା ହସନ୍ ନସ୍ରଲ୍ଲାଙ୍କ ହତ୍ୟାର ଜବାବରେ ମଙ୍ଗଳିବାର ରାତିରେ ଇସ୍ରାଏଲ ଉପରେ ୨୦୦ କ୍ଷେପଣାସ୍ତ୍ର ମାଡ କରାଯାଇଛି । ଏହାର ପରିଣାମ ଭୟଙ୍କର ହେବ ବୋଲି ଇସ୍ରାଏଲ ଚେତାବନୀ ଦେଇଛି । ଗାଜାରେ ପାଲିଷ୍ଟାଇନ୍‌ଙ୍କ ଉପରେ ଇସ୍ରାଏଲର ଆକ୍ରମଣ ବନ୍ଦ ହୋଇନାହିଁ । ଲେବାନନ୍‌ର ହେଜେବୁଲ୍ଲା ଗୋଷ୍ଠି ଅଞ୍ଚଳରେ ଇସ୍ରାଏଲ ଆକ୍ରମଣ ଅବ୍ୟାହତ ରଖିଛି । ଇସ୍ରାଏଲର ୨୪ ଗାଁର ଲୋକମାନଙ୍କୁ ତୁରନ୍ତ ଜାଗା ଛାଡି ଯିବାକୁ ଧମକ ଦିଆଯାଇଛି । ଏପଟେ ସିରିଆ କହିଛି ଇସ୍ରାଏଲ ଆକ୍ରମଣରେ ତା'ର ୩ ନାଗରିକ ନିହତ ହୋଇଛନ୍ତି । ୟେମନ୍‌ରେ ରହି ଆତଙ୍କବାଦୀ କାର୍ଯ୍ୟ ଚଳାଉଥିବା ଫାଉଦୀ ବିଦ୍ରୋହୀମାନେ ମଧ୍ୟ ଆଦେନ ଉପସାଗର ଓ ଲୋହିତ ସାଗର ଅଞ୍ଚଳରେ ଇସ୍ରାଏଲ ସମର୍ଥକ ଦେଶର ଯାହାଜ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି । ଘଟଣାକୁ ନେଇ ମଧ୍ୟପ୍ରାଚ୍ୟରେ ଅସ୍ଥିରତାର ବାତାବରଣ ସୃଷ୍ଟି ହୋଇଛି । ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ ଲେବାନନ୍‌ରେ ୮ ଇସ୍ରାଏଲ ସୈନିକଙ୍କ ମୃତ୍ୟୁ ଘଟିଛି । ମଧ୍ୟପ୍ରାଚ୍ୟରେ ଏଭଳି ଅସ୍ଥିରତା ମଧ୍ୟରେ ଇସ୍ରାଏଲର ପାଲେଷ୍ଟାଇନ୍, ଲେବାନନ, ସିରିଆ ଓ ଇରାନ ଉପରେ ପ୍ରଚ୍ଛଦ ଆକ୍ରମଣ ଅଧିକ ଜଟିଳ ସମସ୍ୟା ସୃଷ୍ଟି କରିଛି । ଏହି ଉତ୍ତେଜନା ଏତିକିରେ ସୀମିତ ନହେଲେ ପରିସ୍ଥିତି ଭୟଙ୍କର ହେବାର ଆଶଙ୍କା ଦେଖାଦେଇଛି । ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଦର ବଜାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଏଭଳି ପରିସ୍ଥିତି ଲାଗି ରହିଲେ ଭାରତ ସମେତ ଅନେକ ଦେଶରେ ଦରବୃଦ୍ଧି ଓ ଅଶାନ୍ତି ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି । ଅପରପକ୍ଷରେ ଦିଲ୍ଲୀସ୍ଥିତ ଇସ୍ରାଏଲ ଦୂତାବାସରେ ସୁରକ୍ଷାକୁ କଡାକଡି କରାଯାଇଛି । ଦିଲ୍ଲୀର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଯାଞ୍ଚ ଏବଂ ସୁରକ୍ଷାକର୍ମୀ ମୁତୟନକୁ ବଢ଼ାଇ ଦିଆଯାଇଛି । ତୋଗ୍‌ଲକ୍ ରୋଡ୍ ଅଞ୍ଚଳରେ ଇସ୍ରାଏଲର ଦୂତାବାସ ରହିଛି । ବହୁମୁଖୀ ସୁରକ୍ଷା ବ୍ୟବସ୍ଥା ସହ ଅନେକ ସିସିଟିଭି କ୍ୟାମେରା ଲାଗାଯାଇଛି । ପୂର୍ବରୁ ଏହି ଦୂତାବାସରେ ଦୁଇଥର ବୋମା ବିସ୍ଫୋରଣ ହୋଇଥିଲା ।

## ଦୁଇ ହଜାର...

ଏହି ଶରଣାର୍ଥୀମାନେ ଜାନୁଆରୀ ୨୦୨୦ରୁ ଭାରତରେ ରହିଆସୁଥିଲେ । ଆଫଗାନସ୍ଥାନରେ ସେମାନଙ୍କ ପରିବାର ରହୁଛନ୍ତି । ଭାରତ ଆସିବାପରେ ସେମାନେ ଏକ ମେଡିସିନ୍ ଦୋକାନରେ କାର୍ଯ୍ୟ କରୁଥିଲେ । ଏହାପରେ ସେମାନେ ତାଙ୍କ ବନ୍ଧୁଙ୍କ ସମ୍ପର୍କରେ ଆସି ଡ୍ରଗ୍ସ ବ୍ୟବସାୟରେ ସାମିଲ ହୋଇଥିଲେ । ଦିଲ୍ଲୀ ଓ ଏନ୍‌ସିଆର୍‌ର ବିଭିନ୍ନ ଲୋକଙ୍କ ଠାରୁ ଡ୍ରଗ୍ସ ସପ୍ଲାଏ ପାଇଁ ଅର୍ଡର ଆଣିଥିଲେ । ପ୍ରତିଥର ଡ୍ରଗ୍ସ ପ୍ରଦାନରେ ୧୦୦ ଡଲାର ଏମାନଙ୍କୁ ମିଳୁଥିଲା । ପୋଲିସ କହିଛି ଯେ ନାଏବ ଆଫଗାନର ନାଗରିକ । ପୂର୍ବବର୍ଷ ମଣିପୁରରେ ମଧ୍ୟ ଡ୍ରଗ୍ସ ଜବତ ହୋଇଥିଲା । ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ୪ ଜଣଙ୍କୁ ଏଥିପାଇଁ ଅଟକ ରଖିଥିଲା । ମଣିପୁରରେ ହିଂସା ବ୍ୟାପିବାରୁ କୋକେନ୍ ଏବେ ଦିଲ୍ଲୀ ସମେତ ଅନ୍ୟାନ୍ୟ ରାଜ୍ୟକୁ ଆସୁଥିବା କୁହାଯାଉଛି ।

## ଟ୍ରକ-ବସ୍...

ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବସରେ ଥିବା ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଆହତ ଯାତ୍ରୀମାନଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ନିଆଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# 'ଯୁବପିଢ଼ୀ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ' : ପୃଥ୍ୱୀରାଜ



ଭୁବନେଶ୍ୱର (ସବ୍ୟୁ) : ଗାନ୍ଧୀଜୀ କେବଳ ଏକ ନାମ ନୁହେଁ, ଏହା ଜୀବନ ଓ ଦର୍ଶନର ଏକ ମହାନ ମାର୍ଗ । ଗାନ୍ଧୀଜୀ କେବଳ ଦେଶକୁ ସ୍ୱାଧୀନ କରି ନଥିଲେ, ଦେଶ ତଥା ସମଗ୍ର ମାନବଜାତିକୁ ସତ୍ପଥରେ ଆଗକୁ ବିବାକୁ ପ୍ରେରଣା ଦେଇଥିଲେ । ତାଙ୍କ ଦର୍ଶନ ଓ ପଦର୍ଶିତ ମାର୍ଗର ଆଜି ବି ଅନେକ ପ୍ରାସଙ୍ଗିକତା ରହିଛି । ତେଣୁ ଯୁବପି ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ରାଷ୍ଟ୍ରଗଠନରେ ବ୍ରତୀ ହୁଅନ୍ତୁ ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସମସ୍ତଙ୍କୁ ଏକାଠି କରି ଅହିଂସା ନାମକ ଅସ୍ତ୍ରରେ ଗାନ୍ଧୀଜୀ ବିଦେଶୀ ଶାସକ ବିରୁଦ୍ଧରେ ବିଜୟ ହାସଲ କରି ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ । ସର୍ବୋଦୟ, ସ୍ୱଦେଶୀ, ଗ୍ରାମସ୍ୱରାଜ ଏବଂ ସ୍ୱଚ୍ଛତା ନେଇ ଗାନ୍ଧୀଜୀଙ୍କ ବାଣୀକୁ ପାଳନ କରିବା ସହ ତାଙ୍କ ନୀତି ଓ ଆଦର୍ଶକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କଲେ ଆମେ ଦେଶକୁ ଶୀର୍ଷସ୍ତରକୁ ନେଇପାରିବା ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂହ କହିଲେ ଯେ ଗାନ୍ଧୀବାଦ ଓ ଗାନ୍ଧୀ ଦର୍ଶନ ହିଂସା ଉପରେ ଏକ ଶକ୍ତ ପ୍ରହାର ସଦୃଶ । ମହିଳାଙ୍କୁ ସମ୍ମାନ ଓ ନିଶାମୁକ୍ତ ଭାରତର ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ଆଗାମୀ ପି ଆନ୍ତରିକ ଭାବେ ପାଳନ କରିବାକୁ ସେ ଅନୁରୋଧ କରିଥିଲେ ।

ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ଏବଂ ଲେଖକ ଗୌରାଙ୍ଗ ଚରଣ ପରିଡ଼ା କହିଲେ ଯେ ସତ୍ୟ ଓ ନିର୍ଭିକତା ଅହିଂସା ରୂପକ ମୁଦ୍ରାର ଦୁଇଟି ପାଶ୍ୱର୍ । ଅସ୍ପୃଶ୍ୟତା ନିବାରଣ, ନାରୀ ସୁରକ୍ଷା ଲକ୍ଷ୍ୟ ନେଇ ଗାନ୍ଧୀଜୀ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ଭାରତକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲା । ଗାନ୍ଧୀଜୀଙ୍କ ଆଦର୍ଶ ଆଜି କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ ଯେ ସତ୍ୟ, ଧର୍ମ ଓ ନ୍ୟାୟ ଉପରେ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଆଧାରିତ ଥିଲା । ମାନବଜାତିର ଉତ୍ଥାନ ଥିଲା ତାଙ୍କ ବିଚାରଧାରାର ମୂଳମନ୍ତ୍ର । ଏହି ଅବସରରେ ଗୌରାଙ୍ଗ ଚରଣ ପରିଡ଼ାଙ୍କ ଗାନ୍ଧୀଜୀଙ୍କ ଉପରେ ରଚିତ ୩ଟି ପୁସ୍ତକ ଲୋକାର୍ପିତ ହୋଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାରେ ଗାନ୍ଧୀଜୀ' ଶୀର୍ଷକ ଫଟୋ ପ୍ରଦର୍ଶନୀକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଗାନ୍ଧୀଜୀଙ୍କ ଓଡ଼ିଶା ଗସ୍ତର ବିଭିନ୍ନ ବିରଳ ଫଟୋଚିତ୍ର ସ୍ଥାନ ପାଇଥିଲା ।

ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍ବୀର ସିଂହ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅଲିଭା ଆରତୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ହାଇଟେକ୍ ମେଡିକାଲ୍‌ରେ ଗାନ୍ଧିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭୁବନେଶ୍ୱର (ସବ୍ୟୁ) : ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଭୁବନେଶ୍ୱରରେ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଛି । ଏହାକୁ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ଉଦ୍ଘାଟନ କରିଥିବାବେଳେ, ନିର୍ଦ୍ଦେଶକ ସନ୍ତୋଷ କୁମାର ଚୌଧୁରୀ ଏବଂ ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ । ଏକବିଂଶ ଶତାବ୍ଦୀରେ ବିଦ୍ୟାର୍ଥୀମାନଙ୍କର ଆଦର୍ଶ ଜୀବନ ବିତାଇବା ପାଇଁ ଗାନ୍ଧୀଙ୍କର ସମସ୍ତ ର୍ବା ସେମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ମ୍ୟାନେଜିଙ୍ଗ୍ ଟ୍ରଷ୍ଟି କହିଥିବାବେଳେ ଗାନ୍ଧୀଙ୍କ ପାଖରୁ ସହନଶୀଳତା ଓ ଧୈର୍ଯ୍ୟ ବିଦ୍ୟାର୍ଥୀମାନେ ଅନୁକରଣ କଲେ ସେମାନଙ୍କ ଜୀବନରେ ସଫଳତା ଆସିବ ବୋଲି ନିର୍ଦ୍ଦେଶକ ସନ୍ତୋଷ କୁମାର ଚୌଧୁରୀ କହିଥିଲେ। ମେଡିସିନ୍ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡ. ସଞ୍ଜୟ ଜାଙ୍ଗିଦ୍ ଗାନ୍ଧୀଙ୍କର ବିଚାରଧାରା, ଆଦର୍ଶବୋଧ ସମସ୍ତ ଲୋକମାନଙ୍କ ପାଇଁ ଏକ ବାର୍ତ୍ତା ଯୋଗାଇଛି ବୋଲି କହିଥିବାବେଳେ କର୍ଣ୍ଣ,ଗଳା ଓ ନାସା ବିଭାଗର ବିଭାଗୀୟ ମୁଖ୍ୟ ଡ. ରାଜଲକ୍ଷ୍ମୀ ପାଣିଗ୍ରାହୀ ଗାନ୍ଧୀଙ୍କର ଜୀବନ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ଆଦର୍ଶ ଜୀବନ ଭାବରେ ପରିଗଣିତ ହୋଇଛି । ଏହି ପ୍ରତିମୂର୍ତ୍ତୀ ଉନ୍ମୋଚିତ ସଭାକୁ ହାଇଟେକ୍ ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଗୋପେଶ୍ୱର ଆଚାର୍ଯ୍ୟ ଆୟୋଜନ କରିଥିଲାବେଳେ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ତଥା ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିରଞ୍ଜନ ସାହାଣୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପର ଶତାଧିକ ବିଦ୍ୟାର୍ଥୀ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶର ର୍ବା ଶୁଣିଥିବା ସମୟରେ ଗାନ୍ଧୀଙ୍କ ରାମଧୁନ୍ ସମସ୍ତେ ଗାନ କରିଥିଲେ ।

# ରାଜ୍ୟସ୍ତରୀୟ ଗାନ୍ଧୀଜୟନ୍ତୀ ସମାରୋହରେ ରାଜ୍ୟପାଳଙ୍କ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର (ସବ୍ୟୁ) : ମହାତ୍ମା ଗାନ୍ଧୀଙ୍କ ବିଚାର ଓ କାର୍ଯ୍ୟ ସାରା ଦୁନିଆକୁ ମାର୍ଗ ଦେଖାଇଛି ମହାତ୍ମା ଗାନ୍ଧୀ ଦାଣ୍ଡି ମାର୍ଚ୍ଚରୁ ଆରମ୍ଭ କରି ଭାରତଛାଡ ପର୍ଯ୍ୟନ୍ତ ଅନେକ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି । ତେବେ ମହାତ୍ମାଙ୍କ ଦୃଷ୍ଟିରେ ସ୍ୱଚ୍ଛତା ସବୁବେଳେ ସର୍ବାଗ୍ରେ ରହିଆସିଛି । ଯେତେବେଳେ ତାଙ୍କୁ ସ୍ୱଚ୍ଛତା ଓ ସ୍ୱାଧୀନତା ମଧ୍ୟରେ କାହାକୁ ବାଛିବେ ପ୍ରଶ୍ନ ଥିଲା ସେ କହିଥିଲେ । ପ୍ରଥମେ ସ୍ୱଚ୍ଛତାକୁ ହିଁ ବାଛିବେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟ ଅତିଥଳଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ ଏହି ମତ ରଖଳଛନ୍ତି । ସେ କହିଛନ୍ତି ଯେ, ସ୍ୱଚ୍ଛତା ପ୍ରଥମେ ଓ ସ୍ୱାଧୀନତା ପରେ ବୋଲି ଗାନ୍ଧଜୀ କହିଥିଲେ । ଆଜି ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶରେ ଏହାକୁ ଏକ ଅଭିଯାନ ଭାବେ ଜନଆନ୍ଦୋଳନରେ ପରିଣତ କରିଛନ୍ତି ମହାମଳାଙ୍କ ପ୍ରକୃତ ସ୍ୱପ୍ନକୁ ସାକାର କରିବାକୁ ଏହା ସମର୍ପିତ ହୋଇଛି ।

ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସ୍ମାରକୀ ସଦନଠାରେ ଏହି ରାଜ୍ୟସ୍ତରୀୟ ସମାରୋହର ଆୟୋଜନ ହୋଇଥିଲା । ରାଜ୍ୟପାଳ ପ୍ରଥମେ ଶହୀଦ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଓ ପରେ ମହାତ୍ମାଙ୍କ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ନିବେଦନ କରି ମହାମଳାଙ୍କ ଆଦର୍ଶ ଏବଂ ବିଚାର ଧାରାକୁ ପ୍ରତ୍ୟେକ ନାଗରିକ ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ ।

ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଗାନ୍ଧଜୀ ତାଙ୍କର ସାମଗ୍ରିକ ଆନ୍ଦୋଳନରେ ଘରର ଜଣେ ମୁରବୀ ଭଳି ଅନେକ ସମୟରେ ନିଜକୁ କଷ୍ଟ ଦେଉଥିଲେ ଯେମିତି ଆମକୁ ଠିକଣା ବାଟକୁ ଆଣିବାକୁ ଘରର ମୁରବୀ ଅନ୍ନ, ଜଳ ଗ୍ରହଣ କରନ୍ତି ନାହିଁ ଗାନ୍ଧଜୀ ସେହିଭଳି ଅନଶନ ସତ୍ୟାଗ୍ରହ କରୁଥିଲେ ।

ରାମ ରାଜ୍ୟର ପରିକଳ୍ପନା ମହାତ୍ମା ଗାନ୍ଧୀଙ୍କର ଥଳଲା ଏବଂ ସେଥିରେ ସେ ସବୁବେଳେ ସର୍ବୋଦୟ, ସ୍ୱଦେଶୀ ଓ ଗ୍ରାମ ସ୍ୱରାଜକୁ ଗୁରୁତ୍ୱ ଦେଉଥିଲେ ଆଜି ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବକା ସାଥ୍ ସବକା ବିକାଶ, ସ୍ୱଦେଶୀ ଭାବନା ଓ ଗ୍ରାମ ସ୍ୱରାଜକୁ ପ୍ରାଥମିକତା ଦେଉଛନ୍ତି ରାଜ୍ୟରେ ମୋହନ ମାଝୀଙ୍କ ସରକାର ମଧ୍ୟ ସମାଜର ଶେଷ ଧାଡିର ଲୋକଟି ପାଖରେ ପ୍ରତ୍ୟେକଟି ଯୋଜନା ପହଞ୍ଚୁ ତାକୁ ଲକ୍ଷ୍ୟ ରଖି କାର୍ଯ୍ୟକ୍ରମ ଆଗକୁ ନେଉଛନ୍ତି ।

ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ନିହାର ରଂଜନ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଗାନ୍ଧିଜୀ କିଭଳି ରାମ ନାମକୁ ଆପଣାଇଥିଲେ ଓ ଗାନ୍ଧୀବାଦର ପ୍ରାସଙ୍ଗିକତା କିପରି ସବୁଦିନେ ପ୍ରଜ୍ୱଳିତ ହୋଇ ରହିଛି । ତାହା ଉଲ୍ଲେଖ କରିଥିଲେ। ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥଳଭାବେ ଯୋଗଦେଇ ମହାମଳା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦିବସବ୍ୟାପୀ ସମାରୋହର ଏହି ଉଦଘାଟନୀ ଉତ୍ସବକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଯୁବ ସାମ୍ପୁଖ୍ୟ ସଦସ୍ୟ ବିରୂପାକ୍ଷ ତ୍ରିପାଠୀ ସଞ୍ଚାଳନ କରିଥିବା ବେଳେ ସମାରୋହର ଆବାହକ ପ୍ରଫେସର ଉପେନ୍ଦ୍ର ପଢ଼ୀ ଆନୁଷ୍ଠାନିକଭାବେ ଧନ୍ୟବାଦ ଦେଇଥଳଲେ ଏହି ଅବସରରେ ରାଜ୍ୟପାଳଙ୍କୁ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ପକ୍ଷରୁ ସୂତ୍ରମାଳ ଓ ପୁଷ୍ପ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ରାଜ୍ୟପାଳ ୨ଜଣ ଛୋଟ ପିଲା ବିପ୍ଳବ ତ୍ରିପାଠୀ ଓ ଆୟାଂଶୁ ବାରିକଙ୍କ ଠାରୁ ଉତ୍ତରୀୟ ନେବା ସହିତ ବେଶ୍ କିଛି ସମୟ ଉଭୟଙ୍କ ସହ କଥା ହୋଇଥିଲେ ଅଭୟ ବଡଜେନା ଓ ପ୍ରମେଶ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ।










**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ସମୟ
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ଅଷ୍ଟବିଂଶ ବିଶେଷାଙ୍କ

SAGAR SCIENCE
1ST RESIDENTIAL COLLEGE IN NORTH ODISHA
HIGHER SECONDARY SCHOOL




6372377380 | 6372377380 | 6372377380
www.sagarcollege.com
Sunhat Chak, Balasore, Odisha - 756002

## ମହାକାଳପଡ଼ା-ବିଜୟନଗର ରାସ୍ତାକୁ କବ୍‌ଜା କଲାଣି କଣ୍ଟାଗଛ

ମହାକାଳପଡ଼ା, (ସବ୍ୟୁ) : ସ୍ଥାନୀୟ ବ୍ଲକ ଅଧୀନ ମହାକାଳପଡ଼ା ରୁ ବିଜୟ ନଗର ଲମ୍ବିଥିବା ଦୁଇ କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଦୁଇପାର୍ଶ୍ୱ ନିର୍ମାଣ ପରଠୁ ସଫେଇ ଅଭାବରୁ ଅନାବନା ଓ କଣ୍ଟାଗଛରେ ଭରପୁର ରହିଛି । ବିଜୟ ନଗର ଓ ମହାକାଳପଡ଼ା ଦୁଇ ପଂଚାୟତବାସୀଙ୍କ ଏହି ମୁଖ୍ୟ ରାସ୍ତାଟି ଧୀରେ ଧୀରେ ପାର୍ଶ୍ୱରେ ଗଛ ଦ୍ୱାରା ଆଚ୍ଛାଦିତ ହେବାରୁ ଯାତାୟତରେ ବ୍ୟାହତ ସୃଷ୍ଟି ହେଉଛି । ଏପରିକି ଜନବହୁଳ ରାସ୍ତାରେ ଗୋଟିଏ ଗାଡି ଯିବା ବେଳେ ସାଧାରଣ ପଥଚାରି ଅତିକ୍ରମ କରିବା ବିପଦପୂର୍ଣ୍ଣ ହେଉଛି । ବର୍ଷୁଆ ଓ ଆବର୍ଜନାମୟ ରାସ୍ତାରେ ରାତିଅଧ ତିନି ପ୍ରହର ରାସ୍ତାରେ ଯାତାୟତ ସମୟରେ ସର୍ପାଘାତର ଆଶଙ୍କା ଥିବାରୁ ବାଇକ ଆରୋହୀ ଓ ପଦଚାରୀ ଭୟ କରୁଛନ୍ତି । ଜନତାଙ୍କ ସୁବିଧା ନିମନ୍ତେ ରାସ୍ତା କଡ଼ ସଫେଇ ପାଇଁ ସେକ୍ସନ ଯନ୍ତ୍ରୀ ଓ ଠିକାଦାରଙ୍କୁ ଏକାଧିକ ବାର ଅଭିଯୋଗ ପରେ ବି ସୁଫଳ ମିଳୁନି । ଦେଖିବାକୁ ବାକି ରହିଲା କେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁଛି ।

ଶୁଭେଚ୍ଛା ବାର୍ତ୍ତା
ଶିକ୍ଷା ରୂପକ ଦୀପ ସମସ୍ତ ଛାତ୍ରଛାତ୍ରୀଙ୍କ ଜ୍ଞାନକୁ ଆଲୋକରେ ଉଦ୍‌ଭାସିତ କରୁ, ଏହାହିଁ କାମନା ।
ପାର୍ବଣ ଦଶହରା, ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ପୂଜା ଉପଲକ୍ଷେ ହିନ୍ଦୋଳ ଶିକ୍ଷା ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା ଓ ଶୁଭକାମନା ।
: ଆପଣଙ୍କର :
ସଂଜୟ କୁମାର ନାୟକ
ସହକାରୀ ବ୍ଲକ୍ ଶିକ୍ଷାଧିକାରୀ ଓ ବ୍ଲକ୍ ସାଧନ ସଂଯୋଜକ, ହିନ୍ଦୋଳ

ସମୟର ୨୮ତମ ସ୍ୱନକ୍ଷତ୍ର ଦିବସ ଓ ଗାନ୍ଧୀ ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲ୍ଲାର ଭାଇ, ଭଉଣୀ ଏବଂ ଶିଶୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ



ସଦସ୍ୟ ବାଲେଶ୍ୱର ଜିଲ୍ଲା ଶିଶୁମଙ୍ଗଳ କମିଟି, ବାଲେଶ୍ୱର

HOTEL JHADESWAR
06782 - 295053, 260853
8018608503 / 8018606776





JHADESWAR SWEETS
7852940043 / 8260919117



ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା
ଡ଼. ଧୀରେନ୍ଦ୍ର ନନ୍ଦ
ଶାରଦୀୟ ଅଭିନନ୍ଦନ
VIVEKANANDA INSTITUTE
OF ADVANCED EDUCATIONAL RESEARCH & TECHNOLOGY
RESIDENTIAL COLLEGE
+2 SCIENCE BCA
+3 SCIENCE BBA
AFFORDABLE FEES QUALITY TEACHING GUARANTEE RESULT
NEW CAMPUS : TANGIAPADA KHORDHA, PIN-752057
: 9437006725, 9937652054, 9337541063
E-mail : viaert.odisha@gmail.com, Web. : vivekanandainstitute.org

CELEBRETING 56 YEARS
Estd. 1967
EVEREST HOMOEO LABORATORY
ISO 9001:2008 Certiified
Leading Manufacturer of Homoeopathic Medicines in Odisha, with maximum range of.............




- Dilutions
- Mother Tinctures.
- Bio-Chemic Tablets.
- Patents

Lab. & Office :
B/3 Industrial Estate,
P.o./Dist: Balasore - 756001
Phone:06782- 263267,
Mob: 8280085678
Email: info@everesthomoeo.com

BALASORE COLLEGE OF ENGINEERING & TECHNOLOGY (BCET)
(Approved by AICTE, New Delhi and Affiliated to BPUT, Odisha)
SERGARH, BALASORE - 756060, ODISHA
MOB-9437961413, 9937976424 Website : wwwbcetodisha.ac.in, E-mail-principal@bcetodisha.ac.in
B.Tech.Programme in : ET, EI, CS, ME, EE, & Civil / PG Programme (M.Tech.) ET & Mech. Engg.

BCET GROUP OF INSTITUTIONS

1) NITYANANDA COLLEGE OF PHARMACY (NCP)
(Approved by AICTE and PCI New Delhi and Affiliated to BPUT, Rourkela, OSBP, BBSR)
Sergarh, Balasore, Odisha, Pin - 756060, Email : ncpbalasore@gmail.com,
Web : www.ncpbalasore.org, Ph -06782-236605/606, Mob-9439901187, 9178489665
Course offered : B.Pharm, D.Pharm

2) CENTRE FOR BUSINESS & INFORMATION SCIENCE (CBIS)
SERGARH, BALASORE-756060., Phone No. : 06782-236045, 9437961413, 9937976424 (M)
Course offered : MBA & MCA

3) BHADRAK ENGINEERING SCHOOL & TECHNOLOGY (BEST)
ASURALI, BHADRAK-756137, Phone No. : 06784-266108, 266100, 9439900105, 8280334453
Diploma Programme in : EE, ME, ET, Civil & CS

4) BCET HIGHER SECONDARY SCHOOL (BHSS)
A Day- Cum - Residential +2 Science College
Sergarh, Balasore, Odisha, Pin - 756060,
Email : bhssbalasore@gmail.com, Web : www.bcetorissa.org.
Mob - 8763312005, 9938303731

5) BCET_INDUSTRIAL TRAINING INSTITUTE (BCET_ITI)
TS-2/1, INDUSTRIAL ESTATE, ANGARGADIA, BALASORE - 756001 Mob , 9437727360
Course offered : FITTER & ELECTRICIAN

6) SUBRATA INDUSTRIAL TRAINING INSTITUTE (SITI)
Mangalpur, Dist:Jajpur, Pin: 755011, Phone No. : 9437303436
Course offered : FITTER, ELECTRICIAN & COPA

7) MANORAMA INDUSTRIAL TRAINING INSTITUTE (MITI)
JAJPUR ROAD, JAJPUR-755019, Phone No. : 9437108195
Course offered : FITTER, ELECTRICIAN & COPA

8) NITYANANDA INDUSTRIAL TRAINING INSTITUTE (NITI)
DHAMNAGAR, BHADRAK-756117, Phone No. : 9437976420
Course offered : FITTER & ELECTRICIAN

9) ST. XAVIER'S HIGH SCHOOL
(A CBSE Pattern, English Medium School)
Krushnakanta Vihar, Mangalpur, Jajpur-755011,
Course offered : Mont-I to Std-VIII, Phone No. : 9658036785, 9439922982,7789054763

10) NITYANANDA INSTITUTE OF MEDICAL SCIENCE (* Proposed)
Sergarh, Balasore
Course offered : B.Sc Nursing

Mr. M.K. Biswal
Chairman

## ଜରାଜୀର୍ଣ୍ଣ ଅବସ୍ଥାରେ ଗାନ୍ଧୀ ସ୍ମୃତି ଭବନ ଭୁଶୁଡି ପଡିବା ଆଶଙ୍କା

ନେମାଳ, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ନେମାଳଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ଉଦ୍ୟମ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ନେମାଳଠାରେ ୧୯୭୦ ମସିହାରେ ଆନୁଷ୍ଠାନିକ ଭାବେ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା ନେମାଳ ଗାନ୍ଧୀ ସ୍ମୃତି ଭବନଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଏହି ଭବନଟି କେତେବେଳେ ଭୁଷୁଡି ପଡିବ ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ୧୯୬୮ ମସିହାରେ ରମାଦେବୀଙ୍କ ଦ୍ୱାରା ଶୁଭଶିଳାନ୍ୟାସ କରାଯାଇଥିବା ଏହି ଭବନଟି ସ୍ଥାନୀୟ ଅଂଚଳରେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ସଦାସର୍ବଦା ପ୍ରେରଣା ଯୋଗାଇ ଆସୁଥିଲା । ଏହି ଭବନରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କର 'ଟୋ ଚିତ୍ର ରଖାଯିବା ସହ ଛୋଟ ଛୋଟ ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ଲାଇବ୍ରେରୀଟିଏ ଏହି ଭବନରେ ପରିଚାଳିତ ହେଉଥିଲା । ଏକଦା ଏହି ଭବନରେ ଓଡିଶାର ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ଜନନାୟକ ବୁଦ୍ଧିଜୀବୀମାନଙ୍କର ଏହି ଭବନରେ ପାଦ ପଡିଥିଲେ ମ ଏହି ଭବନର ରକ୍ଷଣାବେକ୍ଷଣା ପ୍ରତି କାହାରି ସାମାନ୍ୟତମ ଦରଦ ନଥିବା ଦେଖିବାକୁ ମିଳିଛି । ଭବନର ସମସ୍ତ କବାଟ ଝରକା ଆଦି ନଷ୍ଟ ହୋଇଯାଇଥିଲା ବେଳେ ଛାତର ରଡ୍‌ମାନ ଭିତରକୁ ବାହାରି ବିପଦ ସୃଷ୍ଟି କରୁଛି । ତେବେ ଜରାଜୀର୍ଣ୍ଣ ଏହି ଭବନଟି ବିପଦ ସଂକୁଳ ଅବସ୍ଥାରେ ଥିଲେ ମ ଏଥିପ୍ରତି ସରକାର କିମ୍ବା ରାଜନେତା କୌଣସି ପଦକ୍ଷେପ ନେଇନଥିବାରୁ କୌଣସି ମୁହୂର୍ତ୍ତରେ ଏହା ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେବେ ତୁରନ୍ତ ଏହି ଭବନ ପ୍ରତି ଜିଲ୍ଲା ପ୍ରଶାସନ, ସ୍ଥାନୀୟ ରାଜନେତା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।

Our Association with :
MRF TYRES
Gulf your local global brand
ASHOK LEYLAND



SHREE GANESH AUTOMOBILES
SGA
Corporate Office: NH-5 , JanuganjGolai, Balasore - 19
Tel: 9861990033/9040033090 | Fax:06782-244278
e-mail: info@teamsga.com
BALASORE | JAJPUR | BHADRAK | MAYURBHANJ

ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର
ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ : "କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ"

୧. ଓଡ଼ିଶା ରାଜ୍ୟ ସରକାରଙ୍କର ନିୟମାବଳୀ ଅନୁସାରେ କୃଷିଋଣ ଟ. ୧,୦୦,୦୦୦ଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ.୧,୦୦,୦୦୦ଙ୍କାରୁ ଟ.୩,୦୦,୦୦୦ଙ୍କା ପର୍ଯ୍ୟନ୍ତ ମାତ୍ର ୨% ସୁଧହାରରେ ଋଣ ପ୍ରଦାନ ।
୨. ମିଶନ ଶକ୍ତି ସ୍କୁଟର ଯୋଜନାରେ ହିତାଧିକାରିଣୀମାନଙ୍କୁ ସରକାରୀ ସହାୟତାରେ ସୁଧମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା ।
୩. "ମୋ ଘର" ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀମାନଙ୍କୁ ସୁଲଭ ମୂଲ୍ୟରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପ୍ରଦାନ କରିବା ।
୪. ମହିଳା କୃଷିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ ପ୍ରଦାନର ସୁବିଧା ଓ ସୁଯୋଗ ।
୫. (ଜେ.ଏଲ.ଜି) / ବଳିଆ / ବଳରାମ ମାଧ୍ୟମରେ ସ୍ୱଳ୍ପ ମିଆଦୀ କୃଷି ଓ ଆନୁଷଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା ।
୫ (କ) ସ୍ୱୟଂ ସହାୟକ ଗୋଷ୍ଠୀ (ଏଚ.ଏଚ.ଜି) ମାଧ୍ୟମରେ ସ୍ୱଳ୍ପ ମିଆଦୀ କୃଷି ଓ ଆନୁଷଙ୍ଗିକ କୃଷି ଋଣ ବିନା ସୁଧରେ ୫ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା ।
୬. କୃଷି, ଅଣକୃଷି ଓ ଆନୁଷଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା ।
୭. କୃଷକମାନଙ୍କ ପାଇଁ କୃଷି ବୀମା ଯୋଜନାର ପ୍ରଚଳନ ।
୮. ବ୍ୟାଙ୍କର ଅମାନତକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାର ପ୍ରଚଳନ ।
୯. ଜିରୋ ବାଲାନ୍ସରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା ।
୧୦. ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଜମା ରାଶି ଉପରେ ଅଧିକ ସୁଧା ପ୍ରଦାନର ବ୍ୟବସ୍ଥା ।
୧୧. ବ୍ୟାଙ୍କର ପ୍ରତ୍ୟେକ ଶାଖାରେ NEFT/RTGS/IMPS ମାଧ୍ୟମରେ ଟଙ୍କା ଦେଣ ନେଣ ର ସୁବିଧା ଉପଲବ୍ଧ ।
୧୨. ବ୍ୟାଙ୍କର ଚାରିଗୋଟି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା / ଜମାଖାତା ଖୋଲିବା / ନଗଦ ଜମା ଉଠାଣ/ଏ.ଟି.ଏମ. ମାଧ୍ୟମରେ ଋଣ ପ୍ରଦାନ ।
୧୩. ବ୍ୟାଙ୍କର IFSCODE-ORCB0KPT001
୧୪. ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ / ଭାରତୀୟ ସଞ୍ଚୟ ପ୍ରମାଣପତ୍ର (N.S.C.), କିଷାନ ବିକାଶ ପତ୍ରିକା (K.V.P) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା ।



"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"
ସଭାପତି : ଇଂ ଶ୍ରୀ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର

# ଇରାନ କ୍ଷେପଣାସ୍ତ୍ର ଖସାଅ: ବାଇଡେନ୍

**ୱାଶିଂଟନ:** ଇସ୍ରାଏଲ୍ ଉପରେ ଇରାନର ହମଲା ପରେ ଆମେରିକା ୱାଶିଂଟନରେ ବସିଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ଆମେରିକା ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ୱାର୍ ରୁମରେ ଯୁଦ୍ଧ ପରିସ୍ଥିତିର ଅନୁଧ୍ୟାନ ହୋଇଛି । ଇସ୍ରାଏଲକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ ଜଣାଇଛି ଆମେରିକା । ସାମରିକ, ଆର୍ଥିକ ଏବଂ ଅନ୍ୟ ସବୁ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇବା ନେଇ ଆଶ୍ୱସ୍ତ କରିଛନ୍ତି ରାଷ୍ଟ୍ରପତି ବାଇଡେନ୍ ।



ଇରାନର ରକେଟ୍ ଆକ୍ରମଣରୁ ବର୍ତ୍ତିବା ଲାଗି ଦେଶବ୍ୟାପୀ ସାଧାରଣ ନାଗରିଙ୍କ ପାଇଁ ଆଲର୍ଟ ଜାରି କରିଛି ଇସ୍ରାଏଲ । ଖାଲି ସେତିକି ନୁହେଁ ଇସ୍ରାଏଲର ବ୍ୟସ୍ତବହୁଳ ତେଲ ଆଭିଭ୍ ସହରରେ କିଛି ଆତତାୟୀ ପଶି ଲୋକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଛନ୍ତି । ଏଥିରେ ଏବେ ଯାଏଁ ୬ ଜଣଙ୍କ ମୃତ୍ୟୁ ହୋଇଛି ।

ଇସ୍ରାଏଲର ଏଭଳି ସ୍ଥିତି ଭିତରେ ଭାରତୀୟଙ୍କ ପାଇଁ ଆଡଭାଇଜାରୀ ଜାରି ହୋଇଛି । ଇସ୍ରାଏଲରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଜାରି କରାଯାଇଛି । ସୁରକ୍ଷିତ ଓ ସତର୍କ ରହିବାକୁ ସମସ୍ତ ଭାରତୀୟଙ୍କୁ ଦିଆଯାଇଛି ପରାମର୍ଶ । ବିନା କାରଣରେ ବାହାରକୁ ନବାହାରିବା, ତା' ସହ ଯିଏ ଯେଉଁ ସହରରେ ରହିଛନ୍ତି ସେଠୁ ଅନ୍ୟତ୍ର ଚଳପ୍ରଚଳ ନକରିବାକୁ କୁହାଯାଇଛି । କୌଣସି ସମସ୍ୟା ହେଲେ ହେଲପଲାଇନ୍ ଜରିଆରେ ସୂଚନା ଦେବାକୁ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଜାରି ହୋଇଛି ।

## ଇସ୍ରାଏଲୀ ଯୁବ କମାଣ୍ଡର ସହିଦ

**ଜେରୁଜେଲମ :** ଦକ୍ଷିଣ ଲେବାନନରେ ହିଜବୁଲ୍ଲା ସହ ଯୁଦ୍ଧରେ ଇସ୍ରାଏଲ ସେନାର ବଡ଼ ଧରଣର କ୍ଷତି ହୋଇଥିବା ଖବର ମିଳିଛି । ଦକ୍ଷିଣ ଲେବାନନରେ ହିଜବୁଲ୍ଲା ସହ ସଂଘର୍ଷରେ ଇସ୍ରାଏଲର ୨୨ ବର୍ଷୀୟ ଯୁବ କମାଣ୍ଡର ଇଡାନ ଇଡଜାକ୍ ଓଷ୍ଟର ନିହତ ହୋଇଛନ୍ତି । ଇରାନ୍ ଅବଜର୍ଭର ଅନୁଯାୟୀ ହିଜବୁଲ୍ଲା ସହ ହୋଇଥିବା ଯୁଦ୍ଧରେ ୩୫ ଜଣ ସୈନିକ ଆହତ ହୋଇଛନ୍ତି । ଦକ୍ଷିଣ ଲେବାନନର ଅଲ୍ ମନାରର ମାରୁନ ଅଲ-ରାସଠାରେ ଇସ୍ରାଏଲ ସୈନ୍ୟ ଏବଂ ହିଜବୁଲ୍ଲା ଲଢୁଆଙ୍କ ମଧ୍ୟରେ ଏହି ଯୁଦ୍ଧ ହୋଇଥିଲା । ଲେବାନନରେ ଇସ୍ରାଏଲର ସ୍ଥଳଅପରେସନ ବେଳେ ଏହା ହେଉଛି ପ୍ରଥମ କମାଣ୍ଡରଙ୍କ ମୃତ୍ୟୁ । କ୍ୟାପଟେନ୍ ଇଜାକ୍ ଓଷ୍ଟର, ଆଗୋଜ୍ କମାଣ୍ଡୋ ୟୁନିଟରେ ଟିମ୍ କମାଣ୍ଡର ଥିଲେ । ଦକ୍ଷିଣ ଲେବାନନର ଏକ ଗାଁରେ ହିଜବୁଲ୍ଲା ଯୋଦ୍ଧାଙ୍କ ସହ ସଂଘର୍ଷରେ ସେ ନିହତ ହୋଇଛନ୍ତି । ଇସ୍ରାଏଲ ପାଇଁ ଏହା ଏକ ବଡ଼ ଝଟକା । ହିଜବୁଲ୍ଲା ସହ ଦକ୍ଷିଣ ଲେବାନନରେ ଇସ୍ରାଏଲ ସେନାର ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ଆହତ ଏବଂ ମୃତ ସୈନିକମାନଙ୍କୁ ଆଇଡିଏଫ ହେଲିକପ୍ଟର ଯୋଗେ ସୁରକ୍ଷିତ ଘାଟିକୁ ପଠାଯାଉଛି । ଏଥିରେ କେତେ ଇସ୍ରାଏଲ ସୈନିକ ପ୍ରାଣ ହରାଇଛନ୍ତି ।

# ଆନ୍ଦୋଳନକୁ ଓହ୍ଲାଇଲେ ଜୁନିୟର ଡାକ୍ତର

**କୋଲକାତା:** ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନେ ସେମାନଙ୍କ ଅନିର୍ଦ୍ଦିଷ୍ଟ ଓ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପୁଣି ଆରମ୍ଭ କରିଛନ୍ତି । ସରକାର ପୂର୍ବ ଆନ୍ଦୋଳନ ପ୍ରତ୍ୟାହାର ବେଳେ ଦେଇଥିବା ଦାବିଗୁଡ଼ିକୁ ପୂରଣ କରୁ ନଥିବାରୁ ସେମାନେ ଏପରି ପଦକ୍ଷେପ ନେଇଛନ୍ତି । ସେମାନେ ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରିବା ସହ ବିଭିନ୍ନ ଦାବି ଉପସ୍ଥାପନ କରି ଆସୁଛନ୍ତି । ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନ୍ୟାୟ ଦାବିରେ ଜୁନିୟର ଡାକ୍ତରମାନେ ୪୨ ଦିନ ଧରି ବିକ୍ଷୋଭ କରିଥିଲେ । ଏହାପରେ ସେପ୍ଟେମ୍ବର ୨୧ରୁ ଆଂଶିକ ଭାବେ ସେମାନେ କାର୍ଯ୍ୟରେ ଯୋଗ ଦେଇଥିଲେ । ଏବେ ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ।ଅଙ୍କିତ ମାହାତୋ ନାମକ ଜଣେ ଆନ୍ଦୋଳନରତ ଜୁନିୟର ଡାକ୍ତର କହିଛନ୍ତି, ସୁରକ୍ଷା ସମ୍ପର୍କିତ ଆମ ଦାବିକୁ ପୂରଣ କରିବା ଦିଗରରେ ରାଜ୍ୟ ସରକାର କୌଣସି ସକାରାତ୍ମକ ପଦକ୍ଷେପ ନେବା ଭଳି ଆମେ ଦେଖିବାକୁ ପାଉନ । ଆଜି ଆନ୍ଦୋଳନ ୫୨ ଦିନରେ ପହଞ୍ଚିଥିବା ବେଳେ ଆମେ ଏବେ ବି ଆକ୍ରମଣର ଶିକାର ହେଉଛୁ ।



ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ବୈଠକ କରିବା ବେଳେ ଆମକୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରାଯାଉ ନାହିଁ ।ଏପରି ଏକ ସ୍ଥିତିରେ ଆମ ପାଖରେ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଛଡ଼ା ଆଉ କିଛି ଉପାୟ ନାହିଁ ।

ଅତିରିକ୍ତ ଭାବେ ଜୁନିୟର ଡାକ୍ତରମାନେ ଏକାଠି ହୋଇ କଲେଜ ଛକ ଠାରୁ କେନ୍ଦ୍ରୀୟ କୋଲକାତାର ଏସପ୍ଲାନେଡ ଯାଏ ବୁଧବାର ବିକ୍ଷୋଭ ଶୋଭାଯାତ୍ରାର ଡାକରା ଦେଇଛନ୍ତ । ଏଥିରେ ସାଧାରଣ ଲୋକଙ୍କୁ ସାମିଲ ହେବାକୁ ଆହ୍ୱାନ କରାଯାଇଛି ।ଏହାବାଦ ସେମାନେ ଆରଜି କର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସିବିଆଇ କରୁଥିବା ବିଳମ୍ବକୁ ନେଇ ମଧ୍ୟ ନିଜର ଅସହାୟତା ପ୍ରକାଶ କରିଛନ୍ତି । ସେମାନଙ୍କ କହିବା କଥା ଯେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟଲ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ଦିଆଯାଉ ।ଜୁନିୟର ଡାକ୍ତରଙ୍କ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ଆଜି ବେଙ୍ଗଲର ସବୁ ହସ୍ପିଟାଲରେ ରୋଗୀ ସେବା ପ୍ରଭାବିତ ହୋଇଛି । । ସିନିୟର ଡାକ୍ତରମାନଙ୍କୁ ଆରପିଡି, ଓପିଡି ଓ ଜରୁରୀ ସେବାରେ ନିୟୋଜିତ କରାଯାଇଛି ।

# ଲଡ୍ଡୁ ବିବାଦର ଏସଆଇଟି ତଦନ୍ତ ସ୍ଥଗିତ

**ନୂଆଦିଲ୍ଲୀ:** ଆନ୍ଧ୍ରପ୍ରଦେଶ ତିରୁପତି ବାଲାଜୀ ମନ୍ଦିରର ଲଡ୍ଡୁ ବିବାଦକୁ ନେଇ ଚାଲିଥିବା ଏସଆଇଟି ତଦନ୍ତ ସ୍ଥଗିତ ରଖାଯାଇଛ । ଏହି ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟରେ ଶୁଣାଣି ନ ହେବା ପର୍ଯ୍ୟନ୍ତ ଏସଅଇଟି ତଦନ୍ତ ହୋଇପାରିବ ନାହିଁ । ମଙ୍ଗଳବାର ଆନ୍ଧ୍ରପ୍ରଦେଶ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଲଡ୍ଡୁ ପ୍ରସ୍ତୁତ ପ୍ରଣାଳୀ ଉପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଆଣିଥିବା ଅଭିଯୋଗ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନବାଚୀ ସୃଷ୍ଟି କରିବାର ଦିନକ ପରେ ସରକାର ଏସଆଇଟି ତଦନ୍ତକୁ ସ୍ଥଗିତ ରଖିଛନ୍ତି । ଆସନ୍ତା ୩ରେ ସୁପ୍ରିମକୋର୍ଟ ତିରୁପତି ଲଡ୍ଡୁ ବିବାଦର ପରବର୍ତ୍ତୀ ଶୁଣାଣି କରିବେ । ସେପ୍ଟେମ୍ବର ୩୦ରେ ଏହା ଉପରେ ଶୁଣାଣି କରି ମୁଖ୍ୟମନ୍ତ୍ରୀ ନାଇଡୁଙ୍କ ସାମ୍ବାଦିକ ସମ୍ମିଳନୀ ଉପରେ ପ୍ରଶ୍ନ ଉଠାଇଥିଲେ ସର୍ବୋଚ୍ଚ ଅଦାଲତ ।



# ସିଦ୍ଧରମୈୟାଙ୍କ ପତ୍ନୀ ଫେରାଇବେ ୧୪ ପ୍ଲଟ୍

**ବେଙ୍ଗାଲୁରୁ:** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଅଡୁଆ ଦିନକୁ ଦିନ ବଢିବାରେ ଲାଗିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତକାଲି ତାଙ୍କ ବିରୋଧରେ ମାମଲା ରୁଜୁ କରିଛି । ଏହି ମାମଲା ମହୀଶୂର ଅରବାନ୍ ଡେଭଲପମେଣ୍ଟ ଅଥରଟି ଜମି ଦୁର୍ନୀତି ସହ ଜଡିତ । ଏହାରି ଭିତରେ ସ୍ୱାମୀଙ୍କ ଚିନ୍ତା ଦୂର କରିବା ପାଇଁ ସିଦ୍ଧରମୈୟାଙ୍କ ପତ୍ନୀ ବିଏମ୍ ପାର୍ବତୀ ନେଇଛନ୍ତି ବଡ଼ ପଦକ୍ଷେପ ।ସିଦ୍ଧରମୈୟାଙ୍କ ପତ୍ନୀ ପାର୍ବତୀ ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ ଦ୍ୱାରା ତାଙ୍କୁ ଦିଆଯାଇଥିବା ୧୪ଟି ପ୍ଲଟ୍ ଫେରାଇବାକୁ ପ୍ରସ୍ତାବ ଦେଇଛନ୍ତି । ଏନେଇ ସେ ମୁଦା କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି । ସେ ଚିଠିରେ କହିଛନ୍ତି, 'ମୁଦା ପକ୍ଷରୁ ମୋତେ ଦିଆଯାଇଥିବା ୧୪ଟି ପ୍ଲଟର ଡିଲକୁ ରଦ୍ଦ କରି ମୁଁ ଏହାକୁ ଫେରାଇବାକୁ ଚାହୁଁଛି । ମୁଁ ପ୍ଲଟଗୁଡିକର ଅଧିକାରକୁ ମହିଶୂର ସହରୀ ବିକାଶ ପ୍ରାଧିକରଣକୁ ହସ୍ତାନ୍ତର କରୁଛି ।ଦୟାକରି ଯଥାଶୀଘ୍ର ଏହି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ।'ଏହି ଜମି ଦୁର୍ନୀତି ସହ ଜଡିତ ଅର୍ଥ ହେରଫେର ମାମଲାରେ ଇଡି ସିଦ୍ଧରମୈୟା, ତାଙ୍କ ପତ୍ନୀ, ତାଙ୍କ ଶାଳକ ଓ ଅନ୍ୟ କିଛି ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିଛି । ଇଡି ମାମଲାରେ ସିଦ୍ଧରମୈୟାଙ୍କ ବିରୋଧରେ ପିଏମଏଲଏ ଧାରା ଲଗାଇଛି । ତେଣୁ ଇଡି କର୍ଣ୍ଣାଟକ ମୁଖ୍ରମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କୁ ଜେରା ପାଇଁ ଡକାଇପାରେ । ଆଇନଗତ ପ୍ରକ୍ରିୟା ଅନୁଯାୟୀ, ସିଦ୍ଧରମୈୟାଙ୍କୁ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅନୁମତି ପାଇଛି । ତଦନ୍ତ ସମୟରେ ଇଡି ତାଙ୍କ ସମ୍ପତ୍ତି ମଧ୍ୟ ଜବତ କରିପାରେ ।ଗତ ସପ୍ତାହରେ ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଏହି ମାମଲାରେ ସିଦ୍ଧରମୈୟାଙ୍କ ବିରୋଧରେ ଲୋକାୟୁକ୍ତ ପୁଲିସ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଏଫଆଇଆର୍ ରୁଜୁ କରାଯାଇଥିଲା । ଏହି ମାମଲା ଉପରେ ମୁଖ୍ୟମନ୍ତ୍ରୀ କିମ୍ବା ଅନ୍ୟ ନେତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । କିନ୍ତୁ ସିଦ୍ଧରମୈୟା ଇସ୍ତଫା ଦେବାକୁ ମନା କରି ଦେଇଛନ୍ତି । ସେ କହିଥିଲେ ଏହା ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଏଭଳି ହଇରାଣ କରାଯାଉଛି ।ସେ କିଛି ଭୁଲ୍ କରି ନାହାନ୍ତି । ଆଇନଗତ ଲଢେଇ ଜାରି ରଖିବେ ବୋଲି ସେ କହିଛନ୍ତି ।



# ବନ୍ୟା ପାଣିରେ ଅବତରଣ କଲା ବାୟୁସେନା ହେଲିକପ୍ଟର

**ପାଟନା:** ବିହାରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଆଜି ଆକାଶ ମାର୍ଗରୁ ରିଲିଫ ସାମଗ୍ରୀ ପକାଇବାକୁ ଯାଇଥିବା ଭାରତୀୟ ବାୟୁ ସେନାର ଏକ ହେଲିକପ୍ଟର ବିପଜ୍ଜନକ ଭାବେ ବନ୍ୟା ପାଣିରେ ଅବତରଣ କରିବାକୁ ବାଧ୍ୟ ହୋଇଛି । ତେବେ ସେଥିରେ ଥିବା ଭାରତୀୟ ବାୟୁ ସେନାର ଦୁଇ ଅଫିସରଙ୍କ ସମେତ ୪ କର୍ମଚାରୀ ସୁରକ୍ଷିତ ଅଛନ୍ତି । ଆଜି ଅପରାହ୍ନରେ ବିହାରର ମୁଜାଫରପୁର ଜିଲ୍ଲାର ଔରାଇ ତହସିଲର ନୟା ଗାଁରେ ଏହି ଘଟଣା ଘଟିଛି । ଦରଭଙ୍ଗା ଏୟାର ଫୋର୍ସ ବେସରୁ ଉଡ଼ାଣ ଭରିଥିବା ଏହି ହେଲିକପ୍ଟରଟି ଉପରୁ ରିଲିଫ ସାମଗ୍ରୀ ପକାଉଥିବା ବେଳେ ଏହାର ଏକ ବ୍ଲେଡ୍ ଭାଙ୍ଗି ଯାଇଥିଲା । ତେବେ ଉପସ୍ଥିତ ବୁଦ୍ଧି ଯୋଗୁ ପାଇଲଟ ହେଲିକପ୍ଟରଟିକୁ ଏକ ଜଳାର୍ଣ୍ଣବ ସ୍ଥାନରେ ଅବତରଣ କରାଇଥିଲେ । ଲ୍ୟାଣ୍ଡିଂ ବେଳେ ହେଲିକପ୍ଟରଟି ପାଣିରେ ପ୍ରାୟ ଅଧା ବୁଡ଼ି ଯାଇଥିଲା । ଘଟଣା ସଂପର୍କରେ ଖବର ପାଇ ଷ୍ଟେଟ ଡିଜାଷ୍ଟର ରେସ୍ପନ୍ସ ଫୋର୍ସର ଏକ ଟିମ୍ ତୁରନ୍ତ ସେଠାକୁ ଯାଇଥିଲେ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ ।

# ପ୍ରଶାନ୍ତ କିଶୋରଙ୍କ ନୂଆ ଦଳ 'ଜନ ସ୍ୱରାଜ'

**ପାଟନା:** ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର ବୁଧବାର ପାଟନାରେ ଆନୁଷ୍ଠାନିକ ଭାବେ ତାଙ୍କର ନୂଆ ରାଜନୀତିକ ଦଳର ନାଁ ଘୋଷଣା କରିଛନ୍ତି । ସେ ତାଙ୍କ ଦଳର ନାଁ ରଖିଛନ୍ତି 'ଜନ ସୁରାଜ ପାର୍ଟି' । ନୂଆ ଦଳ ନାଁ ଘୋଷଣା କରିବା ଅବସରରେ ପ୍ରଶାନ୍ତ କିଶୋର କହିଥିଲେ ଯେ ତାଙ୍କ ଦଳ ଦୁଇ ବର୍ଷ ହେଲାଣି ସକ୍ରିୟ ଅଛି ଓ ନିକଟରେ ନିର୍ବାଚନ କମିଶନଙ୍କଠାରୁ ଏହାକୁ ଅନୁମତି ମିଳିଛି । ବିଜେପି ସହିତ ତାଙ୍କ ଦଳର ସଂପର୍କ ରହିଛି ବୋଲି ବିରୋଧୀ ଅଭିଯୋଗ କରୁଥିବା ବେଳେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଜନ ସୁରାଜ ପାର୍ଟି ହେଉଛି ଆରଏସଏସ ଓ ସଂଖ୍ୟାଲଘୁଙ୍କ ମିଶ୍ରଣ । ନିର୍ବାଚନ କମିଶନଙ୍କ ଅନୁମତି ମିଳିଥିବାରୁ 'ଜନ ସୁରାଜ ପାର୍ଟି' ଆଗାମୀ ବିହାର ବିଧାନସଭା ନିର୍ବାଚନରେ ସମସ୍ତ ଆସନରେ ପ୍ରାର୍ଥୀ ଦେବ ବୋଲି ଆଶା କରାଯାଉଛି ।

# ଅଶୋଧିତ ତୈଳ ଦର ବୃଦ୍ଧି

**ତେହେରାନ:** ମଧ୍ୟପ୍ରାଚ୍ୟ ଦେଶରେ ପୁଣି ଥରେ ସ୍ଥିତି ବେକାବୁ ହୋଇଛି । ଇସ୍ରାଏଲ ଉପରେ ୪୦୦ ମିସାଇଲ ମାଡ଼ କରିଛି ଇରାନ୍ । ଏହି ଆକ୍ରମଣ ପରେ ପରେ ତୈଳ ବଜାରରେ ନିଆଁ ଲାଗିଛି । ବୃଦ୍ଧି ପାଇଛି ଅଶୋଧିତ ତୈଳ ଦର । ଇରାନ-ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ମୂଲ୍ୟରେ ୫% ବୃଦ୍ଧି ଘଟିଛି । ଅଶୋଧିତ ତୈଳ ବ୍ୟାରେଲ ପିଛା ୭୧ ଡଲାରେ ପହଞ୍ଚିଛି । ସେହିପରି ପୂର୍ବରୁ ଗ୍ଲୋବାଲ ବେଞ୍ଚ ମାର୍କ ବ୍ରେଣ୍ଟ ବର୍ଗର ଅଶୋଧିତ ତେଲ ଦର ୨.୭% ହ୍ରାସ ହୋଇଥିବା ବେଳେ ଏହା ଏବେ ବ୍ୟାରେଲ ପିଛା ୭୫ ଡଲାର ଟପିଛି । ଇରାନ୍ ହେଉଛି ମିଡିଲ ଇଷ୍ଟରେ ଅଶୋଧିତ ତୈଳ ଉତ୍ପାଦକର ପ୍ରମୁଖ ଦେଶ । କାରଣ ଏହି ଅଞ୍ଚଳରୁ ବିଶ୍ୱର ଏକ ତୃତୀୟାଂଶ ତେଲ ଯୋଗାଣ ହୋଇଥାଏ । ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଉପରେ ନିର୍ଭର କରେ । ଯଦି ଅଶୋଧିତ ତୈଳ ଦର ବଢେ, ତେବେ ଭବିଷ୍ୟତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ପ୍ରଭାବିତ ହୋଇପାରେ ।

# ଚଳନ୍ତା ସ୍କୁଲ ବସରେ ଲାଗିଲା ନିଆଁ, ୨୫ ଜଣ ଜୀବନ୍ତ ଦଗ୍ଧ

**ବ୍ୟାଙ୍କକ୍ :** ସ୍କୁଲ ପିଲା ଓ ସେମାନଙ୍କ ଶିକ୍ଷକମାନଙ୍କୁ ନେଇ ଯାଉଥିବା ଗୋଟିଏ ବସରେ ଭୟଙ୍କର ନିଆଁ ଲାଗି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ବ୍ୟାଙ୍କକ୍ ଉପକଣ୍ଠରେ ଏପରି ଭୟଙ୍କର ଘଟଣା ଘଟିଛି । ପ୍ରାଥମିକ ସୂଚନା ଅନୁସାରେ, ବସରେ ଶିକ୍ଷକ ଓ ସ୍କୁଲ ପିଲାଙ୍କୁ ମିଶାଇ ମୋଟ ୪୪ ଜଣ ରହିଥିଲେ । ସମସ୍ତେ କେନ୍ଦ୍ରୀୟ ଉଥାଇ ଥାନି ପ୍ରଦେଶରୁ ବୁଲିବା ପାଇଁ ଆୟୁଥାୟା ଯାଉଥିଲେ । କିନ୍ତୁ ମଧ୍ୟାହ୍ନ ସମୟରେ ବସଟି ପାଥୁମ ଥାନି ପାଖରେ ଥିବା ବେଳେ ଘଟିଥିଲା ଅଘଟଣ ।ହଠାତ୍ ଚଳନ୍ତା ବସରେ ଲାଗି ଯାଇଥିଲା ନିଆଁ । ଏହା ଏତେ ଭୟଙ୍କର ଥିଲା ଯେ ଆଖି ପିଛୁଳାକେ ପୂରା ବସକୁ ବ୍ୟାପିଯାଇଥିଲା । ଫଳରେ ଭିତରେ ଥିବା ଅଧିକାଂଶ ପିଲା ଓ ଶିକ୍ଷକ ଫସି ଯାଇଥିଲେ । ସେମାନଙ୍କ ମଧ୍ୟରୁ କିଛି ଜଣ ବାହାରକୁ ଆସିବାକୁ ସକ୍ଷମ ହୋଇଥିଲେ ହେଁ ବାକି ୨୫ ଜଣ ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି ।ଅନ୍ୟମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆଭ୍ୟନ୍ତରୀଣ ମନ୍ତ୍ରୀ ଅନୁତିନ ଚାରନଭିରକୁଲ କହିଛନ୍ତି ଯେ ତଦନ୍ତ ଏଯାଏ ସରିନି । କିନ୍ତୁ ଆହତଙ୍କ ସଂଖ୍ୟାକୁ ଦେଖି ୨୫ ଜଣ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି ।





ଲୋକସଭାର ପୂର୍ବତନ ବାଚସ୍ପତି ଜିଏମ୍ ବାଲାଜୋଗୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ଓମ୍ ବିର୍ଲା

# ରାମ ରହିମକୁ ମିଳିଲା ପାରୋଲ

**ଅମୃତସର:** ଦୁଇ ଜଣେ ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ଚାରି ବର୍ଷ ହେବ ଜେଲରେ ଅଛନ୍ତି ରାମ ରହିମ । ମାତ୍ର ଏହି ଚାରି ବର୍ଷ ମଧ୍ୟରେ ତାଙ୍କୁ ୧୫ ଥର ପାରୋଲ ମିଳିଲାଣି । ଗତ ୯ ମାସ ମଧ୍ୟରେ ସେ ତିନି ଥର ଜେଲରୁ ବାହାରିଥିଲେ ।ସେପ୍ଟେମ୍ବର ୨୯ରେ ପୁଣି ଥରେ ପାରୋଲ ପାଇଁ ଆବେଦନ କରିଥିଲେ । କିନ୍ତୁ ନିର୍ବାଚନ ଆଚରଣ ବିଧି ଲାଗୁ ୋଇଥିବାରୁ ସେ ଆବେଦନକୁ ନିର୍ବାଚନ କମିଶନଙ୍କୁ ପଠାଇ ଦେଇଥିଲେ । ନିର୍ବାଚନ କମିଶନ କାରଣ ପଚାରିବା ପରେ ବିଚାର ବିମର୍ଶ କରି ସର୍ତ୍ତ ରଖି ଅନୁମତି ଦେଇଛନ୍ତି ।ଅକ୍ଟୋବର ୫ରେ ହରିୟାଣା ନିର୍ବାଚନ ଥିବାବେଳେ ରାମ ରହିମଙ୍କୁ ଏଥିରେ କୌଣସି ପ୍ରକାର ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଅଂଶଗ୍ରହଣ କରିବାକୁ ବାରଣ କରିଛନ୍ତି ନିର୍ବାଚନ ଆୟୋଗ । ଏଥିସହ ସୋଶାଲ ମିଡିଆ ପ୍ରଚାର କିମ୍ବା କୌଣସି ନିର୍ବାଚନ ପ୍ରଚାର ରାଲିରେ ସାମିଲ ନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ନିର୍ବାଚନ ସମୟରେ ରାମ ରହିମ ପାରୋଲରେ ଆସିବା ନୂଆ କଥା ନୁହେଁ, ସେ ଲୋକସଭା ନିର୍ବାଚନ ପୂର୍ବରୁ ଜାନୁଆରୀ ୧୯ରେ ପାରୋଲରେ ଆସିଥିଲେ । ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନ ସମୟରେ ମଧ୍ୟ ଜେଲରୁ ବାହାରିଥିଲେ । ଗତ ମାସ ମଧ୍ୟ ତାଙ୍କୁ ୨୧ ଦିନିଆ ପାରୋଲ ଅନୁମତି ମିଳିଥିଲା । ଅଗଷ୍ଟ ୧୩ରେ ସେ ପାରୋଲରେ ଆସିଥିଲେ ।ବର୍ତ୍ତମାନ ସେ ହରିୟାଣାର ରୋହତକର ସୁନାରିଆ ଜେଲରେ ଅଛନ୍ତି । ସିରସା ଆଶ୍ରମରେ ଦୁଇଜଣ ଶିଷ୍ୟାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ୨୦ ବର୍ଷ ଜେଲ୍ ଦଣ୍ଡ ଭୋଗୁଛନ୍ତି ।



# ପୁଣି ବଢିଲା ଗ୍ୟାସ୍ ସିଲିଣ୍ଡର ଦର

**ନୂଆଦିଲ୍ଲୀ:** ଅକ୍ଟୋବର ୧ ତାରିଖରେ ଅଏଲ ମାର୍କେଟିଂ କମ୍ପାନୀ ଗ୍ୟାସ୍ ଦରରେ ପରିବର୍ତ୍ତନ କରିଛି । ୧୯ କିଲୋଗ୍ରାମ ଗ୍ୟାସ୍ ଯୁକ୍ତ କମର୍ସିଆଲ ଏଲପିଜି ସିଲିଣ୍ଡରର ଦାମ୍ ବୃଦ୍ଧି ପାଇଛି । ସିଲିଣ୍ଡର ପିଛା ୪୮.୫୦ରୁ ୫୦ ଟଙ୍କା ଯାଏଁ ବଢିଛି ।ଇଣ୍ଡିଆନ୍ ଅଏଲର ଅଫିସିଆଲ୍ ୱେବସାଇଟ୍ ଅନୁଯାୟୀ, ଏହି ବର୍ଦ୍ଧିତ ଦର ଲାଗୁ ହେବା ପରେ ବର୍ତ୍ତମାନ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୭୪୦ ଟଙ୍କାରେ ପହଞ୍ଚିଛି । ସେହିପରି ବର୍ଦ୍ଧିତ ଦର ଲାଗୁ ହେବା ପରେ ମୁମ୍ବାଇରେ କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ଦର ୧୬୯୨.୫୦ ଟଙ୍କା, କୋଲକାତାରେ ୧୮୫୦.୫୦ ଟଙ୍କା ଏବଂ ଚେନ୍ନାଇରେ ୧୯୩୦ ଟଙ୍କାରେ ଉପଲବ୍ଧ ହେବ ।କମର୍ସିଆଲ ଗ୍ୟାସ୍ ସିଲିଣ୍ଡରା ଦାମ ବଢିବା ଯୋଗୁ ରେଷ୍ଟୁରାଣ୍ଟ, ହୋଟେଲ, ବାରରେ ଖାଇବା ମହଙ୍ଗା ହେବ । କମର୍ସିଆଲ ଏଲପିଜି ଗ୍ୟାସ୍ ସିଲିଣ୍ଡରଗୁଡିକ ଏହି ସ୍ଥାନଗୁଡିକରେ ସ୍ୱତନ୍ତ୍ର ଭାବରେ ବ୍ୟବହୃତ ହୁଏ ।



# ତସଲିମାଙ୍କ ସଂଗୀନ ଅଭିଯୋଗ: ବାଂଲାରେ ଚାଲିଛି ଛାୟା ସରକାର

**ଢାକା:** ବିବାଦୀୟ ଲେଖିକା ତସଲିମା ନାସିରିନ୍ ତାଙ୍କ ପୋଷ୍ଟରେ ଦାବି କରିଛନ୍ତି, ବାଂଲାଦେଶର ଶାସନ ୨୮ ବର୍ଷର ଯୁବକଙ୍କ ଦ୍ୱାରା ପରିଚାଳିତ ହେଉଛି । ସେ ମହମ୍ମଦ ୟୁନୁସଙ୍କର ଜଣେ ଘନିଷ୍ଠ ଏବଂ ବିଶେଷ ସହଯୋଗୀ । ୟୁନୁସ୍ ବୃଦ୍ଧ ହୋଇଗଲେଣି । ତାଙ୍କର ଏହି ସହଯୋଗୀ ମୁଖ୍ୟ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତ ।ବିବାଦୀୟ ଲେଖକ ତସଲିମା ନାସିରିନ୍ ଦାବି କରିଛନ୍ତି ଯେ ବାଂଲାଦେଶ ସରକାର ଜଣେ ୨୮ ବର୍ଷ ବୟସ୍କ ଯୁବକଙ୍କ ଦ୍ୱାରା ପରିଚାଳିତ ହେଉଛି ।



ସୋସିଆଲ ମିଡିଆରେ ତସଲିମା ଏକ ଲମ୍ବା ପୋଷ୍ଟ ସେୟାର କରିଛନ୍ତି । ସେ ଯୁବକ ମହଫୁଜ ଆଲାମଙ୍କ ଆଡକୁ ନିର୍ଦ୍ଦେଶ କରିଛନ୍ତି ।ମଧ୍ୟବର୍ତ୍ତୀକାଳୀନ ସରକାର ସମ୍ବନ୍ଧରେ ତାଙ୍କ ପୋଷ୍ଟରେ ତସଲିମା ନାସିରିନ୍ କହିଛନ୍ତି ଯେ ମହମ୍ମଦ ୟୁନୁସ୍ଙ୍କ ଶବ୍ଦ ଓ କାର୍ଯ୍ୟ ମେଳ ଖାଉ ନାହିଁ । ସେ ସଂଖ୍ୟାଲଘୁମାନଙ୍କ ସହ ଠିଆ ହେବାର ବାର୍ତ୍ତା ଦିଅନ୍ତି, କିନ୍ତୁ ଏହା ପ୍ରକୃତରେ ଦୃଶ୍ୟମାନ ହୁଏ ନାହିଁ । ତାଙ୍କ ନେତୃତ୍ୱ ସମୟରେ ମଧ୍ୟ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଏବଂ ଧମକ ଜାରି ରହିଥିଲା ।

# ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍: କୋଣାର୍କ ସୂର୍ଯ୍ୟସ୍‌କୁ ହରାଇଲେ ଗୁପଟିଲ୍

ସୁରଟ,୨।୧୦(ସବ୍ୟୁ): ଲିଜେଣ୍ଡସ ଲିଗ୍ କ୍ରିକେଟରେ ପୁଣି ଧମାଲ କରିଛି ସର୍ଦ୍ଦନ ସୁପର ଷ୍ଟାର । ମାର୍ଟିନ୍ ଗୁପଟିଲଙ୍କ ଅପରାଜିତ ୧୩୧ରନ୍‌ର ଇନିଂସ୍ ଯୋଗୁଁ ସର୍ଦ୍ଦନ ସୁପର ଷ୍ଟାର କ୍ରମାଗତ ୫ମ ବିଜୟ ହାସଲ କରିଛି । କ୍ରମାଗତ ୨ଟି ମ୍ୟାଚ୍ ବର୍ଷା ଯୋଗୁଁ ଧୋଇଯିବା ପରେ ରଣାଗଙ୍ଗନକୁ ଓହ୍ଲାଇଥିଲା ସୂର୍ଯ୍ୟସ୍ ଦଳ । ଗତ ମାସ ୨୦ତାରିଖରେ ଡିଫେଣ୍ଡିଂ ଚାମ୍ପିଅନ ମଣିପାଲ ଟାଇଗର୍ସଙ୍କୁ ୨ ରନ୍ ବ୍ୟବଧାନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ସୁରଟରେ ୨ଟି ମ୍ୟାଚ୍ ବର୍ଷା ପାଇଁ ବାତିଲ ହେବା ସହ ପଏଣ୍ଟ ଭାଗ ହୋଇଥିଲା । ବୁଧବାର ଲାଲଭାଇ କଣ୍ଟ୍ରାକଟର ଷ୍ଟାଡିୟମରେ ଟେବୁଲ ଶୀର୍ଷ ଦଳ ସର୍ଦ୍ଦନ ସୁପର ଷ୍ଟାରକୁ ଭେଟିଥିଲା କୋଣାର୍କ ସୂର୍ଯ୍ୟସ୍ । ପ୍ରଥମେ ବ୍ୟାଟିଂ କରି ସୂର୍ଯ୍ୟସ୍ ରିଚାର୍ଡ ଲେଭିଙ୍କ ୨୧ ବଲରୁ ୬୩ରନ୍ ସହାୟତାରେ ୨୦ ଓଭରରେ ୯ ୱିକେଟ୍ ହରାଇ ୧୯୨ରନର ବିଶାଳ ସ୍କୋର କରିଥିଲା। ତେଣୁ ସର୍ଦ୍ଦନ ସୁପର ଷ୍ଟାର ସମ୍ମୁଖରେ ୧୯୩ରନ୍‌ର ଟାର୍ଗେଟ୍ ସେଟ୍ ହୋଇଥିଲା। ଏହି ବିଜୟ ଲକ୍ଷ୍ୟକୁ ସର୍ଦ୍ଦନ ସୁପର ଷ୍ଟାର ୧୬ ଓଭରରେ




୧୯୫/୨ରନ କରି ଅତି ସହଜରେ ଜିତିଯାଇଥିଲା। ଦଳ ବିଜୟରେ ମାର୍ଟିନ ଗୁପଟିଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ସେ ୫୪ ବଲରୁ ୧୩୧ରନ୍‌ର ଅପରାଜିତ ଇନିଂସ୍ ଖେଳିଦଳକୁ ଅବିଶ୍ୱାସନୀୟ ବିଜୟ ଭେଟି ଦେଇଥିଲେ। ସର୍ଦ୍ଦନ ସୁପର ଷ୍ଟାର ୫ ମ୍ୟାଚରୁ ୧୦ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି ।

କୋଣାର୍କ ସୂର୍ଯ୍ୟସ୍ ପକ୍ଷରୁ ଓପନର ରିଚାର୍ଡ ଲେଭି ୪ଟି ଛକା ଓ ୯ଟି ଚୌକା ମାରି ୬୩ରନ, ଜେସି ରାଇଡର ୧୮ରନ, କେଭିନ୍ ଓବ୍ରାଏନ୍




୯ରନ୍, ରସ୍ ଟେଲର ୪ରନ୍, ୟୁସୁଫ୍ ପଠାନ୍ ୩୩ରନ୍, ଇର୍ଫାନ୍ ପଠାନ୍ ୧୦ରନ୍, ମୁନାବୀରା ୧୬ରନ୍, ବିନୟ କୁମାର ୧୮ରନ୍ କରିଥିଲେ। ତେଣୁ ଦଳ ୧୯୨/୯ରନର ବିଶାଳ ସ୍କୋର କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ସର୍ଦ୍ଦନ ପକ୍ଷରୁ ସୁବୋଧ ଭଟ୍ଟି ୩ଟି, ଚତୁରଙ୍ଗ ଡି ସିଲଭା ୨ଟି, ରଜାକ, ମୋନୁ କୁମାର ଓ ନେଗୀ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

୧୯୩ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିଲା ସର୍ଦ୍ଦନ ସୁପର ଷ୍ଟାର । ଓପନର ଶ୍ରୀଭଟ ଗୋସ୍ୱାମୀ ଓ ମାର୍ଟିନ୍ ଗୁପଟିଲ ପାଳି ଆରମ୍ଭ କରି ଦଳକୁ ଫ୍ଲାଇଙ୍ଗ୍ ଷ୍ଟାର୍ଟ ଦେଇଥିଲେ । ଏକାକୀ ଗୁପଟିଲ ୫୪ ବଲର ସମ୍ମୁଖୀନ ହୋଇ ୧୧ଟି ଛକା ଓ ୯ଟି ଚୌକା ସହାୟତାରେ ଅପରାଜିତ ୧୩୧ରନ କରି ସୂର୍ଯ୍ୟସ୍‌ର ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଭଟ ଗୋସ୍ୱାମୀ ୧୮ରନ, ହାସିଲଟନ୍ ମାସାକାଜା ୨୦ରନ, ପୱନ୍ ନେଗୀ ଅପରାଜିତ ୧୪ରନ କରି ମ୍ୟାଚ୍ ଶେଷ କରିଥିଲେ ।

# ଜାତୀୟ ହ୍ୱିଲଚେୟାର ରଗବୀରେ ଓଡିଶା ଚାମ୍ପିଅନ

ଭୁବନେଶ୍ୱର,୨।୧୦(ସବ୍ୟୁ): ମଧ୍ୟପ୍ରଦେଶର ଗ୍ୱାଲିୟର ରେ ଅନୁଷ୍ଠିତ ଜାତୀୟ ହୁଇଲ ଚେୟାର ରଗବୀ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶା ଚାମ୍ପିଅନ ହୋଇଛି । ସେମିଫାଇନାଲରେ କର୍ଣ୍ଣାଟକକୁ ୧୪/୦୪ ଗୋଲରେ ପରାସ୍ତ କରିଥିଲା । ଏହି ମ୍ୟାଚରେ ଆକାଶ ବଞ୍ଚର ସର୍ବାଧିକ ୫ ଟି, ସୁଜିତ ୩ଟି, ଓମ୍ ପ୍ରକାଶ ୩ଟି, ରୁଦ୍ର ନାରାୟଣ ୩ଟି ଗୋଲ କରିବାକୁ ଦଳ ସହଜ ବିଜୟ ସହ ଫାଇନାଲ୍‌ରେ ପ୍ରବେଶ କରିଥିଲା । ଫାଇନାଲ ମ୍ୟାଚରେ କେରଳକୁ ୨୮/୦୯ ସର୍ବାଧିକ ବ୍ୟବଧାନ ହରାଇ ଐତିହାସିକ ବିଜୟ ହାସଲ କରିଛି । ଏହି ମ୍ୟାଚରେ ସୁଜିତ୍ ୭ଟି, ଆକାଶ ୬ଟି, ଗୁମଦଝ ୫ଟି, ଓମ୍ ପ୍ରକଶ ୫, ଟି ରୁଦ୍ର ନାରାୟଣ ୩ଟି, ପ୍ରଶାନ୍ତ ୧ଟି, ଦେବଦତ୍ତ ୧ଟି ଗୋଲ କରିଥିଲେ । ଅନ୍ତର୍ଜାତୀୟ କୋଚ ସୁରେନ୍ଦ୍ର ଜେନା ଓ ବିଶ୍ୱଜିତ ସତପଥୀ ଓ ମ୍ୟାନେଜର ଉଦୟ ରାଉତ ଅକ୍ଳାନ୍ତ ପରିଶ୍ରମ ବଳରେ ଏହି ବିଜୟ ହାସଲ କରିଛି ।

ଅଭ୍ୟାସ ପାଇଁ କୌଣସି ଇଣ୍ଡୋର ଷ୍ଟାଡିୟମ ମିଳି ନଥିଲା । କିନ୍ତୁ ସେମାନେ




ଓଲଟପୁର୍ ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ଆବାସିକ କେନ୍ଦ୍ର ଗ୍ରାଉଣ୍ଡରେ ଅଭ୍ୟାସ କରୁଥିଲେ ବୋଲି ଦଳର ମ୍ୟାନେଜର ଉଦୟ ରାଉତ କହିଛନ୍ତି ।

ଏହି ବିଜୟ ପାଇଁ ପାରା ସ୍ପୋର୍ଟସ ଆସୋସିଏସନ ସଭାପତି କମଳା କାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି, କୋଷାଧକ୍ଷ ସୁନୀଲ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି ।

# ରାଜ୍ୟ ଲନ ବଲ୍: ବଲାଙ୍ଗୀର ଦଳଗତ ବିଜେତା

ଭୁବନେଶ୍ୱର,୧।୧୦(ସବ୍ୟୁ): ଓଡ଼ିଶା ରାଜ୍ୟ ଲନବଲ୍ ପ୍ରତିଯୋଗିତାରର ଦ୍ୱିତୀୟ ସଂସ୍କରଣରେ ମଧ୍ୟ ବଲାଙ୍ଗୀର ବାଜିମାରିଛି । ବଲାଙ୍ଗୀର ଜିଲ୍ଲା ଦଳଗତ ବିଜେତା ହୋଇଥିବାବେଳେ ବଲାଙ୍ଗୀର କ୍ଲବ୍ ଉପବିଜେତା ହୋଇଛି । ସମସ୍ତ ୧୦ ଇଭେଣ୍ଟରେ ଏହି ଜିଲ୍ଲାର ଖେଳାଳି ପ୍ରାଧାନ୍ୟ ବିସ୍ତାର କରି ମୂଳପୋଛ ଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ବଲାଙ୍ଗୀର ଜିଲ୍ଲା ଦଳ ୭ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବଲାଙ୍ଗୀର କ୍ଲବ୍ ୨ଟି ଓ ଜେଏସଏମ୍ ବଲାଙ୍ଗୀର ଗୋଟିଏ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହି ତିନି ବଲାଙ୍ଗୀର ଦଳ ମଧ୍ୟ ୫ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଜିତିଛନ୍ତି । ମଙ୍ଗଳବାର ତୃତୀୟ ତଥା ଶେଷ ଦିବସରେ ମଧ୍ୟ ୫ ଇଭେଣ୍ଟର ଫାଇନାଲ୍ ଖେଳାଯାଇଥିଲା । ପୁରୁଷ ଏକକରେ ଜାତୀୟ କ୍ରୀଡ଼ା କାଂସ୍ୟ ବିଜେତା ଲଳିତ ଶର୍ମା ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବାବେଳେ ଢେଙ୍କାନାଳର ତାରିଣୀ ପ୍ରସାଦ ନାୟକ ରୌପ୍ୟ ଓ ସମ୍ବଲପୁରର ବିଜୟ କୁମାର ଦୋରା କାଂସ୍ୟ ଜିତିଥିଲେ । ପୁରୁଷ୍ ଫୋର୍ସରେ କେଳାସ ମାଝୀ, ନରସିଂହ ରାଣା, ପ୍ରମୋଦ ପଟେଲ୍, ଦିନେଶ କୁମାର ମହାନନ୍ଦ ବଲାଙ୍ଗୀରକୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ । ବଲାଙ୍ଗୀର୍ କ୍ଲବର ସ୍ୱସ୍ତିକ ସ୍ୱରୂପ ନାଏକ, ସୁଜ୍ଞାନେନ୍ଦ୍ର ଷଡ଼ଙ୍ଗୀ, ଶୋଭିତ କୁମାର ସାହୁ, ସିଦ୍ଧାର୍ଥ ଆର୍ଯ୍ୟନ ସାହୁ ରେପ୍ୟ ଏବଂ ଢେଙ୍କାନାଳର ଚନ୍ଦନ ସିଂହ, ବାଦଲ ବେହେରା, ରୁଦ୍ରନାରାୟଣ ପରିଡ଼ା, ସୁବ୍ରତ ପ୍ରଧାନ କାଂସ୍ୟ ପଦକ ଜିତିଥିଲେ ।

ମହିଳା ପେୟାର୍ସରେ ସାଇନା ନାଏକ, ରୋହିନୀ ନାଏକ(ବଲାଙ୍ଗୀର କ୍ଲବ୍), ଶ୍ୱେତଲାନା ବକ୍ସି, ରୋଶନୀ ସାହୁ (ବଲାଙ୍ଗୀର), ସୀମା ମୁଣ୍ଡା, ରୁକ୍ମଣୀ ମୁଣ୍ଡା (ସମ୍ବଲପୁର କ୍ଲବ୍) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଛନ୍ତି । ମହିଳା ଟ୍ରିପଲ୍ସରେ ବିଷ୍ଣୁପ୍ରିୟା ବହିଦାର, ରାଜେଶ୍ୱରୀ ସେଠ୍, ସୁନୟନା ବକ୍ସି (ବଲାଙ୍ଗୀର), ରୋନାଲି ସାହୁ, ଶ୍ରାବଣୀ ସେଠୀ, ଋତୁପର୍ଣ୍ଣା ପ୍ରଧାନ (ଢେଙ୍କାନାଳ) ଏବଂ ତବୁ ଛତ୍ରିଆ, ସନ୍ଧ୍ୟା ଶର୍ମା, ବାବି ପାତ୍ର (ବଲାଙ୍ଗୀର କ୍ଲବ୍) କ୍ରମାନ୍ୱୟରେ ଶୀର୍ଷ ୩ ସ୍ଥାନରେ ରହିଥିଲେ । ବାଳିକା ସିଙ୍ଗଲ୍ସରେ ଜେଏସ୍ଏମ୍ ବଲାଙ୍ଗୀରର କୁନି ପ୍ରତିଭା ଶ୍ୱେତା ଥେଲା, ସମ୍ବଲପୁରର ଲୀନା ହାରା, ବଲାଙ୍ଗୀର କ୍ଲବର ଶିଖା ରାଣୀ ପୋ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲେ । ମଙ୍ଗଳବାର ସଂଧ୍ୟାରେ ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଏସଡି ସୋନାଲି ଚାନ୍ଦ, ସ୍ୱରୂପାନନ୍ଦ ବେହେରା, ଗୀତା ଦାସ, କ୍ଷଣପ୍ରଭା ମହାନ୍ତି, ଓଡ଼ିଶା ବାସ୍କେଟବଲ୍ ସଂଘ ସମ୍ପାଦକ ଅଶୋକ ସାହୁ, ଓଡ଼ିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, କ୍ରୀଡ଼ା ବିଜ୍ଞାନୀ ସୌମିତ୍ର ମଣ୍ଡଳ, ଭାରତୀୟ ବୋଲିଂ ସଂଘ ବୈଷୟିକ ମୁଖ୍ୟ ନୀତୀନ ବାସ୍ୱାନି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ପୂର୍ବାଞ୍ଚଳ କରାଟେ ଓଡ଼ିଶାକୁ ୨୪ ପଦକ

ଭୁବନେଶ୍ୱର,୧।୧୦(ସବ୍ୟୁ): ବିହାରର ପାଟନା ଠାରେ ଅନୁଷ୍ଠିତ ୪ର୍ଥ ପୂର୍ବାଞ୍ଚଳ କରାଟେ ପ୍ରତିଯୋଗିତାରେ ଓଡ଼ିଶା ଦଳ ୧୨ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ , ୭ଟି ବ୍ରୋଞ୍ଜ ସହ ମୋଟ୍ ୨୪ଟି ପଦକ ହାସଲ କରିଛନ୍ତି। ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘ ଆନୁକୂଲ୍ୟରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ୧୪ ଜଣ ପୁରୁଷ ଓ ୮ଜଣ ମହିଳା ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜାତୀୟ କରାଟେ ସଂଘ ସଭାପତି ଭରତ ଶର୍ମା ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପୂର୍ବାଞ୍ଚଳ କରାଟେ ସଂଘର ସଭାପତି ପ୍ରେମଜିତ ସେନ୍ ଓ ସମ୍ପାଦକ ପଙ୍କଜ କାମଲି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ରାଜ୍ୟ କରାଟେ ସଂଘ ତରଫରୁ କୃତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ରାଜ୍ୟ ସ୍ତରୀୟ ବନ ବିଭାଗ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ଅନୁଗୁଳ,୨।୧୦(ସବ୍ୟୁ): ସ୍ଥାନୀୟ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜଠାରେ ୨ ଦିନିଆ ରାଜ୍ୟ ସ୍ତରାୟ ବନ ବିଭାଗ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଓଡିଶା ବନଖଣ୍ଡ ଉନ୍ନୟନ ନିଗମ (ଓଏଫ୍‌ଡିସି) ପରିଚାଳନା ନିର୍ଦ୍ଦେଶକ ସୁରେଶ ପନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଞ୍ଚଳିକ ମୁଖ୍ୟ ବନ ସରଂକ୍ଷକ ସୁଧାଂଶୁ ଶେଖର ଖରା, ବନ ସରଂକ୍ଷକ କାର୍ଷିକ ଭି ଓ ଫରେଷ୍ଟ ରେଞ୍ଜର୍ସ ଟ୍ରେନିଂ କଲେଜର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗିତାରେ ଅନୁଗୋଳ, ବ୍ରହ୍ମପୁର, ନବରଙ୍ଗପୁର ଓ ସମ୍ବଲପୁର ଜୋନର ପ୍ରାୟ ୩୭୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ଦିନରେ




୪୦୦, ୮୦୦,୧୫୦୦, ୧୦ହଜାର ମିଟର ୱାକ, ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର ରେସ୍, ସଟ ଫୁଟ୍ ଓ ଡିସକସ୍ ଥ୍ରୋ, ହାଇଜମ୍ପ, ବ୍ୟାଡମିଟନ, ଟେବୁଲ ଟେନିସ୍, ସନ୍ତ ରଣ ଭଳି ୨୧ଟି ଇଭେଣ୍ଟରେ ପ୍ରତିଯୋଗିତା ରହିଛି । ସେହିପରି ୨ୟ ଦିନରେ ୨୫ କି.ମି ମାରାଥନ, ୧୫୦୦ ମିଟର ରେସ୍, ୪୦୦ ମିଟର ରିଲେ ଭଳି ମୋଟ ୮ ଗୋଟି ଇଭେଣ୍ଟର ପ୍ରତିଯୋଗିତା କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନିତିଶ କୁମାର, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, ବିଭିନ୍ନ ବନଖଣ୍ଡର କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ ।

## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।










Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି